- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-239 ♦BHUBANESWAR ♦MONDAY ♦24 FEBRUARY 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୩୯ ♦ଭୁବନେଶ୍ୱର ♦ସୋମବାର ♦୨୪ ଫେବୃଆରୀ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦




# 'ବିରାଟ' ବିଜୟ

## ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନକୁ ହରାଇଲା ଭାରତ

■ **ଦୁବାଇ, ୨୩।୨ (ଏଜେନ୍ସି):** ବିରାଟ କୋହଲିଙ୍କ ଅପରାଜିତ ଶତକ ବଳରେ ଭାରତ ୬ ୱିକେଟରେ ପାକିସ୍ତାନକୁ ପରାସ୍ତ କରି ଏଠାରେ ରବିବାର ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫିର ଗ୍ରୁପ-ଏ' ଲିଗ୍ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଛି। ଏହା ଫଳରେ କ୍ରମାଗତ ବିଜୟ ସହ ଭାରତ ସେମିଫାଇନାଲରେ ପ୍ରବେଶ କରିବା ରାସ୍ତା ପରିଷ୍କାର କରିନେଇଛି। ଏହି ଗ୍ରୁପ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ବାଂଲାଦେଶକୁ ପରାସ୍ତ କରିଥିଲାବେଳେ ମାର୍ଚ୍ଚ ୨ରେ ଶେଷ ଲିଗ୍ ମ୍ୟାଚ୍ ନ୍ୟୁଜିଲାଣ୍ଡ ସହ ଖେଳିବ। ପାକିସ୍ତାନ କ୍ରମାଗତ ଦ୍ୱିତୀୟ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେବା ଆଶଙ୍କା ମଧ୍ୟକୁ ଚାଲିଯାଇଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ପ୍ରତିଦ୍ୱନ୍ଦ୍ୱୀ ଭାରତକୁ ମ୍ୟାଚ୍ ଜିତିବା ଲାଗି ୨୪୨ ରନ୍‌ର ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ୪୨.୩ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ଭାରତ ପକ୍ଷରୁ କୋହଲି ଚୌକା ମାରି ଭାରତକୁ ବିଜୟୀ କରାଇଥିଲାବେଳେ ଦିନିକିଆ ▶ପୃଷ୍ଠା-୭

## କୁଟ୍ଟୁରା ଭାବି ଗୁଳି; ଶଳା ମୃତ

■ **ଢେଙ୍କାନାଳ, ୨୩।୨ (ସମିସ):** କାଳ ହେଲା କୁଟ୍ଟୁରା ଶିକାର। ଭିଣୋଇ ଗୁଳିମାଡ଼ରେ ଗଲା ଶଳାର ଜୀବନ। ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ କଳାଙ୍ଗ ପଞ୍ଚାୟତ ଫାଶି ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ଗୋବିନ୍ଦ ଚନ୍ଦ୍ର ନାୟକ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଭିଣୋଇ ରମେଶ ଚନ୍ଦ୍ର ନାଏକକୁ ଗିରଫ କରି କୋର୍ଟଚାଲାଣ କରିଛି। ରମେଶର ଘର ରାସୋଳ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2025

Empowering students for a brighter future

NURSING PROGRAMMES OFFERED
- B.SC. (Nursing) (Basic)
- B.SC. (Nursing) (Post Basic)
- M.SC. (Nursing)

APPROVAL & RECOGNITIONS
- Approved by UGC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 21st Best in Medical Category
- 09th Best in Dental Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ଦାଦନଗଡ଼ରେ ଆଣ୍ଟେଇଛି 'ମନରେଗା'

## ସରକାର ବଦଳିବା ପରେ ବଦଳିଗଲା ଆଭିମୁଖ୍ୟ

- ▶ କାମ ସଂପୂର୍ଣ୍ଣତା ହାର ମାତ୍ର ୧୩.୬୨ ପ୍ରତିଶତ
- ▶ ୨୦୨୪-୨୫ ଆର୍ଥିକ ବର୍ଷରେ ୧୪୬୦୦ ମଞ୍ଜୁର
- ▶ ସରିଛି ମାତ୍ର ୧୯୮ ୯ ପ୍ରକଳ୍ପ କାମ



■ **ଭୁବନେଶ୍ୱର/ବଲାଙ୍ଗିର, ୨୩।୨ (ସମିସ):** ଦାଦନ ଜିଲ୍ଲାରେ ଝୁଣ୍ଟିଛି ମନରେଗା ଯୋଜନା। ଯେଉଁ ମନରେଗାକୁ ଦିନେ ବିଜେପି ଦାଦନ ରୋକିବା ପାଇଁ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ତତକାଳିନ ସରକାରଙ୍କୁ ପରାମର୍ଶ ଦେଉଥିଲା ସେହି ଦଳର ସରକାର ସମୟରେ ଆଜି ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟ ସଂପୂର୍ଣ୍ଣ ହାର ମାତ୍ର ୧୪ ପ୍ରତିଶତ। ଶିଳ୍ପ ବିହୀନ ବଲାଙ୍ଗିର ଜିଲ୍ଲାରେ ଶ୍ରମିକମାନଙ୍କ କର୍ମସଂସ୍ଥାନ ବ୍ୟବସ୍ଥା କରିବାର ଏକମାତ୍ର ରାସ୍ତା ହେଉଛି ମନରେଗା ଯୋଜନା। ଏହି ଯୋଜନାରେ ପ୍ରତିବର୍ଷ ପଞ୍ଚାୟତସ୍ତରରେ ଥିବା ଶ୍ରମିକମାନଙ୍କୁ କାମ ଯୋଗାଇ ଦିଆଯାଇଥାଏ। କିନ୍ତୁ ରାଜ୍ୟରେ ସରକାର ପରିର୍ତ୍ତନ ହେବା ପରେ ମନରେଗାକୁ ସଂପୂର୍ଣ୍ଣ ଅଣଦେଖା କରି ରଖାଯାଇଥିବା ଅଭିଯୋଗ ହୋଇଛି।

ଗାଁରେ ଶ୍ରମିକମାନଙ୍କୁ କର୍ମସଂସ୍ଥାନର ବ୍ୟବସ୍ଥା କରାଯାଇଥିଲା। କୋଭିଡ ସମୟରେ ମଧ୍ୟ ବାହାର ରାଜ୍ୟରୁ ଫେରିଥିବା ଶ୍ରମିକଙ୍କ ନିଜ ଭିଟାମାଟିରେ କାମ ଦେଇ ନିୟୋଜିତ କରାଯାଇଥିଲା। ବଲାଙ୍ଗିର ଜିଲ୍ଲାରେ କୌଣସି ଶିଳ୍ପ ନଥିବାରୁ ବିଶେଷ କରି ଶ୍ରମିକ ଶ୍ରେଣୀର ଲୋକଙ୍କୁ କାମ ଯୋଗାଇବା ପାଇଁ ମନରେଗା ବା ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାକୁ ସରକାର ଅସ୍ତ୍ର ଭାବେ ବ୍ୟବହାର କରୁଥିଲେ।ଏହି ଯୋଜନାରେ ହେଉଥିବା ପ୍ରକଳ୍ପ ମାନଙ୍କରେ ପ୍ରାୟ ୬୦ ପ୍ରତିଶତ ରାଶି ଶ୍ରମିକ ମାନଙ୍କୁ ପ୍ରଦାନ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ଏହି ଯୋଜନା ବଲାଙ୍ଗିର ଜିଲ୍ଲାରେ ଆଣ୍ଟେଇ ପଡିଥିବା ଦେଖିବାକୁ ମିଳିଛି। ପୂର୍ବବର୍ଷ ମାନଙ୍କରେ ହେଉଥିବା କାମ ଓ ତାହାର ସଂପୂର୍ଣ୍ଣତା ହାର ୫୦ ଉପରେ ରହୁଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ହାର ୧୫ ପ୍ରତିଶତରୁ ବି କମ ରହିଛି। ମନରେଗା ତଥ୍ୟ ଅନୁସାରେ ବଲାଙ୍ଗିର ଜିଲ୍ଲାରେ ୨୦୨୧-୨୨ ଆର୍ଥିକ ▶ପୃଷ୍ଠା-୭


Handcrafting blessings since 1936

KHIMJI TRUST SINCE 1936

KHIMJI JEWELLERS SINCE 1936



Wedding Collection 2025

Experience the timeless beauty of our Antique Bridal Choker cum Necklace, adorned with exquisite colored stones and Kundan. Meticulously handcrafted by master artisans, This masterpiece weaves tradition and elegance into every detail an heirloom of enduring beauty.

UP TO 50% OFF* On Gold Jewellery making charges

UP TO 20% OFF* On Diamonds

100% BIS Hallmarked HUID Pure Gold Jewellery | 100% Exchange of Old Gold | Fair Price Policy | Free Insurance on Diamonds | Tested and Certified Diamonds | Safe Gold Purchase Scheme | Lifetime Buyback Guarantee

STORES ONLY AT: BHUBANESWAR 621, Saheed Nagar, Janpath | BHUBANESWAR 309, District Centre Chandrasekharpur | BHUBANESWAR 5089, Soubhagya Nagar | BHUBANESWAR 551/1815/1816, Samantarapur Chowk | BERHAMPUR Venkatraju Arcade Sano Bazar | CUTTACK 558/834 Cantonment Road | JHARSUGUDA Sarbahal Road Marwadi Para | PURI Opp. Police Line VIP Road | ROURKELA Kesar Bhawan Main Road | ANGUL (Opening Soon) | JAJPUR ROAD (Opening Soon)

89 Years Of Trust

www.khimjijewellers.com | 1800-313-1777

Follow us on:

*T&C Apply.

# ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୮୨୧- ମେକ୍ସିକୋ ସ୍ପେନ୍‌ଠାରୁ ସ୍ୱାଧୀନତା ହାସଲ କଲା।
- ୧୮୨୨- ଅହମ୍ମଦାବାଦରେ ସ୍ୱାମୀ ନାରାୟଣ ମନ୍ଦିରର ଉଦ୍‌ଘାଟନ ହେଲା।
- ୧୯୨୪-ଭଏସ୍ ଅଫ୍ ଆମେରିକାର ପ୍ରସାରଣ ଆରମ୍ଭ ହେଲା।
- ୧୯୬୧-ମାଡ୍ରାସ ସରକାର ରାଜ୍ୟର ନାମ ବଦଳାଇ ତାମିଲନାଡୁ ରଖିଲେ।
- ୧୯୭୯ - ଉତ୍ତର ଓ ଦକ୍ଷିଣ ୟେମେନ ମଧ୍ୟରେ ଯୁଦ୍ଧ ଆରମ୍ଭ।
- ୨୦୧୮ - ବଲିଉଡ୍ ଅଭିନେତ୍ରୀ ଶ୍ରୀଦେବୀଙ୍କ ପରଲୋକ।




## ଚର୍ଚ୍ଚାରେ ଡାକ୍ତର

## ଦେଢ଼ମାସରେ କମାଇଲେ ୨୫ କେଜି ଓଜନ

ଅନେକ ଡାକ୍ତର ଲୋକଙ୍କୁ ଓଜନ କମ୍ କରିବା ଲାଗି ପରାମର୍ଶ ଦେଇଥାନ୍ତି, କିନ୍ତୁ ନିଜେ ମେଦବହୁଳତାର ଶିକାର ହୋଇଥାନ୍ତି। ଏହି କ୍ରମରେ ଚୀନ୍‌ର ଜଣେ ଡାକ୍ତର ୪୨ ଦିନରେ ୨୫ କେଜି ଓଜନ କମାଇ ଚର୍ଚ୍ଚା ସାଉଁଟୁଛନ୍ତି। ଏଥିଲାଗି ସେ ଏକ ଫିଟ୍‌ନେସ୍ ପ୍ରତିଯୋଗିତାରେ ମଧ୍ୟ ଏକାଧିକ ପୁରସ୍କାର ଲାଭ କରିଛନ୍ତି। ୩୧ ବର୍ଷୀୟ ଉ ଟିୟାନଗେନ ଝୋଙ୍ଗନାନ ହସ୍‌ପିଟାଲରେ ସର୍ଜନ ଅଛନ୍ତି। ଲଗାତାର ସେ ହସ୍‌ପିଟାଲରେ ବସିରହି କାମ କରିବା ଯୋଗୁଁ ତାଙ୍କ ଓଜନ ବୃଦ୍ଧି ପାଉଥିଲା। ଏହାପରେ ସେ ତାଙ୍କର ଫିଟ୍‌ନେସ୍ ଯାତ୍ରା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଲେ। ମୁଖ୍ୟତଃ ସେ ତାଙ୍କ ରୋଗୀଙ୍କୁ ପ୍ରେରିତ କରିବା ଲାଗି ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଗୁରୁତ୍ୱ ଦେଲେ। ୨୦୨୩ରେ ସେ ତାଙ୍କର ସାମାନ୍ୟ ଫ୍ୟାଟି ଲିଭର୍ ସମସ୍ୟା ଥିବା ଜାଣିବାକୁ ପାଇଥିଲେ। ସେତେବେଳେ ତାଙ୍କର ଓଜନ ୯୭.୫ କେଜି ଥିଲା। ଏହିସମୟରେ ସେ ମୋଟାପଣରେ ଆକ୍ରାନ୍ତ ଲୋକଙ୍କର ସର୍ଜରୀ ମାଧ୍ୟମରେ ଓଜନ ହ୍ରାସ କରୁଥିଲେ। ହେଲେ ନିଜ ସ୍ୱାସ୍ଥ୍ୟକୁ ଦେଖି ସେ ନିଜେ ଓଜନ ହ୍ରାସ କରିବାକୁ ଚାହିଁଲେ। ଯଦି ସେ ନିଜକୁ ଏଥିରୁ ରକ୍ଷା କରି ନ ପାରିବେ, ତେବେ ଅନ୍ୟ କାହାକୁ କିଭଳି ମେଦବୃଦ୍ଧିରୁ ରକ୍ଷା କରିବେ ବୋଲି ଉ ଭାବିଲେ। ସେଇଠୁ ସେ ପ୍ରତିଷ୍ଠିତ ଖେଳାଳି ଶି ଫ୍ୟାନ୍‌ଙ୍କୁ କୋଚ୍ ଭାବେ ନିଯୁକ୍ତ କଲେ। ଦୁହେଁ ମିଶି ଫିଟ୍‌ନେସ୍ ଯାତ୍ରାର ଯୋଜନା ପ୍ରସ୍ତୁତ କଲେ। ଉ ଦିନକୁ ଦୁଇ ଘଣ୍ଟା ବ୍ୟାୟାମ କରିବା ସହ ୬ ଘଣ୍ଟା ଶୋଇବାକୁ ପ୍ରାଧାନ୍ୟ ଦେଲେ। ଅବଶ୍ୟ ତାଙ୍କ ପ୍ରଚେଷ୍ଟା ଏଭଳି ଥିଲା ଯେ, ସେ ମାତ୍ର ୬ ସପ୍ତାହରେ ଓଜନ କମ୍ କରିବାରେ ସଫଳ ହେଲେ। ଏହାପରେ ସେ ଟିଆନରୁଇ କପ୍ ଫିଟ୍‌ନେସ୍ ଆଣ୍ଡ ବଡି ବିଲ୍ଡିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଏକାଧିକ ପୁରସ୍କାର ଜିତିଥିଲେ। ସେହିପରି ଶୀଘ୍ର ଓଜନ କମ୍ କରିବା ଲାଗି ସେ କମ୍ ଖାଦ୍ୟ ମଧ୍ୟ ଖାଉ ନ ଥିଲେ। ତେବେ ଓଜନ କମ୍ କରିବା ଲାଗି ସେ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରି ତାହାକୁ ପାଳନ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଆଜି ସେ ନିଜେ ସୁସ୍ଥ ଜୀବନ ଅତିବାହିତ କରୁଥିବା ବେଳେ ୧୦୦ ଜଣଙ୍କର ଓଜନ ହ୍ରାସ କରିବାରେ ସଫଳ ହୋଇଛନ୍ତି।

## ହାତରେ ପାହାଡ଼ ଚଢ଼ା

ପାହାଡ଼ ଚଢ଼ିବା ଆଦୌ ସହଜ କାମ ନୁହେଁ। ଏଭଳି ଦୁଃସାହସିକ ତଥା ବିପଦପୂର୍ଣ୍ଣ କାର୍ଯ୍ୟରେ ଜୀବନହାନିର ଆଶଙ୍କା ରହିଥାଏ। ଏହିକ୍ରମରେ ଚୀନ୍‌ର ଜଣେ ବ୍ୟକ୍ତି ହାତରେ ପାହାଡ଼ ଚଢ଼ି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ୩୮ ବର୍ଷୀୟ ସନ ଗୁଓ ଶାନ୍ ୨୦୨୩ ମସିହାରେ ହାତରେ ପାହାଡ଼ ଚଢ଼ିବା ଅଭ୍ୟାସ ଆରମ୍ଭ କରିଥିଲେ। ୨୦୨୫ ଶେଷ ସୁଦ୍ଧା ସେ ଚୀନ୍‌ର



୫୦ଟି ସବୁଠୁ ଲୋକପ୍ରିୟ ଏବଂ ଉଚ୍ଚ ପାହାଡ଼ ଚଢ଼ିବା ଲକ୍ଷ୍ୟ ରଖିଛନ୍ତି। ପ୍ରଥମେ ସେ ଶିକ୍ଷକତା କରୁଥିଲେ। କୋଭିଡ୍ ସମୟରେ ସେ ସ୍ୱାସ୍ଥ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଏହି କାମରେ ନିଜକୁ ନିୟୋଜିତ କଲେ। ୨୦୨୪ରେ ସେ ହାତରେ ପାହାଡ଼ ଚଢ଼ିବା ଆରମ୍ଭ କଲେ। ୨୦୨୪ ନଭେମ୍ବରରେ ସେ ହାତକୁ ଉପଯୋଗ କରି ୧୬୧୨ ମିଟର ଉଚ୍ଚତା ବିଶିଷ୍ଟ ବୁଡାଙ୍ଗ ପର୍ବତର ସବୁଠୁ ଉଚ୍ଚ ଗିରିଶୃଙ୍ଗ ଚଢ଼ିଥିଲେ। ଏହି ସମୟର ଏକ ଭିଡିଓ ଭାଇରାଲ ହେବାରୁ ସେ ଚର୍ଚ୍ଚାକୁ ଆସିଲେ। ଗତବର୍ଷ ଡିସେମ୍ବରରେ ସେ ହାତରେ ତିଆନମେନ ପର୍ବତର ୯୯୯ଟି ଶିଢ଼ି ଚଢ଼ିଥିଲେ। ଏଥିଲାଗି ତାଙ୍କୁ ୫ ଘଣ୍ଟା ଲାଗିଥିଲା। ତେବେ ଏ ପର୍ବତ ଚଢ଼ା ଥିଲା ତାଙ୍କ ପାଇଁ ଖୁବ୍ କଷ୍ଟକର। କାରଣ ଚଢ଼ିବା ବେଳେ ଅନେକ ଥର ସେ ଶିଢ଼ିରୁ ଖସି ପଡ଼ିଥିଲେ। ଅନ୍ୟପଟେ ଏହି ଭିଡିଓକୁ ଦେଖି ଲୋକେ ତାଙ୍କ ସାହସ ଓ ଧୈର୍ଯ୍ୟର ଖୁବ୍ ପ୍ରଶଂସା କରୁଛନ୍ତି।

## ପ୍ରଯୋଜନାକୁ ରଣବୀରଙ୍କ ନା



ବଲିଉଡ୍ ଅଭିନେତା ରଣବୀର ସିଂହ ତାଙ୍କର ଆଗାମୀ ଫିଲ୍ମଗୁଡ଼ିକର ସୁଟିଂରେ ଏବେ ବ୍ୟସ୍ତ ଅଛନ୍ତି। ବହୁତ ଜଲ୍‌ଦି ସେ ତାଙ୍କର ଏକ ପ୍ରଡକ୍ସନ ହାଉସ୍ ଲଞ୍ଚ୍ କରିବେ ବୋଲି ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ରଣବୀର ପ୍ରଡକ୍ସନ କମ୍ପାନିର ନାମ ପଞ୍ଜିକରଣ କରାଇବା ସହ ମୁମ୍ବାଇସ୍ଥିତ ତାଙ୍କ ବାସଭବନ ପ୍ରଭାଦେବୀ ଆପାର୍ଟମେଣ୍ଟ ନିକଟରେ ଏହାର ଅଫିସ୍ କରାଉଥିବା କଥା ଅନେକ ରିପୋର୍ଟରେ ପ୍ରକାଶ ପାଇଛି। ରଣବୀରଙ୍କ ଏହି ପ୍ରଡକ୍ସନ୍ ହାଉସ୍ ଏକ ବଡ଼ ପ୍ରୋଜେକ୍ଟ ଉପରେ କାମ କରିବ। ଅବଶ୍ୟ ଏକଥାକୁ ରଣବୀରଙ୍କ ଟିମ୍ ଗୁଜବ କହିବା ସହ ସେ ତାଙ୍କର ଆଗାମୀ ଫିଲ୍ମଗୁଡ଼ିକର ସୁଟିଂରେ ବ୍ୟସ୍ତ ଅଛନ୍ତି ବୋଲି ପ୍ରତିକ୍ରିୟା ଦେଇଛନ୍ତି। ଏଥିରୁ ରଣବୀର ଏବେ ପ୍ରଯୋଜନା କ୍ଷେତ୍ରରେ ପାଦ ଦେଉ ନାହାନ୍ତି ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର'ର ସୁଟିଂରେ ରଣବୀର ଏବେ ବ୍ୟସ୍ତ ଅଛନ୍ତି। ଏଥିରେ ସେ ସଞ୍ଜୟ ଦତ୍ତ, ଅର୍ଜୁନ୍ ରାମପାଲ, ଅକ୍ଷୟ ଖାନ୍ନା ଓ ଆର୍. ମାଧବନ୍‌ଙ୍କ ସହ ନଜର ଆସିବେ। ସେ ଏହି ଫିଲ୍ମରେ 'ର' ଏଜେଣ୍ଟ ଭୂମିକାରେ ଅଭିନୟ କରିବେ। ଫିଲ୍ମର ସୁଟିଂ ସେଟ୍‌ରୁ ଇତିମଧ୍ୟରେ କିଛି ଫଟୋ ଭାଇରାଲ ହୋଇଛି। ଏଥିରେ ରଣବୀର ନିଶ ଦାଢ଼ି ସହ ଲମ୍ବା କେଶରେ ନଜର ଆସିଛନ୍ତି। ଏହାବ୍ୟତୀତ ସେ ଫରହାନ୍ ଅଖତରଙ୍କ ଫିଲ୍ମ 'ଡନ୍-୩'ରେ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ।

## ମହାଶିବରାତ୍ରି



**ମହାଶିବରାତ୍ରି ହେଉଛି ଦେବ ଦେବ ମହାଦେବଙ୍କ ଆରାଧନାର ବିଶେଷ ଦିନ। ଏହିଦିନର ଖୁବ୍ ମହତ୍ତ୍ୱ ରହିଛି। ଶିବ ପୁରାଣ ଅନୁସାରେ, ମହାଶିବରାତ୍ରିରେ ଭଗବାନ ଶିବ ସୃଷ୍ଟି, ସ୍ଥିତି ଓ ପ୍ରଳୟର ମହାତାଣ୍ଡବ ନୃତ୍ୟ କରିଥିଲେ। ଏହିଦିନ ଶିବ-ପାର୍ବତୀଙ୍କ ବିବାହ ହୋଇଥିଲା ବୋଲି ମଧ୍ୟ କୁହାଯାଏ।**

ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପଡ଼ିଥାଏ ମହାଶିବରାତ୍ରୀ। ଭୋଳାନାଥଙ୍କ ଭକ୍ତମାନେ ଏହି ଦିନକୁ ବେଶ୍ ଶ୍ରଦ୍ଧା, ଭକ୍ତି ତଥା ନିଷ୍ଠାରେ ପାଳନ କରନ୍ତି। ଅନେକ ଭକ୍ତ ନିର୍ଜଳା ଉପବାସ କରି ଜାଗର ବ୍ରତ ପାଳନ କରିଥାନ୍ତି। ଏଥିପାଇଁ ଶୈବପୀଠଗୁଡ଼ିକ ଉତ୍ସବମୁଖର ହୋଇଥାଏ। ସର୍ବତ୍ର ଗୁଞ୍ଜରିତ ହେଉଥାଏ ଶିବ ପଞ୍ଚାକ୍ଷରୀ ମନ୍ତ୍ର। ଶ୍ରଦ୍ଧାଳୁମାନେ ଶିବଲିଙ୍ଗରେ ଗଙ୍ଗାଜଳ, କ୍ଷୀର, ବେଲପତ୍ର, ଫୁଲ ଫଳମୂଳ ଆଦି ଚଢ଼ାଇ ପୂଜାର୍ଚ୍ଚନା କରିଥାନ୍ତି। ବର୍ଷକର ଏହିଦିନରେ ହିଁ ଶିବଙ୍କୁ କେତକୀ ଫୁଲ ଅର୍ପଣ କରାଯାଏ। ଏହିଦିନ ଭକ୍ତମାନେ ରାତ୍ରି ଉଜାଗର ରହି ଦୀପ ପ୍ରଜ୍ୱଳନ କରୁଥିବାରୁ ଏହାକୁ 'ଜାଗର' ବୋଲି କୁହାଯାଏ। ଭକ୍ତମାନେ ବିଳମ୍ବିତ ରାତ୍ରିରେ ମହାଦୀପ ଦର୍ଶନ ପୂର୍ବକ ବ୍ରତ ସମାପନ କରିଥାନ୍ତି। ଶିବ ହେଲେ ମଙ୍ଗଳମୟ। ମହାଶିବରାତ୍ରୀ ଭଳି ଦିନରେ ତାଙ୍କ ଉପାସନାରେ ଭୋଳାଶଙ୍କର ପ୍ରସନ୍ନ ହୋଇ ଭକ୍ତଙ୍କ ମନୋବାଞ୍ଛା ପୂରଣ କରିଥାନ୍ତି ବିଶ୍ୱାସ ରହିଛି।

## ସ୍ୱସ୍ତି

## ଗୀତାବାଣୀ

ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ।
ମନଃ ସଂଯମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ॥



ଯାହାଙ୍କର ଅନ୍ତଃକରଣ ଶାନ୍ତ, ଯେ ଭୟ ରହିତ ଓ ବ୍ରହ୍ମଚର୍ଯ୍ୟ ବ୍ରତରେ ସ୍ଥିତ, ଏପରି ସାବଧାନ ଯୋଗୀ ମନ ସଂଯମପୂର୍ବକ ମୋ'ଠାରେ ଚିତ୍ତ ନିବିଷ୍ଟ କରି ମତ୍ପରାୟଣ ହୋଇ ବସନ୍ତୁ।

(ଷଷ୍ଠୋଽଧ୍ୟାୟଃ- ଶ୍ଳୋକ-୧୪)

## ଶିବପୂଜାର ନୀତିନିୟମ

- ସୋମବାର ଦିନ ଶିବ ପୂଜା ପାଇଁ ସବୁଜ, ଲାଲ୍, ଧଳା, ଗେରୁଆ, ହଳଦିଆ କିମ୍ବା ହାଲ୍‌କା ନୀଳ ରଙ୍ଗର ବସ୍ତ୍ର ପିନ୍ଧନ୍ତୁ।
- କଳାରଙ୍ଗର ବସ୍ତ୍ର ପିନ୍ଧନ୍ତୁ ନାହିଁ।
- ଶିବପୂଜାରେ ତୁଳସୀ ପତ୍ର ବ୍ୟବହାର କରନ୍ତୁ ନାହିଁ।
- ପୂଜା ସମୟରେ ନଡ଼ିଆକୁ ଭୋଗ କରିପାରିବେ। କିନ୍ତୁ ନଡ଼ିଆ ଜଳରେ ଶିବଙ୍କ ଅଭିଷେକ କରନ୍ତୁ ନାହିଁ।
- ସୁଖସମୃଦ୍ଧି ବୃଦ୍ଧି ପାଇଁ ସ୍ନାନ କରିବା ପରେ ୧୦୮ ଥର ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରନ୍ତୁ।



## ଶିବରାତ୍ରିରେ ଦୁର୍ଲଭ ସଂଯୋଗ: ତିନି ରାଶି ପାଇଁ ଶୁଭ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏଥର ଶିବରାତ୍ରୀରେ ଦୁର୍ଲଭ ସଂଯୋଗ ହେବ। ପ୍ରାୟ ୬୦ ବର୍ଷ ପରେ ସୂର୍ଯ୍ୟ, ବୁଧ ଏବଂ ଶନି କୁମ୍ଭ ରାଶିରେ ପ୍ରବେଶ କରିବେ। ଶେଷଥର ପାଇଁ ଏହି ଦୁର୍ଲଭ ତ୍ରିଗ୍ରହୀ ଯୋଗ ୧୯୬୫ ମସିହାରେ ଘଟିଥିଲା। କୁହାଯାଏ, ଏହି ଦୁର୍ଲଭ ସଂଯୋଗରେ ଶିବ ପୂଜା କରିବା ଦ୍ୱାରା ମନସ୍କାମନା ଶୀଘ୍ର ପୂରଣ ହୁଏ। ତେବେ ଏହି ଦୁର୍ଲଭ ସଂଯୋଗ କେବଳ ତିନି ରାଶି ପାଇଁ ଅତ୍ୟନ୍ତ ଶୁଭ ଏବଂ ଲାଭକାରୀ।**

**ମେଷ:** ମେଷ ରାଶି ପାଇଁ ଏହା ଅତ୍ୟନ୍ତ ଶୁଭ। ଏହିଦିନରୁ ଭଲ ସମୟ ଆରମ୍ଭ ହେବ। ସମସ୍ତ ଇଚ୍ଛା ପୂରଣ ହେବ। ଧନଲାଭ ସାଙ୍ଗକୁ ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ନୂଆ ଚାକିରି ଓ ପଦୋନ୍ନତି ହେବ। କାର୍ଯ୍ୟାଳୟରେ ଖୁବ୍ ପ୍ରଶଂସା ମିଳିବ।

**ମିଥୁନ:** ଏହି ଦିନରୁ ମିଥୁନ ରାଶି ବ୍ୟକ୍ତିଙ୍କ ଆର୍ଥିକ ସ୍ଥିତି ମଜଭୁତ ହେବ। ଧନ ସମ୍ବନ୍ଧିତ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସମାଜରେ ମାନ, ସମ୍ମାନ ବୃଦ୍ଧି ହେବ। ମାନସିକ ସ୍ତରରେ ପ୍ରସନ୍ନ ରହିବେ।

**ସିଂହ:** ନିବେଶ କରିବା ପାଇଁ ଉତ୍ତମ ସମୟ। ବ୍ୟବସାୟରେ ଲାଭ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ଆସିବ। ଦୀର୍ଘଦିନରୁ ଚାଲିଥିବା ବିବାଦର ସମାଧାନ ହେବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଜମିବାଡ଼ି କାମରେ ସଫଳତା ମିଳିବ।

## ପ୍ରଶ୍ନୋତ୍ତର

୧. ପଶୁପତି କେଉଁ ଦେବତାଙ୍କୁ କୁହାଯାଏ?
୨. କର୍ଣ୍ଣଙ୍କ ପୁଅ କିଏ?
୩. ଅର୍ଜୁନଙ୍କ ଶଙ୍ଖର ନାମ କ'ଣ?
୪. ଅରୁଣଙ୍କୁ ଗାଣ୍ଡିବ ଧନୁ କିଏ ଉପହାରରେ ଦେଇଥିଲେ?
୫. ଭରତଙ୍କ ରାଜଧାନୀର ନାମ କ'ଣ ଥିଲା?

**ଉତ୍ତର:** (୧) ମହାଦେବ (୨) ବୃଷକେତୁ (୩) ଦେବଦତ୍ତ (୪) ଅଗ୍ନିଦେବ (୫) ନନ୍ଦିଗ୍ରାମ

## ଶଙ୍କରଙ୍କ ସ୍ୱରୂପ

**ଭଗବାନ ଶିବଙ୍କ ରୂପ ଯେତିକି ବିଚିତ୍ର, ସେତିକି ଆକର୍ଷଣୀୟ ମଧ୍ୟ। ତାଙ୍କ ଆସ୍ଥାନ, ବସନ, ଭୂଷଣ, ବାହନ ସବୁ ଅନନ୍ୟ। ଶଙ୍କର ଯାହା ଧାରଣ କରିଥାନ୍ତି, ସେସବୁର ଅର୍ଥ ମଧ୍ୟ ଖୁବ୍ ବ୍ୟାପକ। ଏହି ସ୍ୱରୂପ ହିଁ ସୂଚାଏ ସେ ବିରାଟ ଓ ଅନନ୍ତ। ତାଙ୍କରିଠାରେ ହିଁ ସୃଷ୍ଟି ସମାହିତ ହୋଇଅଛନ୍ତି।**

**ଜଟା:** ଶିବଙ୍କ ଜଟା ମହାକାଶର ପ୍ରତୀକ। ସେଥିପାଇଁ ତାଙ୍କ ନାମ 'ବ୍ୟୋମକେଶ'।

**ଚନ୍ଦ୍ର: ଶିବଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ରହିଛି।** ଚନ୍ଦ୍ର ମନର ପ୍ରତୀକ। ଶିବଙ୍କ ମନ ଚାନ୍ଦ ଭଳି ନିର୍ମଳ, ଉଜ୍ଜ୍ୱଳ, ଜାଗ୍ରତ ଓ କୋମଳ ଏଥିରୁ ବୁଝାପଡ଼େ। ସେଥିପାଇଁ ତାଙ୍କର ଅନ୍ୟ ନାମ ଭାଲଚନ୍ଦ୍ର ଓ ଚନ୍ଦ୍ରଶେଖର।

**ତ୍ରିନେତ୍ର:** ଶିବଙ୍କର ତିନିଟି ନେତ୍ର ଥିବାରୁ ତାଙ୍କୁ କୁହାଯାଏ 'ତ୍ରିଲୋଚନ'। ଶିବଙ୍କ ଏହି ତିନି ଆଖି ରଜ, ସତ୍ତ୍ୱ ଓ ତମ (ତିନି ଗୁଣ), ଭୂତ, ବର୍ତ୍ତମାନ ଓ ଭବିଷ୍ୟତ (ତିନିକାଳ), ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ (ତିନି ଲୋକ)ର ପ୍ରତୀକ।

**ସର୍ପହାର:** ସାପ ଭଳି ଭୟଙ୍କର ଜୀବକୁ ମଧ୍ୟ ସେ ନିଜ ବଶରେ ରଖିଛନ୍ତି। ଶିବଙ୍କ ଅନ୍ୟନାମ ଭୁଜଙ୍ଗଭୂଷଣ।

**ତ୍ରିଶୂଳ:** ଶିବଙ୍କ ହାତରେ ଥିବା ତ୍ରିଶୂଳ ଭୌତିକ, ଦୈବିକ, ଆଧ୍ୟାତ୍ମିକ ତାପକୁ ନଷ୍ଟ କରିଥାଏ। ସେଥିପାଇଁ ତାଙ୍କ ନାମ ଶୂଳପାଣି।

**ଡମରୁ:** ଡମରୁ ବା ଡମ୍ବରୁକୁ ସେ ତାଣ୍ଡବ ନୃତ୍ୟ ସମୟରେ ବଜାନ୍ତି। ଡମରୁ ନାଦ ହିଁ ବ୍ରହ୍ମାଙ୍କ ରୂପ।



**ଛାଲ:** ବାଘ ହିଂସା ଓ ଅହଂକାରର ପ୍ରତୀକ। ବାଘ ଛାଲ ପିନ୍ଧି ଶିବ ହିଂସା ଓ ଅହଂକାରକୁ ଦମନ କରିଥିବା ଜଣାଇଛନ୍ତି।

**ଭସ୍ମ:** ଶିବ ସର୍ବାଙ୍ଗରେ ଭସ୍ମ ବୋଳି ହୋଇଥାନ୍ତି। ଭସ୍ମ ଲେପ ସୂଚାଏ ଯେ, ଏହି ସଂସାର ନଶ୍ୱର।

**ବୃଷଭ:** ଶିବଙ୍କ ବାହନ ବୃଷଭ। ବୃଷଭ ସବୁବେଳେ ଶିବଙ୍କ ସହ ହିଁ ରହିଥାନ୍ତି। ଧର୍ମର ପ୍ରତୀକ ବୃଷଭ। ତାଙ୍କ କୃପାରୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତି ହୁଏ।


ପ୍ରୟାଗରାଜ ତ୍ରିବେଣୀ ସଙ୍ଗମରେ ସପରିବାରେ ବୁଡ଼ ପକାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ

# ସରକାର ବଦଳିଲା; ନିୟମ ବଦଳିଗଲା !

- ସାପ କାମୁଡ଼ାଜନିତ ମୃତ୍ୟୁ ଅନୁକମ୍ପା ରାଶି ବନ୍ଦ
- ୬ ମାସ ପରେ ବି ସହାୟତା ରାଶି ଅପେକ୍ଷାରେ ଅନେକ ପରିବାର
- ସରକାରୀ ୱେବ୍‌ସାଇଟ୍‌ରୁ ମୃତ୍ୟୁସଂଖ୍ୟା ସହାୟତା ତଥ୍ୟ ଉଭାନ୍
- ମୃତକଙ୍କ ପରିବାରକୁ ପୂର୍ବ ସରକାର ଦେଉଥିଲେ ୪ ଲକ୍ଷ ସହାୟତା

**ଭୁବନେଶ୍ୱର,୨୩।୨(ସମିସ):** ରାଜ୍ୟରେ ପ୍ରତିବର୍ଷ ଶହଶହ ଲୋକ ସର୍ପଦଂଶନରେ ମୃତ୍ୟୁବରଣ କରୁଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାର ସର୍ପଦଂଶନ ଜନିତ ମୃତ୍ୟୁକୁ ଅନ୍ୟ ବିପର୍ଯ୍ୟୟ ବର୍ଗରେ ସାମିଲ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ ବ୍ୟବସ୍ଥା କରିଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ରାଜ୍ୟରେ ସର୍ପଦଂଶନରେ ପ୍ରାଣ ହରାଉଥିବା ଲୋକଙ୍କ ପରିବାରକୁ ଏହି ଅନୁକମ୍ପାରାଶି ଆଉ ମିଳୁନାହିଁ। ଅନେକ ପରିବାର ନିଜ ପରିଜନଙ୍କୁ ହରାଇଥିଲେ ମଧ୍ୟ ଅନୁକମ୍ପା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ଫଳରେ ରାଜ୍ୟ ସରକାର ଏହି ସହାୟତା ରାଶି ବନ୍ଦ କରି ଦେଲେ କି ବୋଲି ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

୨୦୨୪ ଅଗଷ୍ଟ ୨୩ ତାରିଖରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ପଥୁରା ଅଞ୍ଚଳର ଲକ୍ଷ୍ମୀକାନ୍ତ ବେହେରାଙ୍କ ବଡ଼ ପୁଅ ପ୍ରବୀଣ (୫ ବର୍ଷ) ମୁଣ୍ଡକୁ ନାଗ ସାପ କାମୁଡ଼ିଥିଲା। ତାକୁ ତୁରନ୍ତ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଣାଯାଇଥିଲା। ଡ଼ାକ୍ତରଖାନାରେ ସାପକାମୁଡ଼ା ଇଞ୍ଜେକ୍ସନ ନ ଥିବାରୁ ତାକୁ ଡ଼ାକ୍ତରମାନେ ଆମ୍ବୁଲାନ୍ସରେ କ୍ୟାପିଟାଲ ହସପିଟାଲ ପଠାଇଦେଲେ। ମାତ୍ର ବାଟରେ ଆମ୍ବୁଲାନ୍ସରେ ଅକ୍ସିଜେନ୍ ସରିଯିବାରୁ ପିଲାଟି ଡ଼ାକ୍ତରଖାନାରେ ପହଞ୍ଚୁ ପହଞ୍ଚୁ ମୃତ୍ୟୁବରଣ କରିଥିଲା। ବ୍ୟବଚ୍ଛେଦ ପରେ ୨୪ ତାରିଖରେ ଅଭିଭାବକଙ୍କୁ ପିଲାର ଶବ ଓ ୩୧ ତାରିଖରେ ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ କରାଯାଇଥିଲା। ଆର୍ଥିକ ଦୁର୍ବଳ ଶ୍ରେଣୀର ଅଭିଭାବକ ବିଭିନ୍ନ ପ୍ରମାଣପତ୍ର ସହ ସରକାରୀ ସହାୟତା ପାଇଁ ଆବେଦନ କରିଥିଲେ। ମାତ୍ର ଇତି ମଧ୍ୟରେ ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଛି। ଲକ୍ଷ୍ମୀକାନ୍ତ ଏ ସମ୍ପର୍କରେ ଚିଲିକା ତହସିଲଦାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି, ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ପରିବାରକୁ ଏହି ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯାଇ ନାହିଁ। ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣା ଥାନା ଅନ୍ତର୍ଗତ ୬୫ ବର୍ଷୀୟ ରାମଚନ୍ଦ୍ର ମଲ୍ଲିକଙ୍କର ମଧ୍ୟ ସାପକାମୁଡ଼ାରେ ମୃତ୍ୟୁ ହେବାର ୫ ମାସ ପରେ ମଧ୍ୟ ତାଙ୍କ ପରିବାର ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା ସୂଚନା ମିଳିଛି । କେବଳ ଲକ୍ଷ୍ମୀକାନ୍ତ ବା ରାମଚନ୍ଦ୍ର ନୁହନ୍ତି, ଗତ ୮ ମାସ ମଧ୍ୟରେ ସର୍ପଦଂଶନରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମୃତକଙ୍କ ପରିବାରଗୁଡ଼ିକ ମଧ୍ୟରୁ କାହାରିକୁ ବି ଅନୁକମ୍ପାରାଶି ମିଳି ନ ଥିବା ଅଭିଯୋଗ ହୋଇଛି ।

ସରକାରୀ ବ୍ୟବସ୍ଥା ଅନୁସାରେ ସ୍ଥାନୀୟସ୍ତରରେ ରିପୋର୍ଟ ଆଧାରରେ ମୃତକଙ୍କ ପରିବାରକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏସ୍‌ଡ଼ିଆର୍‌ଏଫ୍ ପାଣ୍ଠିରୁ ଏହି ଅନୁକମ୍ପା ରାଶି ପ୍ରଦାନ କରାଯାଇଥାଏ। ମାତ୍ର ସରକାର ପରିବର୍ତ୍ତନ ପରେ ଏହି ଅନୁକମ୍ପା ରାଶି କାହାରିକୁ ମିଳି ନ ଥିବାରୁ ବିଭାଗ ସହାୟତା ପ୍ରଦାନ ଉପରେ ପ୍ରତିବନ୍ଧକ ଲଗାଇଛି କିମ୍ବା ସରକାର ଏହି ବ୍ୟବସ୍ଥାକୁ ବନ୍ଦ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବ ସରକାର ସର୍ପଦଂଶନ ଜନିତ ମୃତ୍ୟୁକୁ ଜାତୀୟ ବିପର୍ଯ୍ୟୟ ସୂଚୀରେ ସାମିଲ କରିବାକୁ କେନ୍ଦ୍ର ନିକଟରେ ଦାବି କରିଥିଲେ । ସେହି ଦାବି କେନ୍ଦ୍ର ସରକାର ଗ୍ରହଣ କରି ନ ଥିବାରୁ ରାଜ୍ୟ ସରକାର ନିଜସ୍ୱ ଏସ୍‌ଡ଼ିଆର୍‌ଏଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ଏହି ସହାୟତା ପ୍ରଦାନ କରୁଥିଲେ। ପ୍ରତିବର୍ଷ ରାଜ୍ୟରେ କେତେ ଲୋକ ସାପ କାମୁଡ଼ାରେ ପ୍ରାଣ ହରାଉଛନ୍ତି ଓ କେତେ ଲୋକଙ୍କୁ ଏବାବଦକୁ ସହାୟତା ରାଶି ପ୍ରଦାନ କରାଯାଉଛି ତାହାର ତଥ୍ୟ ମଧ୍ୟ ସାର୍ବଜନୀନ କରାଯାଉଥିଲା। ମାତ୍ର ବର୍ତ୍ତମାନ ସରକାର ସହାୟତା ତ ଦେଉ ନାହାନ୍ତି, ଏ ସମ୍ପର୍କିତ ସମସ୍ତ ତଥ୍ୟ ଆଉ ୱେବସାଇଟ୍‌ରେ ମଧ୍ୟ ଉପଲବ୍ଧ ରହୁନାହିଁ। ଏକ ପକ୍ଷରେ ଡ଼ାକ୍ତରଖାନାରେ ସାପ କାମୁଡ଼ା ଇଞ୍ଜେକ୍ସନ ରହୁନାହିଁ, ଆମ୍ବୁଲାନ୍ସରେ ଅକ୍ସିଜେନ୍ ରହୁନାହିଁ । ଅନ୍ୟପଟେ ଯେଉଁମାନେ ସର୍ପଦଂଶନରେ ମୃତ୍ୟୁବରଣ କରୁଛନ୍ତି, ତାଙ୍କ ପରିଜନଙ୍କୁ ଅନୁକମ୍ପାରାଶି ବି ମିଳୁନାହିଁ। ଲୋକମାନେ ଏ ପ୍ରସଙ୍ଗରେ କାହା ପାଖରେ ଅଭିଯୋଗ କରିବେ?

■ ପଙ୍କୋଦ୍ଧାର ଏକାଦଶୀ ଆଜି

# ଶ୍ରୀଲୋକନାଥ ମନ୍ଦିର ଚଳଚଞ୍ଚଳ

- ମଧ୍ୟାହ୍ନ ୧୨ଟାରୁ ସର୍ବସାଧାରଣ ଦର୍ଶନ
- ସ୍ୱତନ୍ତ୍ର ଦର୍ଶନ ଲାଗି ୪ ହଜାର ଟିକେଟ

**ପୁରୀ,୨୩।୨(ସମିସ):** ସୋମବାର ପବିତ୍ର ପଙ୍କୋଦ୍ଧାର ଏକାଦଶୀ ପାଇଁ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର ଚଳଚଞ୍ଚଳ ହୋଇଉଠିଛି। ବର୍ଷକରେ ଏହି ଗୋଟିଏ ଦିନ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିବାର ସୁଯୋଗ ମିଳୁଥିବାରୁ ପଙ୍କୋଦ୍ଧାର ଏକାଦଶୀକୁ ଭକ୍ତ ଅପେକ୍ଷା କରିଥା’ନ୍ତି। ଏହି ଦିନ ଗମ୍ଭୀରା ଭିତରକୁ ଯାଇ ଦର୍ଶନ ହେଉଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳାର ସହ ଦର୍ଶନ କରିପାରିବେ, ସେନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ ବୋଲି ନୀତିକାନ୍ତି ଚୂଡ଼ାନ୍ତ ହୋଇଛି।

ପଙ୍କୋଦ୍ଧାର ଏକାଦଶୀ ପାଇଁ ପୂର୍ବରାତି ୧୨ଟା ୩୦ରେ ପହୁଡ଼ ଦ୍ୱାର ଖୋଲିବ। ଏହାପରେ ମଙ୍ଗଳ ଆଳତି, ଅବକାଶ ନୀତି ହେବ। ଭୋର୍ ୪ଟା ମଧ୍ୟରେ ମଧ୍ୟାହ୍ନ ଧୂପ ସାରିବାକୁ ସ୍ଥିର କରାଯାଇଛି। ଭୋର୍ ୪ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା ସର୍ବସାଧାରଣ ଦର୍ଶନ ଓ ରାତ୍ର ୧୦ଟାରୁ ରାତ୍ର ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡସିଂହାର ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।



ପଙ୍କୋଦ୍ଧାର ଏକାଦଶୀରେ ୪,୦୦୦ ସ୍ୱତନ୍ତ୍ର ଦର୍ଶନ ଟିକଟ୍ କରାଯାଇଛି। ପ୍ରତ୍ୟେକ ଟିକଟର ଦାମ୍ ୧୦୦ଟଙ୍କା ରହିଛି। ଦର୍ଶନ ଟିକଟଧାରୀ ମା’ ପାର୍ବତୀଙ୍କ ମନ୍ଦିର ଦେଇ ନାଟାମ୍ବର ବୃଷଭ ବଖରା ବାଟେ ଗମ୍ଭୀରାକୁ ଦର୍ଶନ ପାଇଁ ଯିବେ। ଦର୍ଶନ ସାରି ବଉଳଗଛ ଦ୍ୱାର ଦେଇ ବାହାରିବେ। ସେବାୟତ ପରିବାର ସଦସ୍ୟ ବାଙ୍କ ଖିଲଣ ଦ୍ୱାର ଦେଇ ଜାଲି ଗେଟ୍‌ରେ ପ୍ରବେଶ କରି ହରିହର ପାଖ ଦେଇ ଗମ୍ଭୀରାକୁ ପ୍ରବେଶ କରିବେ। ଦର୍ଶନ ପରେ ବଉଳ ଗଛ ଦେଇ ବାହାରକୁ ବାହାରିବେ। ସେହିପରି ସର୍ବସାଧାରଣ ଭକ୍ତ ଲକ୍ଷ୍ମୀଙ୍କ ଦ୍ୱାରରେ ପ୍ରବେଶ କରି ଗମ୍ଭୀରାରେ ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରି ବଉଳ ଗଛ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ବ୍ୟବସ୍ଥା ହୋଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ସ୍ୱପ୍ନରେ ରହିଯିବ କ୍ୟାପିଟାଲ୍ ରିଜିୟନ୍ ରିଙ୍ଗ ରୋଡ୍ !

- ଜଣେ ବି ଠିକାଦାର ପକାଇଲେ ନାହିଁ ଟେଣ୍ଡର
- ଫେବୃଆରୀ ୨୦ ତାରିଖ ଥିଲା ଶେଷ ତାରିଖ

**ଭୁବନେଶ୍ୱର,୨୩।୨(ସମିସ):** କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ ଖୁବ୍‌ଶୀଘ୍ର କ୍ୟାପିଟାଲ୍ ରିଜିୟନ୍ ଂିଂ ରୋଡ କାମ ଆରମ୍ଭ ହେବ ବୋଲି ପୁରୀରେ ଘୋଷଣା କଲେ। ବିଜେପି ସରକାରଙ୍କ ପୂର୍ତ୍ତ ବିଭାଗ ଏହି କଥାକୁ ଦୋହରାଇଲା। ଖୁବ୍‌ଶୀଘ୍ର ଏହି କାମ ଆରମ୍ଭ ହେବା ସହ ରାଜଧାନୀ ଟ୍ରାଫିକ୍ ଭିଡ ହ୍ରାସରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କୁହାଗଲା। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଗଲା। ଫେବୃଆରୀ ୨୦ ଥିଲା ଟେଣ୍ଡର ଆହ୍ୱାନର ଶେଷ ତାରିଖ; କିନ୍ତୁ ଜଣେ ବି ଠିକାଦାର ଏଥିପାଇଁ ଟେଣ୍ଡର ପକାଇଲେ ନାହିଁ। ଫଳରେ ୧୧୧ କିଲୋମିଟର ଏହି ରାସ୍ତା ପାଇଁ ୩ଟି ପ୍ୟାକେଜ୍‌ରେ ସାନି ଟେଣ୍ଡର ଆହ୍ୱାନ କରିଛି ଏନ୍‌ଏଚ୍‌ଆଇ। ଏହା ସହ ଟେଣ୍ଡର ପକାଇବାର ଅବଧି ଶେଷ ତାରିଖ ମାର୍ଚ୍ଚ ୬ ତାରିଖ ଧାର୍ଯ୍ୟ କରାଯାଇଛି।

ରାଜଧାନୀର ଭିତରର ଟ୍ରାଫିକ୍ ଭିଡ଼ ହ୍ରାସ କରିବା ପାଇଁ ୧୫ ବର୍ଷ ତଳୁ ଏହି ରିଙ୍ଗ୍ ରୋଡ୍‌ର ପରିକଳ୍ପନା ହୋଇଥିଲା। ତତ୍‌କାଳୀନ ରାଜ୍ୟ ସରକାର ଏଥିପାଇଁ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ନିଜର ଆଗ୍ରହ ରଖିଥିଲେ। ମାତ୍ର ସେତେବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଭିନ୍ନ ଟାଳଟୁଳ ନୀତି ଅବଲମ୍ବନ କରିବା ଯୋଗୁଁ ଏହା ବିଶେଷ ଆଗେଇ ପାରି ନ ଥିଲା। ଏବେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ପାଇଁ ଏପର୍ଯ୍ୟନ୍ତ ଟେଣ୍ଡର ପ୍ରକ୍ରିୟା ଶେଷ ହେଉନି କି କାମ ଆରମ୍ଭ ହୋଇପାରୁନି। କେତେବେଳେ ଇପିସି ଟେଣ୍ଡର ତ କେତେବେଳେ ହାଇବ୍ରିଡ୍ ଆନ୍ୟୁଟି ମୋଡ ଟେଣ୍ଡର ବ୍ୟବସ୍ଥା କରାଯାଉଛି। ଫଳରେ ଖୋର୍ଦ୍ଧା ରାମେଶ୍ୱରରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ୧୧୧ କିଲୋମିଟର ରିଙ୍ଗ୍ ରୋଡ଼ର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ରାଜ୍ୟ ସରକାର ଏହାକୁ ଯେତିକି ଗୁରୁତ୍ୱର ସହ ନେବା କଥା ସେମିତି ନେଉନାହାନ୍ତି। ଅନ୍ୟପକ୍ଷରେ ରାଜଧାନୀରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି।

ପ୍ରଥମ ପର୍ଯ୍ୟାୟରେ ୪୦ କିଲୋମିଟର କାମ ହେବାକୁ ଥିବାବେଳେ ଏଥିପାଇଁ ୧୭୧୫ କୋଟି ଟଙ୍କା ଖର୍ଚ୍ଚ ହେବା ଆକଳନ କରାଯାଇଥିଲା। ପ୍ୟାକେଜ୍-୧ରେ ରାମେଶ୍ୱରରୁ ବିଲିପଡ଼ା ରାସ୍ତା ଥିବାବେଳେ ପ୍ୟାକେଜ୍-୨ରେ ବିଲିପଡ଼ାରୁ ଗୋବିନ୍ଦପୁର ରାସ୍ତା ରହିଛି। ଏହାପରେ ଗୋବିନ୍ଦପୁରରୁ କଟକ ଟାଙ୍ଗୀ ତୃତୀୟ ପ୍ୟାକେଜରେ କାମ ଆରମ୍ଭ କରିବାକୁ ଯୋଜନା ହୋଇଥିଲା। ତେବେ ତୃତୀୟ ପର୍ଯ୍ୟାୟ ପାଇଁ ଜମି ଅଧିଗ୍ରହଣ କାମ ଶେଷ ହୋଇନି। ୨୦୧୦ରେ ପ୍ରଥମ କରି ରିଙ୍ଗ୍ ରୋଡ ପରିକଳ୍ପନା ହୋଇଥିଲା। ସେତେବେଳେ ୭୭ କିଲୋମିଟର ପାଇଁ ଡିପିଆର୍ ପ୍ରସ୍ତୁତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଡିପିଆର ପରିବର୍ତ୍ତନ ହୋଇ ୧୧୧ କିଲୋମିଟର ପାଇଁ ରାଜ୍ୟ ସରକାର ଜମି ଯୋଗାଇଲେ। ପୂର୍ବରୁ ରାଜ୍ୟ ସରକାର ଜମି ଅଧିଗ୍ରହଣ ପାଇଁ ୬୦୦ କୋଟି ଟଙ୍କା ଦେଇଛନ୍ତି। ହେଲେ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁଁ କାମ ଆଗେଇ ପାରୁନି। ଫଳସ୍ୱରୂପ ଦିନକୁ ଦିନ ବ୍ୟୟ ଅଟକଳ ବୃଦ୍ଧି ପାଇବାରେ ଲାଗିଛି। ପ୍ରଥମେ ବ୍ୟୟ ଅଟକଳ ୧ ହଜାର ୩୭୮ କୋଟି ୯୫ ଲକ୍ଷ ଟଙ୍କା ଥିଲା। ୨୦୨୪ ଜୁଲାଇରେ ଟେଣ୍ଡର ବେଳକୁ ବ୍ୟୟ ଅଟକଳ ବଢି ହେଲା ୧ ହଜାର ୭୧୫ କୋଟି ୩୧ ଲକ୍ଷ ଟଙ୍କା। ହାଇବ୍ରିଡ୍ ଆନ୍ୟୁଟି ମୋଡ ବା ହାମ ସର୍ତ୍ତ ଅନୁଯାୟୀ ପ୍ରକଳ୍ପ ବାବଦରେ ୪୦ ପ୍ରତିଶତ ସରକାର ବହନ କରିବେ। ବାକି ୬୦ ପ୍ରତିଶତ ଅର୍ଥ ଠିକାଦାର ନିଜ ହାତରୁ ଖର୍ଚ୍ଚ କରିବ। ସେହି ଅର୍ଥ ଫେରି ପାଇବାକୁ ଚୁକ୍ତି ମୁତାବକ ୨୦ରୁ ୩୦ ବର୍ଷ ପର୍ଯ୍ୟନ୍ତ ଟୋଲ ଗେଟ୍ କରି ଅର୍ଥ ଆଦାୟ କରିବ ଠିକାଦାର; କିନ୍ତୁ ଠିକାଦାରକୁ ଅଧିକ ଅର୍ଥ ଦେବାକୁ ପଡୁଥିବାରୁ ହାଇବ୍ରିଡ୍ ମୋଡ ପାଇଁ କେହି ରାଜି ହେଉନଥିବା ଚର୍ଚ୍ଚା ହେଉଛି।

# ବୋହୂର ମୃତଦେହ ଦେଖି ଚାଲିଗଲା ଶାଶୂର ଜୀବନ

**ବଲାଙ୍ଗିର, ୨୩।୨(ସମିସ):** ବୋହୂର ଝୁଲନ୍ତା ମୃତଦେହ ଦେଖି ଚାଲିଗଲା ଶାଶୂର ଜୀବନ। ବଲାଙ୍ଗିର ସହର ଇନ୍ଦ୍ରାନଗରରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଆନନ୍ଦିନୀ ସାହୁ ଓ ତାଙ୍କ ଶାଶୂ ଜମ୍ବୁବତୀ ସାହୁ। ମିଳିଥିବା ସୂଚନାନୁସାରେ, ରବିବାର କୌଣସି କାରଣରୁ ଆନନ୍ଦିନୀ ଆତ୍ମହତ୍ୟା କରିଥିଲେ। ଘରର ଏକ କୋଠରିରେ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ। ତେବେ କିଛି ସମୟ ପରେ ବୋହୂର ଝୁଲନ୍ତା ମୃତଦେହ ଦେଖି ଜମ୍ବୁବତୀ ନିଜକୁ ସମ୍ଭାଳି ପାରିନଥିଲେ। ଏହା ତାଙ୍କୁ ଏତେ କଷ୍ଟ ଦେଇଥିଲା ଯେ ସେହିଠାରେ ତାଙ୍କର ଜୀବନ ଚାଲିଯାଇଥିଲା। ଅପରପକ୍ଷେ ଆନନ୍ଦିନୀଙ୍କ ଆତ୍ମହତ୍ୟାକୁ ତାଙ୍କ ବାପଘର ଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ଶାଶୂଘରଲୋକ ତାଙ୍କୁ ହତ୍ୟା କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଖବର ପାଇ ଟାଉନ୍ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲକୁ ପଠାଇଛି।




ବିଜେପି ସଭାପତି ନାମ ଘୋଷଣା

# ବିଚାରବିମର୍ଶ ଶେଷ, ଶୁକ୍ଳ ପକ୍ଷକୁ ଅପେକ୍ଷା!

**ଭୁବନେଶ୍ୱର,୨୩।୨(ସମିସ):** ରାଜ୍ୟରେ ବିଜେପି ସରକାରକୁ ଆସିଛି। ପ୍ରଥମ ଥର ପାଇଁ ଦଳ ଓଡ଼ିଶା ଭଳି ରାଜ୍ୟରେ ଏକାକୀ ସରକାର ଗଠନ କରିବାରେ ସଫଳ ହୋଇଛି। ମାତ୍ର ସରକାରକୁ ଆସିବା ପରେ ଉଭୟ ସରକାରୀ ଓ ଦଳୀୟସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ଦଳ ପଛୋଉଥିବା ଦେଖାଯାଉଛି। ସରକାର ଗଠନକୁ ୮ ମାସ ଥିଲେ ବି ମନ୍ତ୍ରିମଣ୍ଡଳରେ ଖାଲି ୬ଟି ମନ୍ତ୍ରୀପଦ ପୂରଣ ହୋଇପାରି ନାହିଁ, ନିଗମ ନିଯୁକ୍ତି ବିଳମ୍ବିତ ହୋଇ ଚାଲିଛି । ବହୁ ବିଳମ୍ବରେ ଜିଲ୍ଲା ସଭାପତି ପଦଗୁଡ଼ିକ ପୂରଣ ହୋଇଥିଲେ ହେଁ ରାଜ୍ୟ ସଭାପତିଙ୍କ ନାମ ଘୋଷଣା ହୋଇପାରି ନାହିଁ । ଯାହାକୁ ନେଇ ଦଳୀୟ ନେତାମାନେ ଅଡୁଆ ପରିସ୍ଥିତିରେ ପଡୁଛନ୍ତି, ତୃଣମୂଳସ୍ତରରେ ନେତାମାନେ ମଧ୍ୟ ଏହି ପ୍ରସଙ୍ଗରେ ସାଧାରଣ କର୍ମୀଙ୍କୁ ଉତ୍ତର ଦେବାରେ ଅସମର୍ଥ ହୋଇଛନ୍ତି । ସଭାପତିଙ୍କ ନାମ ଘୋଷଣାରେ ବିଳମ୍ବ ରାଜ୍ୟ ବିଜେପିରେ ଥିବା ଗୋଷ୍ଠୀ ବିବାଦକୁ ପଦାରେ ପକାଇଛି। ଜାନୁଆରୀ ୧୫ ସୁଦ୍ଧା ରାଜ୍ୟ ସଭାପତି ନିର୍ବାଚନ ସାରିବାକୁ ଟାର୍ଗେଟ ରଖାଯାଇଥିବା ବେଳେ ଫେବୃଆରୀ ସରିବାକୁ ବସିଥିଲେ ବି, କିଛି ଚୂଡ଼ାନ୍ତ ହୋଇପାରୁନାହିଁ। ଦଳରେ କିଛି ଦ୍ୱନ୍ଦ୍ୱ ନାହିଁ, ସବୁ କିଛି ଠିକ୍ ଚାଲିଛି ବୋଲି ନେତାମାନେ କହୁଥିଲେ ମଧ୍ୟ ବାସ୍ତବ ଚିତ୍ର ଭିନ୍ନ ବୟାନ କରୁଛି ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶାରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇ ନ ପାରିବାରୁ ଶେଷରେ ଦିଲ୍ଲୀ ନେତୃତ୍ୱଙ୍କ ହସ୍ତକ୍ଷେପ ପରେ ରାଜ୍ୟ ସଭାପତିଙ୍କ ନାମ ଚୂଡ଼ାନ୍ତ ହୋଇଛି । ମହାଶିବରାତ୍ରୀ ପରେ ଶୁକ୍ଳପକ୍ଷରେ ନୂତନ ସଭାପତିଙ୍କ ନାମ ଘୋଷଣା ହେବ ବୋଲି କୁହାଯାଉଛି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମନମୋହନଙ୍କୁ ପୁନର୍ବାର ଦଳର ସଭାପତି କରାଯିବା ନିମନ୍ତେ ସଂଖ୍ୟାଧିକ ନେତା ମତପ୍ରକାଶ କରିଛନ୍ତି । ତେବେ ରାଜ୍ୟରେ ସରକାର ଗଠନର ସଫଳତାର ନିମନ୍ତେ ମନମୋହନଙ୍କୁ କେବଳ ଦଳ ସଭାପତି ପଦରେ ସୀମିତ ନ ରଖୁ ଓ ତାଙ୍କୁ ଅଧିକ କିଛି ପୁରସ୍କାର ଦିଆଯାଉ ବୋଲି ତାଙ୍କ ସମର୍ଥକମାନେ ଯୁକ୍ତି ବାଢ଼ିଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ଦଳ ସରକାର ଗଠନ କରିବାରେ ସମର୍ଥ ହୋଇଥିଲେ ହେଁ ମନମୋହନ ନିଜେ ନିର୍ବାଚନରେ ପରାଜିତ ହୋଇଛନ୍ତି ଓ ବିଜେଡି ତୁଳନାରେ ବିଜେପି ସଂଖ୍ୟା ଦୃଷ୍ଟିରୁ ଭୋଟ୍ କମ ପାଇଛି। ଯାହାକୁ ନେଇ ଗୋଟିଏ ଗୋଷ୍ଠୀ ପ୍ରସଙ୍ଗ କରିଥିବା ସୂଚନା ମିଳିଛି। ଏହି ସ୍ଥିତିରେ କେନ୍ଦ୍ରୀୟ ନେତୃତ୍ୱ କାହା ଉପରେ ରାଜ୍ୟଭାର ଦେବେ ସେନେଇ ବିଚାର ବିମର୍ଶ କରୁଥିବାରୁ ସଭାପତି ଚୟନ ପ୍ରକ୍ରିୟା ବିଳମ୍ବିତ ହେଉଥିବା ଚର୍ଚ୍ଚା ହେଉଛି।

# ମଧ୍ୟସ୍ଥିଙ୍କ ହାତରେ ଧାନମଣ୍ଡି

- ବେଫିକର ସମବାୟ ସମିତି ସମ୍ପାଦକ
- ସରୁଛି ଟୋକନ୍ ଅବଧି, ଚାଷୀ ହନ୍ତସନ୍ତ

**ରାଜକନିକା, ୨୩।୨ (ସମିସ):** ନୂଆ ସରକାର ଆସିବା ପୂର୍ବରୁ ଇସ୍ତାହାରରେ ଚାଷୀଙ୍କ ପାଇଁ ସବୁଠାରୁ ବଡ଼ ଘୋଷଣା ଥିଲା ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଓ ମଣ୍ଡିରେ ଉପଯୁକ୍ତ ନ୍ୟାୟ ପାଇବେ ଚାଷୀ। ଯାହାର ବ୍ୟତିକ୍ରମ ରାଜକନିକା ବ୍ଲକ୍‌ର ତରାସ ସେବା ସମବାୟ ସମିତିରେ ଦେଖିବାକୁ ମିଳିଛି। ସମବାୟ ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ନାୟକଙ୍କ ଦ୍ୱାରା ପରିଚାଳିତ ଧାନକିଣା ବ୍ୟବସ୍ଥାରେ ବହୁ ଅନିୟମିତତା ଲାଗି ରହିଥିବା ବେଳେ ଚାଷୀ ଧାନ ବିକ୍ରି କରିବା ପାଇଁ ହା-ହୁତାଶରେ ରହିଛି। ଗୋଟେପଟେ ଟୋକନ ଲାପ୍‌ସ କରିବା ସହ ଧାନ କିଣାବିକା ପାଇଁ ସେମିତି କୌଣସି ଆଗ୍ରହ ନ ଥିବାରୁ ଚାଷୀ ଭରସାଶୂନ୍ୟ ହୋଇଛି।

ତରାସ ସମବାୟ ସମିତିରେ ସବୁ ବ୍ୟବସ୍ଥାରେ ଅନିୟମିତତା ଲାଗି ରହିଥିବା ବେଳେ ମିଲର ଓ ପାକ୍ସ ସମ୍ପାଦକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀ ସ୍ୱାର୍ଥ ବଳିପଡୁଛି। ମଣ୍ଡିରେ ଧାନ ଦେବାକୁ ପଞ୍ଜୀକରଣ କରାଯିବା ବେଳହୁଁ ଏଠି ଦୁର୍ନୀତି ବାରି ହୋଇପଡୁଛି। ଏଠି ପ୍ରକୃତ ଚାଷୀ ମଣ୍ଡିରେ ଧାନ ଦେବାରେ ବାଦ୍ ପଡୁଛି। ଧାନ ବେପାରୀଙ୍କ ସହ ମଧୁଚନ୍ଦ୍ରିକା କରି ସମ୍ପାଦକ ଓ ତାଙ୍କ ଦୁର୍ବଳତାର ଫାଇଦା ନେଉଥିବା କେତେକ ମୁଷ୍ଟିମେୟ ଲୋକ ଚାଷୀଙ୍କଠାରୁ ୨୨୦୦ ଟଙ୍କାରେ ଧାନ କ୍ରୟ କରି ୩୧୦୦ ଟଙ୍କାରେ ନିଜ ଲୋକଙ୍କ ନାମରେ ପୂର୍ବରୁ ପଞ୍ଜିକୃତ କରିଥିବା ବ୍ୟକ୍ତିଙ୍କ ମାଧ୍ୟମରେ ମଣ୍ଡିରେ ବିକ୍ରି କରି କ୍ୱିଣ୍ଟାଲ ପ୍ରତି ୯୦୦ ଟଙ୍କା ଫାଇଦାରେ ରହୁଛନ୍ତି। ଏଠାରେ ସମ୍ପାଦକ ଓ ସମବାୟ ସମିତିକୁ ନିଜ ବାହୁବଳରେ ଚଳାଉଥିବା କେତେକ ମିଡିଲମ୍ୟାନଙ୍କ ଦ୍ୱାରା ଚାଷୀଙ୍କୁ ଭୁଆଁ ବୁଲାଯାଉଛି ଯେ ଏବେ ଟାର୍ଗେଟ ଆସିନି, ଆଉ କେତେବେଳେ କୁହାଯାଉଛି ତୁମ ଟୋକନର ସମୟ ଅବଧି ସରିଯାଇଛି। ଫଳରେ ଚାଷୀ ହତାଶ ହୋଇ ନିଜର ଧାନକୁ ବେପାରୀଙ୍କୁ ଶସ୍ତାରେ ବିକ୍ରି କରିଦେଉଛି। ସମ୍ପାଦକ ନିଜର ଦାୟିତ୍ୱ ପାଳନରେ ଅବହେଳା କରିବା ଦ୍ୱାରା ତରାସ ସମବାୟ ସମିତିର ଚାଷୀ ସବୁ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଜୀକରଣ କରି ଧାନ ବିକିବାକୁ ମାସ ମାସ ଅପେକ୍ଷା କରି ରହିଥିବା ବେଳେ ଚାଷୀଙ୍କ ଧାନ କେବେ କେମିତି କିଣାବିକା ହେବ, ତାହାକୁ ନେଇ ଚାଷୀ ସନ୍ଦେହରେ ରହିଛି।



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ

# ମୁହଁ ମୋଡ଼ିଲେଣି ଛାତ୍ରଛାତ୍ରୀ

- ନାହାନ୍ତି ସ୍ଥାୟୀ କୁଳପତି
- ୫୯ ପ୍ରଫେସର/ସହକାରୀ ପ୍ରଫେସର ପଦ ଖାଲି
- ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ଗରିବ ମେଧାବୀ

**ବାରିପଦା, ୨୩।୨(ସମିସ):** ଛାତ୍ର ଆନ୍ଦୋଳନରୁ ଜନ୍ମ ନେଇଥିବା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ (ବର୍ତ୍ତମାନର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ)ର ଅବସ୍ଥା ଦିନକୁ ଦିନ ସଙ୍ଗିନ୍ ହେବାରେ ଲାଗିଛି। ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ପଦ ଦୀର୍ଘ ଦିନ ଧରି ଫାଙ୍କା ପଡ଼ିଥିବା ବେଳେ ଅଧାରୁ ଅଧିକ ବିଭାଗରେ ଅଧ୍ୟାପକ ନାହାନ୍ତି। ଏପରିସ୍ଥଳେ, ଜିଲ୍ଲାର ଏକମାତ୍ର ଏହି ବିଶ୍ୱବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀ ମୁହଁ ମୋଡୁଛନ୍ତି। ଜିଲ୍ଲାର ସ୍ୱଚ୍ଛଳ ବର୍ଗର ଛାତ୍ରଛାତ୍ରୀ ବାହାର ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବାଧ ହେଉଥିବା ବେଳେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଖରେ ଭାଗ୍ୟକୁ ଆଦରି ପଡ଼ି ରହିବା ବ୍ୟତୀତ ଆଉ କିଛି ଚାରା ନାହିଁ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ରହିଛି। ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦଙ୍କ ସହ ୨ଜଣ ମନ୍ତ୍ରୀ ଶାସକ ଦଳର ହୋଇଥିଲେ ହେଁ ଏନେଇ ସଂସଦ କିମ୍ବା ବିଧାନସଭାରେ କେହି ପାଟି ଖୋଲୁନାହାନ୍ତି।

ସୂଚନାନୁଯାୟୀ, ଦୀର୍ଘ ମାସ ଧରି ଛାତ୍ର ଆନ୍ଦୋଳନ ଚାଲିବା ପରେ ଜିଲ୍ଲାରେ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ ମେଡ଼ିକାଲ କଲେଜ ସ୍ଥାପନ ହୋଇଥିଲା। ୪ଟି ଜିଲ୍ଲାକୁ ନେଇ ୧୯୯୮ ମସିହାରେ ପ୍ରତିଷ୍ଠା ହୋଇଥିଲା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ। କିନ୍ତୁ ୧୯୯୯ରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ଏହି ବିଶ୍ୱବିଦ୍ୟାଳୟ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ସୀମିତ ରହିଗଲା। ୨୦୨୨ ମସିହାରେ



ବିଶ୍ୱବିଦ୍ୟାଳୟର ନାମ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଭାବେ ନାମିତ କରାଗଲା। ତେବେ ୨୦୨୩ରେ ଧରଣୀଧର ବିଶ୍ୱବିଦ୍ୟାଳୟ ସ୍ଥାପନ ହେବାରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କେବଳ ମୟୂରଭଞ୍ଜ ଜିଲ୍ଲାରେ ସୀମିତ ରହିଯାଇଛି। ଅପରପକ୍ଷେ, କେନ୍ଦୁଝର ଜିଲ୍ଲାରେ ଏହି ବିଶ୍ୱବିଦ୍ୟାଳୟର ୫ଟି ନୂଆ ବିଭାଗ ରହିଥିଲା। ଫଳରେ ଏହାର କଳେବର ହ୍ରାସ ପାଇବା ସହ ଦିନକୁ ଦିନ ବିଶ୍ୱବିଦ୍ୟାଳୟରେ ଶିକ୍ଷାର ମାନ ହ୍ରାସ ପାଇ ଚାଲିଛି। ବିଭିନ୍ନ କାରଣରୁ ଏବେ ବିଶ୍ୱବିଦ୍ୟାଳୟର କଂପ୍ୟୁଟର ସାଇନ୍ସ ଏବଂ ୱାଇଲ୍ଡ ଲାଇଫ ବିଭାଗ ବନ୍ଦ ହେବାକୁ ଯାଉଥିବା ବେଳେ ଅଧାରୁ ଅଧା ବିଭାଗରେ ଅଧ୍ୟାପକ ନଥିବାରୁ ସେଠାରେ ପାଠ ପଢ଼ା ହୋଇପାରୁନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦୀର୍ଘ ଦିନ ଧରି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଭାରପ୍ରାପ୍ତ କୁଳପତି ଭାବେ ସନ୍ତୋଷ କୁମାର ତ୍ରିପାଠୀ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହ ଏଠାକାର ଦ୍ୱୈତ ଦାୟିତ୍ୱ ନିର୍ବାହ କରୁଛନ୍ତି। ଜଣେ ଲୋକକୁ ଦୁଇ ଦୁଇଟି ବିଶ୍ୱବିଦ୍ୟାଳୟ ଦାୟିତ୍ୱ ଦିଆଯାଇଥିବାରୁ ପ୍ରଶାସନିକ କାର୍ଯ୍ୟ ସମ୍ପାଦନରେ ନାନା ଅସୁବିଧା ପରିଲକ୍ଷିତ ହେଉଛି। ଅପରପକ୍ଷେ, କୁଳପତି ନ ଥିବାରୁ ତଳିଆ କର୍ମଚାରୀମାନେ ମନମୁଖୀ ଭାବେ କାମ କରୁଛନ୍ତି। ଠିକ୍ ସମୟରେ ବିଶ୍ୱବିଦ୍ୟାଳୟ ଆସୁନାହାନ୍ତି। ଏହାର ପ୍ରମାଣ ହେଲା, ବର୍ଷକ ତଳେ କିଛି କର୍ମଚାରୀଙ୍କୁ ଭାରପ୍ରାପ୍ତ କୁଳପତି କୈଫିୟତ ତଲବ କରିଥିଲେ। ସେହିପରି ବହୁତଗୁଡ଼ିଏ ବିଭାଗରେ ଅଧ୍ୟାପକ ପଦ ଖାଲି ରହିଥିବା ବେଳେ ସେଗୁଡ଼ିକୁ ପୂରଣ କରାଯାଉନାହିଁ। ସୂଚନା ମୁତାବକ, ପ୍ରଫେସର୍ ଓ ସହକାରୀ ପ୍ରଫେସର୍ ମିଶି ଅନୁମୋଦିତ ପଦବୀ ସଂଖ୍ୟା ୯୮ ଥିବା ବେଳେ ସେଥିରୁ ୫୯ଟି ପଦ ଖାଲି ପଡ଼ିଛି। ଅଳ୍ପସଂଖ୍ୟକ କର୍ମଚାରୀରେ ବିଶ୍ୱବିଦ୍ୟାଳୟ ପରିଚାଳିତ ହେଉଥିବାରୁ ଅନୁଷ୍ଠାନର ପରିସ୍ଥିତି ଦିନକୁ ଦିନ ଖରାପ ଆଡ଼କୁ ଗତି କରୁଛି। ତେଣୁ ଏ ଦିଗରେ ନୂତନ କୁଳାଧିପତି ତଥା ରାଜ୍ୟପାଳ ବିଶ୍ୱବିଦ୍ୟାଳୟ ଉପରେ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ବୋଲି ଶିକ୍ଷାବିତ୍ ମହଲରେ ଦାବି ହେଉଛି। ବିଶେଷକରି ସ୍ଥାୟୀ କୁଳପତି ନିଯୁକ୍ତ ହୋଇପାରିଲେ, ଅସୁବିଧାରେ ପଡ଼ି ଆସୁଥିବା ଛାତ୍ରଛାତ୍ରୀ, ଅଭିଭାବକ ଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟଗୁଡ଼ିକର ଅନେକ ସମସ୍ୟା ସମାଧାନ ହୋଇପାରନ୍ତା ବୋଲି ସେମାନେ କହିଛନ୍ତି।

ହିତାଧିକାରୀଙ୍କଠାରୁ ୫ହଜାର ଲାଞ୍ଚ

# ଭିଜିଲାନ୍ସ ଜାଲରେ ଦୁଇ କୃଷି ଅଧିକାରୀ

**ଭୁବନେଶ୍ୱର/ଉମରକୋଟ,୨୩।୨(ସମିସ):** ଜଳନିଧି ଯୋଜନାରେ ସବ୍‌ସିଡି ଅର୍ଥ ନିମନ୍ତେ ହିତାଧିକାରୀଙ୍କ ଠାରୁ ୫ହଜାର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି ଦୁଇ କୃଷି ଅଧିକାରୀ। ଉମରକୋଟ କୃଷି କାର୍ଯ୍ୟାଳୟର କାର୍ଯ୍ୟରତ ସହକାରୀ କୃଷି ଅଧିକାରୀ ନୀଳକଣ୍ଠ ପରିଡା ଓ ବୈଷୟିକ ମ୍ୟାନେଜର ସୁରେନ୍ଦ୍ର ସିଂ ବାଘେଲାକୁ ଭିଜିଲାନ୍ସ ଗିରଫ କରିଛି।




ଉମରକୋଟ ବ୍ଲକ ଅଧୀନ ଜମାରୁଣ୍ଡ ଗାଁର ହିତାଧିକାରୀ ଲକ୍ଷ୍ମୀଧର ଜମିରେ ନଳକୂପ ଓ ବିଦ୍ୟୁତ୍ ସଂଯୋଗ ଲାଗି କୃଷି କାର୍ଯ୍ୟାଳୟ ଯାଇଥିଲେ। ହିତାଧିକାରୀଙ୍କ ସବସିଡି ଅର୍ଥ ମଞ୍ଜୁରୀ କରିବା ପାଇଁ ଦୁଇ କୃଷି ଅଧିକାରୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କୃଷି ଅଧିକାରୀଙ୍କୁ ୫ହଜାର ଟଙ୍କା ଦେବାକୁ ହିତାଧିକାରୀ ରାଜି ହୋଇଥିଲେ। ପରେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ହିତାଧିକାରୀଙ୍କ ଠାରୁ ଲାଞ୍ଚ ଟଙ୍କା ନେବା ଲାଗି ଦୁଇ କୃଷି ଅଧିକାରୀ ତାଙ୍କ ଗାଁକୁ ଯାଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ଦୁଇ କୃଷି ଅଧିକାରୀ ହିତାଧିକାରୀଙ୍କ ଠାରୁ ଲାଞ୍ଚ ନେଉଥିବା ସମୟରେ ସେଠାରେ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ଉଭୟଙ୍କୁ କାବୁ କରି ନେଇଥିଲେ। ସେମାନଙ୍କ ନିକଟରୁ ରଙ୍ଗବୋଳା ୫ହଜାର ଲାଞ୍ଚ ଟଙ୍କା ଜବତ କରିବା ସହ ଗିରଫ କରାଯାଇଥିଲା। ଦୁଇ ଅଧିକାରୀ ଭିଜିଲାନ୍ସ ଟିମ୍ କାବୁ କରି ଉମରକୋଟ ସ୍ଥିତ ଭଡାଘର ଓ କାର୍ଯ୍ୟାଳୟରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିଲା। ପରେ ନୀଳକଣ୍ଠଙ୍କ ଜଗତସିଂହପୁର ନାଉଗାଁରେ ଥିବା ଘରେ ଭିଜିଲାନ୍ସ ଟିମ ଚଢ଼ଉ ଜାରି ରଖିଛି।

## ବିଞ୍ଝାରପୁରରେ ଖୋଲିଲା ସୋଲାର ଶକ୍ତି ସାମଗ୍ରୀ ବିକ୍ରୟ କେନ୍ଦ୍ର




**ବିଞ୍ଝାରପୁର, ୨୩।୨(ସମିସ):** ବିଞ୍ଝାରପୁର ବୋରିଙ୍ଗ୍ ଛକ ରୁବି ମାର୍କେଟ କମ୍ପ୍ଲେକ୍ସରେ ଆଜି ଏକ ସୋଲାର ସାମଗ୍ରୀ ବିକ୍ରୟକେନ୍ଦ୍ର ଉଦଘାଟିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୟଦପୁର ପଞ୍ଚାୟତର ସରପଞ୍ଚ ମହମ୍ମଦ ସରିବ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଞ୍ଝାରପୁର ବ୍ଲକ ଉପାଧ୍ୟକ୍ଷ ସେକ୍ ଇରସାଦ, ମେଡ଼ିକାଲ ଛକ ମାର୍କେଟ କମିଟି ସଭାପତି ଏସ୍‌କେ ମସିର ଉଦ୍ଦିନ ଓ ସମ୍ପାଦକ ବିମ୍ବାଧର ସାହୁ ଉପସ୍ଥିତ ଥିଲେ । ଉକ୍ତ କେନ୍ଦ୍ରର ପ୍ରୋପାଇଟର ଅଫସର ଇନ୍‌ତିହାଜ୍ ଖାଁ ଉପସ୍ଥିତ ଥିଲେ । ଉକ୍ତ କେନ୍ଦ୍ରର ପରିଚାଳକ କହିଛନ୍ତି, ସରକାରଙ୍କ ସୂର୍ଯ୍ୟଘର ଯୋଜନା ସହ ଅନ୍ୟାନ୍ୟ ସରକାରୀ ଯୋଜନାର ସମସ୍ତ ସାମଗ୍ରୀ ଉକ୍ତ କେନ୍ଦ୍ରରୁ ହିତାଧିକାରୀ ସବସିଡ୍ ମାଧ୍ୟମରେ କ୍ରୟ କରିବା ବ୍ୟବସ୍ଥା ରହିଛି । ସୋଲାର ଶକ୍ତି ସାମଗ୍ରୀ ବିକ୍ରୟ କେନ୍ଦ୍ର ଉଦଘାଟନ କାର୍ଯ୍ୟକ୍ରମରେ ବିଞ୍ଝାରପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିବାବେଳେ ସମାଜସେବୀ ପ୍ରତାପ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଏମ୍‌ଆଇଏସ୍ କୋର୍ଡିନେଟର ସଂଘର ଧାରଣା ଜାରି

**ମଙ୍ଗଳପୁର, ୨୩।୨(ସମିସ):** ସରକାର ବଦଳିବା ପରେ ବେଶ ଆଶାବାଦୀ ଥିଲେ ସରକାରୀ କର୍ମଚାରୀ । ଆଶା ଥିଲା ସରକାର ତାଙ୍କ ଦାବି ଶୁଣିବେ । କିନ୍ତୁ ସେମିତି କିଛି ପ୍ରଭାବ ପଡ଼ିନି ସରକାରଙ୍କ ଉପରେ । ଜାନୁଆରୀ ୨୯ ତାରିଖରୁ ଏମଆଇଏସ କୋର୍ଡିନେଟର ଓ ଏକାଉଣ୍ଟାଣ୍ଟ ସଂଘ ପକ୍ଷରୁ ଲୋଏର ପିଏମଜିରେ ଧାରଣା ଦିଆଯାଇଛି । କିନ୍ତୁ ସରକାର ଏଯାବତ ସଙ୍ଘର କୌଣସି କଥା ଶୁଣୁ ନ ଥିବାବେଳେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏମ୍‌ଆଇଏସ କୋଡିନେଟର ଓ ଏକାଉଟେଣ୍ଟ ସଂଘ ପକ୍ଷରୁ ଜାନୁଆରୀ ୨୯ ତାରିଖରୁ ଲୋଏର ପିଏମଜିରେ ଦିଆଯାଇଥିବା ଧାରଣାରେ ଦଶରଥପୁର ବ୍ଲକ ଏମଆଇଏସ ଓ ଏକାଉଣ୍ଟଟେଣ୍ଟ କର୍ମଚାରୀ ମଧ୍ୟ ଯୋଗଦେଇଛନ୍ତି । ସରକାର ତୁରନ୍ତ ଦାବି ମାନି ନେବାକୁ ଦଶରଥପୁର ଏମଆଇଏସ କୋଡିନେଟର ଓ ଏକାଉଣ୍ଟେଣ୍ଟ ସଙ୍ଘ ପକ୍ଷରୁ ଦାବି କରାଯାଇଛି ।

## ବିଂଝାରପୁରରେ ପ୍ରେସ୍ ଫୋରମ୍ ଗଠିତ

**ବିଞ୍ଝାରପୁର, ୨୩।୨(ସମିସ):** ବିଞ୍ଝାରପୁର ଅଞ୍ଚଳର ସାମ୍ବାଦିକଙ୍କୁ ନେଇ ନୂତନ ଭାବେ ବିଂଝାରପୁର ପ୍ରେସ ଫୋରମ୍ ଗଠନ କରାଯାଇଛି । ଯୁବ ସମାଜସେବୀ ସରୋଜ ନାୟକଙ୍କ ସଭାପତିତ୍ୱରେ ଚିକଣାଠାରେ ଅନୁଷ୍ଠିତ ବୈଠକରେ ପ୍ରେସ ଫୋରମର



ସଦସ୍ୟ ଚୟନ କରାଯାଇଛି । ଏହି ଚୟନ ପ୍ରକ୍ରିୟାରେ ସର୍ବସମ୍ମତି କ୍ରମେ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ସାମ୍ବାଦିକ ସୁରେଶ ଚନ୍ଦ୍ର ମହାନ୍ତି, ସଭାପତି ଭାବେ ରାଣାପ୍ରତାପ ମହାପାତ୍ର, ଉପସଭାପତି ଭାବେ ଚନ୍ଦ୍ରନାରାୟଣ ଦାସ, ସମ୍ପାଦକ ଭାବେ ଶୁଭକାନ୍ତ ଦାସ, ସହସମ୍ପାଦକ ଭାବେ ରବୀନ୍ଦ୍ର ଦାସ, କୋଷାଧ୍ୟକ୍ଷ ଭାବେ ପାର୍ଥସାରଥୀ ବାରିକ ଓ ସଂଯୋଜକ ଭାବେ ସମରେନ୍ଦ୍ର ପାତ୍ରଙ୍କୁ ଚୟନ କରାଯାଇଛି । ଏହି ବୈଠକରେ ସାମ୍ବାଦିକ ମଳୟ ରଞ୍ଜନ ପରିଡ଼ା, ସତ୍ୟରଞ୍ଜନ ଭୂୟାଁ, ଦେବିଦତ୍ତ ସାମଲ, ଆସ୍ମା ଖାତୁନ ଓ ପ୍ରଦୀପ ମଲ୍ଲିକ ଉପସ୍ଥିତ ଥିଲେ । ବିଂଝାରପୁର ଅଞ୍ଚଳରେ ନିଜ ଅଧିକାରରୁ ବଞ୍ଚିତ, ଅନ୍ୟାୟ ଓ ଶୋଷଣର ଶିକାର ହେଉଥିବା ଲୋକଙ୍କ ସ୍ୱରକୁ ଏହି ପ୍ରେସ ଫୋରମ୍ ଶାଣିତ କରିବା ସହିତ କାଗଜ କଲମରେ ଚାପି ହୋଇଯାଉଥିବା ଦୁର୍ନୀତିକୁ କଲମ ମୁନରେ ସାମ୍ନାକୁ ଆଣିବାର ଦୃଢ଼ ସଂକଳ୍ପ ନିଆଯାଇଛି ।

## ବାଘୁଆ ବ୍ରାହ୍ମଣୀଦେବୀ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**କବାଟବନ୍ଧ, ୨୩।୨(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅଙ୍ଗିରା ପଞ୍ଚାୟତ ବାଘୁଆ ବ୍ରାହ୍ମଣୀଦେବୀ ଉଚ୍ଚ ବିଦ୍ୟାଳୟର ୨୦୦୭ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକର ପ୍ରସିଦ୍ଧ ଶୈବପୀଠ କଠୋଉଣୀ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯୁବ ସାମ୍ବାଦିକ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ୬୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଆଗାମୀ ଦିନରେ ସମସ୍ତେ ମିଶି ଜନହିତକର କାର୍ଯ୍ୟ ବୃକ୍ଷରୋପଣ, ସଡ଼କ ସୁରକ୍ଷା ସଚେତନତା, ନିଶା ନିବାରଣ ଆଦି କାର୍ଯ୍ୟକ୍ରମ କରିବାକୁ ଶପଥ ନେଇଥିଲେ ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**ରଗଡ଼ି, ୨୩।୨(ସମିସ):** କୋରେଇ ଥାନା ଅନ୍ତର୍ଗତ ହଳଦିଗଡ଼ିଆ ଗ୍ରାମର ମିର୍ଜା ଚାନ୍ଦବାବୁଙ୍କ ୫ ବର୍ଷୀୟ ଶିଶୁ କନ୍ୟା ଆଇସା ପରବିନ ରବିବାର ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛି । ସେ ଖେଳୁଥିବାବେଳେ ଅସାବଧାନତା ବଶତଃ ପୋଖରୀରେ ପଡ଼ିଯାଇଥିଲା । ପରିବାର ଲୋକେ ତାକୁ ନ ପାଇ ବହୁ ଖୋଜାଖୋଜି କରିବା ପରେ ସେ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ । ତାକୁ ଉଦ୍ଧାର କରି କୋରେଇ ମେଡିକାଲକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଫାଷ୍ଟଫୁଡ୍ ଦୋକାନୀର ମାଡ଼ରେ ଛାତ୍ର ମୃତ୍ୟୁ ଘଟଣା

# କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବିକଲା ମୂଳନିବାସୀ ୟୁନାଇଟେଡ୍ ଫ୍ରଣ୍ଟ

**ଯାଜପୁର, ୨୩।୨(ସମିସ)**

ଯାଜପୁର ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଫାଷ୍ଟଫୁଡ୍ ଦୋକାନୀ ଆକ୍ରମଣରେ ଦଳିତ ଛାତ୍ର ମୃତ୍ୟୁବରଣ ଘଟଣାକୁ ନେଇ ବିବାଦ ବଢ଼ିବାରେ ଲାଗିଛି । ଏପର୍ଯ୍ୟନ୍ତ ଏହି ଘଟଣାରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି । ଏହା ଏକ ହତ୍ୟାକାଣ୍ଡ ଓ ଏଥିରେ ମୃତ ଛାତ୍ର ଜଣକ ଚିକିତ୍ସିତ ହେଉଥିବା ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହିତ ଅନ୍ୟମାନେ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି । ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ମୂଳନିବାସୀ ୟୁନାଇଟେଡ଼ ଫ୍ରଣ୍ଟ ପକ୍ଷରୁ ଦାବି କରାଯାଇଛି ।

ସୂଚନା ମୁତାବକ, ଗତ ୯ ତାରିଖରେ ଶିବା ଛକରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନରେ ଦୋକାନୀ ଅନୀଲ ମଲ୍ଲିକ ଓ ଗ୍ରାହକ ଶୁକଦେବ ଦାସଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ପରବର୍ତ୍ତୀ ସମୟରେ ଶୁକଦେବଙ୍କ ନାବାଳକ ପୁଅ ଶାନ୍ତନୁ ପହଞ୍ଚିଥିଲା । ଏହି ଗଣ୍ଡଗୋଳରେ ଶାନ୍ତନୁ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଯାଜପୁର ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନା ଓ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଶାନ୍ତନୁ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୬ ତାରିଖ ଦିନ ମୃତ୍ୟୁବରଣ କରିଥିଲେ । ଏହି ଗଣ୍ଡଗୋଳ ଓ ଆକ୍ରମଣରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବାରୁ ଏହି ମୃତ୍ୟୁକୁ ଜାଣିଶୁଣି ବିଳମ୍ବିତ କରିବା ସହିତ ବିଭିନ୍ନ ପ୍ରମାଣପତ୍ର ନଷ୍ଟ କରାଯାଇଥିବା ଦଳିତ ସଂଗଠନ ମୂଳନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ଅଭିଯୋଗ କରାଯାଇଛି । ପ୍ରଥମେ ଶାନ୍ତନୁ କୋମାରେ ଥିବା ଓ ପରବର୍ତ୍ତୀ ସମୟରେ ତାଙ୍କର ଅପରେସନ ହୋଇଥିବା କୁହାଯିବା ପରେ ୧୬ ତାରିଖ ଦିନ ୯ଟାରେ ମୃତ୍ୟୁ ଘୋଷଣା କରାଯାଇଥିଲା । ଏହି ୫ଦିନ ମଧ୍ୟରେ ଶାନ୍ତନୁଙ୍କ ଚିକିତ୍ସା ପାଇଁ କୌଣସି ମେଡିସିନ ଚିଠା କିମ୍ବା ଅନ୍ୟାନ୍ୟ ଚିକିତ୍ସା କରାଯାଇ ନ ଥିଲା । ଏପରିକି ସାଲାଇନ କି ଇଞ୍ଜେକସନ ଲାଗୁ ନ ଥିଲା । ତେଣୁ ଏହାର ସିସି ଟିଭି ରେକର୍ଡ ଜବତ ସହ ମେଡ଼ିକାଲ ବିଲ, ଡାକ୍ତରଙ୍କ ଚିଠା ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିବାକୁ ଦାବି ହୋଇଛି । ଏ ସଂକ୍ରାନ୍ତରେ ଯାଜପୁର ସଦର ଥାନାରେ ୩୭/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇ ଅଭିଯୁକ୍ତ ବିମଳ ମଲ୍ଲିକ ଓ କାଠିଆ ମଲ୍ଲିକକୁ ଗିରଫ କରିଛି ପୁଲିସ । ଏହି ମାମଲାର ସମସ୍ତ ଆସାମୀକୁ ଗିରଫ ଦାବିରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରି ଦାବି କରାଯାଇଛି । ଦଳିତ ସଂଗଠନ ମୂଳନିବାସୀ ୟୁନାଇଟେଡ ଫ୍ରଣ୍ଟ ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ସାମାଜିକ ନ୍ୟାୟ ଅଭିଯାନ ରାଜ୍ୟ ସଂଯୋଜକ ଉମାକାନ୍ତ ମଲ୍ଲିକ, ଜିଲ୍ଲା ସଭାପତି ସହଦେବ ଜେନା, ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଂଯୋଜକ ଦୁଷ୍ମନ୍ତ କୁମାର ଜେନା, ଆମ୍ବେଦକର ଫାଉଣ୍ଡେସନ ସଭାପତି ସୁରେନ୍ଦ୍ର ମଲ୍ଲିକ, ସମ୍ପାଦକ ଅଭିମନ୍ୟୁ ମଲ୍ଲିକ, ମହିଳା ରାଜ୍ୟ ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ମୂଳନିବାସୀ ଯୁବ ଛାତ୍ର ଜିଲ୍ଲା ସଭାପତି ଲିଲୁ ଦାସ, ଚକ୍ରଧର ମଲ୍ଲିକ, ଯତୀନ୍ଦ୍ର ଜେନା, କ୍ଷୀରୋଦ ଦାସ, ସିଭିଲ ସୋସାଇଟି ସଭାପତି ବିଶ୍ୱନାଥ ପାତ୍ର, ରମେଶ ମଲ୍ଲିକ, ମାୟାଧର ମଲ୍ଲିକ, କିଶୋର ଜେନା, ପ୍ରତାପ ଦାସ, କ୍ଷୀରୋଦ ଦାସ, ଯଶୋବନ୍ତ ଜେନା, ବିଞ୍ଝାରପୁର ଦଳିତ ସଂଘ ସଭାପତି ରମେଶ ଜେନା, ସସ୍ମିତା ଜେନା, ବିକାଶ କୁମାର ମଲ୍ଲିକ, ପଦନ ମଲ୍ଲିକ, କାର୍ତ୍ତିକ ମଲ୍ଲିକ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମାଧ୍ୟମରେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ସହ ସମସ୍ତ ଆସାମୀଙ୍କୁ ଗିରଫ ଓ ମୃତକଙ୍କ ପରିବାରକୁ ସହାୟତା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।



ଫାଇଲ୍ ଫଟୋ

## ବୈଶ୍ୟ ବଣିଆ ସମାଜର ଜିଲ୍ଲା କମିଟି ଗଠିତ



**ଯାଜପୁର, ୨୩।୨(ସମିସ):** ନିଖିଳ ଉତ୍କଳ ପୁଟୁଳି ବୈଶ୍ୟ ବଣିଆ ସମାଜ ଅନୁବନ୍ଧିତ ଯାଜପୁର ଜିଲ୍ଲା ପୁଟୁଳି ବୈଶ୍ୟ ବଣିଆ ସମାଜର ସାଧାରଣ ପରିଷଦ ବୈଠକ, ଆଗାମୀ ଜିଲ୍ଲା ସଂଗଠନ ଲୋକାର୍ପଣ ଉତ୍ସବ ଓ ଜିଲ୍ଲା କମିଟି ଗଠନ ରବିବାର ଦିନ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗତ ବୈଠକର ବିବରଣୀ ପାଠ କରିଥିଲେ ଅଧ୍ୟାପକ ସଦାଶିବ ପୃଷ୍ଟି । ବରିଷ୍ଠ ସଭ୍ୟ ଅର୍ଜୁନ ଚରଣ ସାହୁ ପ୍ରାକ୍ ସୂଚନା ରଖିଥିବାବେଳେ ଜଗନ୍ନାଥ ସାହୁ ସ୍ୱାଗତ କରିଥିଲେ । ଜିଲ୍ଲାର ୯ଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରୁ ବହୁ ସଂଖ୍ୟକ ବରିଷ୍ଠ ଜାତି ଭାଇ ଏଥିରେ ଯୋଗଦେଇ ଜାତି ସମାଜର ଏକ ଜିଲ୍ଲା ଶାଖା ଗଠନ କରି ପୁଟୁଳି ବୈଶ୍ୟ ବଣିଆ ସମାଜକୁ ସଂଗଠିତ ପୂର୍ବକ ରାଜ୍ୟ ସରକାରଙ୍କଠାରୁ ବିଭିନ୍ନ ଦାବି ହାସଲ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ ।

ଆସନ୍ତା ଏପ୍ରିଲ ୬ ତାରିଖରେ ଜାତି ସମାଜ ଜିଲ୍ଲା ଶାଖାର ଲୋକାର୍ପଣ ଉତ୍ସବ ପାଳନ କରି ଜିଲ୍ଲାରେ ଏକ ସଶକ୍ତ ସଂଗଠନ ଗଢ଼ି ତୋଳିବା ଉପରେ ଉପସ୍ଥିତ ସଭ୍ୟମାନେ ପ୍ରସ୍ତାବ ରଖିଥିଲେ । ଲୋକାର୍ପଣ ଉତ୍ସବକୁ ସଫଳ କରିବାକୁ ଏକ ଆଡହକ କମିଟି ଗଠନ କରାଯାଇଛି । ଏହି କମିଟି ସମସ୍ତଙ୍କ ସହଯୋଗ ଓ ପରାମର୍ଶରେ କାର୍ଯ୍ୟ କରିବ ବୋଲି ସ୍ଥିର ହୋଇଛି । ସଭାପତି ଭାବେ କୈଳାସ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ଅଜିତ ପୃଷ୍ଟି, ଉପସଭାପତି ପ୍ରଶାନ୍ତ ନାୟକ ଓ ସୁଶାନ୍ତ ପୃଷ୍ଟି, ସାଧାରଣ ସମ୍ପାଦକ ସଦାଶିବ ପୃଷ୍ଟି, କୋଷାଧ୍ୟକ୍ଷ ଅରଜିତ ନାୟକ, ସଂଗଠନ ସମ୍ପାଦକ ଜଗନ୍ନାଥ, ଯୁଗ୍ମ ସଂଗଠନ ସମ୍ପାଦକ ରଘୁନାଥ ନାୟକ, ସହସମ୍ପାଦକ -ଅଶୋକ ନାୟକ ଓ ବିଭୂପ୍ରସାଦ ପୃଷ୍ଟି, ଅଫିସ ସମ୍ପାଦକ ଜଗତ ନାୟକ ଓ ସହଯୋଗୀ ସମ୍ପାଦକ ମହେଶ୍ୱର ନାୟକ ମନୋନୀତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ କମିଟିରେ ରାଜକିଶୋର ପୃଷ୍ଟି, କୈଳାସ ଚନ୍ଦ୍ର ପୃଷ୍ଟି, ବିମଳେନ୍ଦୁ ପୃଷ୍ଟି, ମଦନ ସେନାପତି, ଭିକାରୀ ନାୟକ, ପ୍ରଫୁଲ୍ଲ ପୃଷ୍ଟି, ବନମାଳୀ ପୃଷ୍ଟି, ଅଜୟରାମ ସାହୁ, ସୁରେନ୍ଦ୍ର ନାୟକ, ଗୁଣନିଧି ମହାନ୍ତି, ନୀଳକଣ୍ଠ ନାୟକ, ନରେନ୍ଦ୍ର ନାୟକ, ବିଷ୍ଣୁ ନାୟକ, ପ୍ରଦୀପ ସାହୁ, ହରିହର ସେନାପତି, ଗୋପାଳ ନାୟକ, ପର୍ଶୁରାମ ନାୟକ, ବାଇଧର ନାୟକ, ନରେନ୍ଦ୍ର ନାୟକ ଓ ଦେବବ୍ରତ ନାୟକ ରହିଛନ୍ତି । ବରିଷ୍ଠ ସଭ୍ୟ ଅର୍ଜୁନ ସାହୁ, ଦିଗମ୍ବର ସାହୁ, ହୃଷୀକେଶ ପୃଷ୍ଟି, ଶରତ ପୃଷ୍ଟି, ସଦାନନ୍ଦ ସାହୁ, ଅଶୋକ ନାୟକ, ବଳରାମ ସାହୁ, ଅଧ୍ୟାପକ ସୌଭାଗ୍ୟ ସାହୁ, ଅନିରୁଦ୍ଧ ପୃଷ୍ଟି, ନିରଞ୍ଜନ ସାହୁ ଓ ନିତ୍ୟାନନ୍ଦ ନାୟକ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଛନ୍ତି । ସଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ୨ ତାରିଖରେ କର୍ମକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ପୃଷ୍ଟି ସୂଚନା ଦେଇଛନ୍ତି ।

## ରକ୍ତଦାନ ଶିବିର ପାଇଁ ବଣମଲ୍ଲୀ ଅନୁଷ୍ଠାନର ପ୍ରସ୍ତୁତି ବୈଠକ



**କବାଟବନ୍ଧ, ୨୩।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ପକ୍ଷରୁ ଦ୍ୱିତୀୟଥର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଉପଦେଷ୍ଟା ପଦ୍ମନାଭ ଶତପଥୀଙ୍କ ସଭାପତିତ୍ୱରେ ବୃନ୍ଦାଦେଇପୁରସ୍ଥ ମା’ ମଙ୍ଗଳାଙ୍କ ପୀଠରେ ଆୟୋଜିତ ବୈଠକରେ ଆସନ୍ତା ମାର୍ଚ୍ଚ ମାସ ୯ ତାରିଖରେ ବୃନ୍ଦାଦେଇପୁର ଶାସନସ୍ଥ ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ କଟକ ରେଡକ୍ରସ, ସହଯୋଗରେ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ସମାଜସେବୀ ଶରତ ମହାନ୍ତି, ଅନୁଷ୍ଠାନର ସଭାପତି ଡ. ଜୟଦେବ ଶତପଥୀ, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ସଦସ୍ୟ ଲାଲମୋହନ ଶତପଥୀ, ତୀର୍ଥବାସୀ ଦଳାଇ, ଲିଙ୍ଗରାଜ ଶତପଥୀ, ଅଭିଷେକ ବରାଳ, ସିଦ୍ଧାନ୍ତ ପଲାଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା କରିଥିଲେ ।

### ଚାଷଜମିରେ ନିର୍ମାଣ ହେଉଛି ରାସ୍ତା

## ଚାଷୀଙ୍କୁ ମିଳୁନି କ୍ଷତିପୂରଣ, ଜିଲ୍ଲାପାଳଙ୍କୁ ଅଭିଯୋଗ

**ବିଂଝାରପୁର, ୨୩।୨ (ସମିସ)**

ବିଂଝାରପୁର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧୀନସ୍ଥ ମଙ୍ଗଳପୁର ସେକ୍ସନ ଶାସନପଡ଼ାଠାରୁ ମନ୍ଦାରଖଣ୍ଡ ପର୍ଯ୍ୟନ୍ତ ୱାନ୍‌ସି କେନାଲ ରାସ୍ତା ନିର୍ମାଣ ଚାଲିଛି । ଏହି ରାସ୍ତାଟି ବ୍ୟକ୍ତିଗତ ଓ ଚାଷଜମି ଉପରେ ନିର୍ମାଣ ହେଉଛି । ଚାଷୀଙ୍କୁ କ୍ଷତିପୂରଣ ନ ଦେଇ ବିଭାଗ ଜୋର୍ ଜବରଦସ୍ତ କାମ କରୁଥିବା ଜିଲ୍ଲାପାଳ ପି. ଅନ୍ୱେଷା ରେ‡ୀଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଜିଲ୍ଲାପାଳ ଉକ୍ତ ରାସ୍ତା ନିର୍ମାଣକୁ ବନ୍ଦ କରିଛନ୍ତି ।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ ଶାସନପଡ଼ା-ମନ୍ଦାରଖଣ୍ଡ ୱାନ୍‌ସି କେନାଲ ବନ୍ଧ ଉପରେ ରାସ୍ତା ସମ୍ପ୍ରସାରଣ ଓ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାସ୍ତା ପାର୍ଶ୍ୱରେ ଥିବା ଶାସନପଡ଼ା ଗ୍ରାମର ଚାଷୀ ପ୍ରଫୁଲ୍ଲ ନାଥଙ୍କ ୫ ଗୁଣ୍ଠ ଜମି ସମେତ ଚାଷୀ ପ୍ରମୋଦ କୁମାର ଓଝା, ଦୁଃଶାସନ ନାୟକ, ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ ପରିଡ଼ା, ରାଧାଶ୍ୟାମ ମଳିକ, ନାରାୟଣ ଚନ୍ଦ୍ର ନାଥ, ପ୍ରଫୁଲ୍ଲ ଓଝା, ବାଟୁ ଚନ୍ଦ୍ର ନାଥ, ବନମାଳୀ ନାୟକ, ବସନ୍ତ ନାୟକ, ଶରତ ଚନ୍ଦ୍ର ପରିଡ଼ା, ସୁମନ ଦାସ, ପପୁ ଦାସ, ଅକ୍ଷୟ କୁମାର ଦାସ, ଅଜୟ ଦାସ, ଗଦାଧର ଦାସ, ଚକ୍ରଧର ଦାସ, ହରି ମଳିକ, ଧରଣୀ ମଳିକ, କିଶୋର ମଳିକଙ୍କ ସମେତ ବହୁ ଚାଷୀଙ୍କର ଚାଷ ଜମି ରାସ୍ତା ନିର୍ମାଣରେ ଯାଇଛି । ଏ ସମ୍ପର୍କରେ ସମ୍ପୃକ୍ତ ଚାଷୀ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିବାବେଳେ ଜମି ମାଲିକଙ୍କ ବିନା ଅନୁମତିରେ ବିଭାଗୀୟ ଯନ୍ତ୍ରୀ ଓ ସମ୍ପୃକ୍ତ ଠିକାଦାର ଜୋର୍ ଜବରଦସ୍ତ ଜମି ଉପରେ ରାସ୍ତା ନିର୍ମାଣ କରୁଛନ୍ତି ବୋଲି ଜିଲ୍ଲାପାଳଙ୍କ ନିକଟରେ ଜମି ମାଲିକମାନେ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି । ଅଭିଯୋଗ ପାଇବା ପରେ ଉକ୍ତ ରାସ୍ତା କାମକୁ ଜିଲ୍ଲାପାଳ ଶ୍ରୀମତୀ ରେଡ୍ଡୀ ବନ୍ଦ କରିଛନ୍ତି ।



## ଦୁର୍ଘଟଣାରେ ଜଣେ ମୃତ

**ଦାନଗଦି/କବାଟବନ୍ଧ, ୨୩।୨(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ବିଜୁ ପଟ୍ଟନାୟକ ମାର୍ଗର ତେଲିବାହାଳି ମହାପାଟ ପେଟ୍ରୋଲ ପମ୍ପ ସମ୍ମୁଖରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇ ଦାନଗଦି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସୂଚନା ମୁତାବକ, ଜଗାଡିହ ଗ୍ରାମର ଶରତ ଦଳାଇ ଓ ତାଙ୍କ ବଡଭାଇଙ୍କ ଜ୍ୱାଇଁ ବିହାର ଅଞ୍ଚଳର ଅଜିତ କୁମାରଙ୍କ ସହିତ ବାଇକ୍‌ରେ ଦାନଗଦି ଡାକ୍ତରଖାନାକୁ କୌଣସି କାମରେ ଆସୁଥିଲେ । ଉଭୟ ପେଟ୍ରୋଲ ପମ୍ପରୁ ବାଇକ୍‌ରେ ତେଲ ପକାଇ ବାହାରୁଥିବାବେଳେ ପଛ ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇ ଅଜିତ କୁମାରଙ୍କ ମୁଣ୍ଡରେ ଚଢ଼ିଯାଇଥିଲା । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଶରତ ଆହତ ହୋଇ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ବିଞ୍ଝାରପୁର, ୨୩।୨(ସମିସ):** ବିଞ୍ଝାରପୁର ବ୍ଲକ ଅଧୀନସ୍ଥ ବିତନା ପଞ୍ଚାୟତସ୍ଥ ଯୁଣଭଦ୍ରା ଡିଗ୍ରୀ ମହାବିଦ୍ୟାଳୟର +୩ ପ୍ରଥମବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଶିବିର ଉଦଘାଟିତ ହୋଇଯାଇଛି । ଉଚ୍ଚଶିକ୍ଷା ବିଭାଗ ପ୍ରାୟୋଜିତ ଆତ୍ମରକ୍ଷା କୌଶଳ ଶିବିରକୁ ଅଧ୍ୟକ୍ଷ ପ୍ରାଧ୍ୟାପକ ମାନସ ରଞ୍ଜନ ଲେଙ୍କା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଡ. ସୀମା ଦତ୍ତ, ପ୍ରଶିକ୍ଷିକା ସୁନୀତା ଦାସ ଯୋଗଦେଇ ଛାତ୍ରୀଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ । ଅଧ୍ୟାପକ ରବିନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।














## ଆତିଶୀ ବିରୋଧୀ ଦଳ ନେତା

ନୂଆଦିଲ୍ଲୀ,୨୩।୨(ଏଜେନ୍ସି): ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ ଆଦମୀ ପାର୍ଟି ନେତ୍ରୀ ଆତିଶୀ ମାର୍ଲେନା ହେବେ ବିରୋଧୀ ଦଳ ନେତା। ଆପ୍ ଏହି ପଦ ପାଇଁ ତାଙ୍କୁ ଚୟନ କରିଛି। ଏହାଦ୍ୱାରା ଆତିଶୀ ଦିଲ୍ଲୀର ପ୍ରଥମ ମହିଳା



ବିରୋଧୀ ଦଳ ନେତା ହେବେ। ଦଳ ପକ୍ଷରୁ ଆତିଶୀଙ୍କ ନାମ ଘୋଷଣା କରାଯିବା ପରେ ନିଜର ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ, ତାଙ୍କ ଉପରେ ଏହି ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ସେ ଦଳୀୟ ମୁଖ୍ୟଙ୍କୁ ଧନ୍ୟବାଦ ଜଣାଉଛନ୍ତି। ଗୃହରେ ତାଙ୍କ ଦଳ ପୂର୍ଣ୍ଣ ଶକ୍ତି ସହିତ ଜନସାଧାରଣଙ୍କ ସମସ୍ୟା ଉଠାଇବ। ଦିଲ୍ଲୀବାସୀ ତାଙ୍କ ଦଳକୁ ବିରୋଧୀ ଦଳ ଭୂମିକା ନିଭାଇବା ପାଇଁ ଦାୟିତ୍ୱ ଦେଇଛନ୍ତି। ତେଣୁ ଏହି ଭୂମିକାକୁ ସେ ଦୃଢତାର ସହ ସମ୍ପାଦନ କରିବେ। ବିଜେପି ସରକାର ଦିଲ୍ଲୀବାସୀଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଛି ସେଗୁଡିକର ପୂରଣ ହେବା ଦିଗକୁ ତାଙ୍କ ଦଳ ନିଶ୍ଚିତ କରିବ। ନିର୍ବାଚନ ସମୟରେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଦେବାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଥିଲେ। ଆମେ ନିଶ୍ଚିତ ଭାବରେ ବିଜେପି ସରକାରଙ୍କ ଠାରୁ ଏହି ପ୍ରତିଶ୍ରୁତି ପୂରଣ କରାଇବୁ ବୋଲି ଆତିଶୀ କହିଛନ୍ତି।

■ **ତେଲଙ୍ଗାନା ସୁଡ଼ଙ୍ଗ ଦୁର୍ଘଟଣା**

## ୮ ଶ୍ରମିକ ବାହାରିବା ଆଶଙ୍କା କମ୍

ହାଇଦରାବାଦ, ୨୩।୨ (ଏଜେନ୍ସି): ଆସାମ କୋଇଲା ଖଣି ଦୁର୍ଘଟଣା ପରେ ତେଲଙ୍ଗାନା ନାଗରକୁର୍ଣ୍ଣୁଲ ଜିଲ୍ଲାର ନିର୍ମାଣାଧୀନ ଶ୍ରୀସେଲମ ଲେଫ୍ଟ ବ୍ୟାଙ୍କ ଟନେଲ (ଏସଏଲବିଟି) ର କିଛି ଅଂଶ ଭୁଶୁଡ଼ି ପଡ଼ିଛି। ଏଥିଯୋଗୁଁ ସୁଡ଼ଙ୍ଗ ଭିତରେ ୮ ଜଣ ଶ୍ରମିକ ୨୪ ଘଣ୍ଟାରୁ ଅଧିକ ସମୟ ହେଲା ଫସି ରହିଛନ୍ତି। ରବିବାର ରାତି ସୁଦ୍ଧା ଏହି ଶ୍ରମିକଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ। ସମସ୍ତଙ୍କୁ ବାହାର କରିବାକୁ ପ୍ରୟାସ କରଯାଉଛି। ୪୪ କିମି ଲମ୍ବ ସୁଡ଼ଙ୍ଗର ୧୩ କିମି ପରେ ୨୦୦ ମିଟର ପର୍ଯ୍ୟନ୍ତ ଅବଶେଷ ଭର୍ତ୍ତି ହୋଇ ରହିଛି। ଏଥିପାଇଁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ଏନ୍‌ଡିଆର୍‌ଏଫ୍ ଚାରୋଟି ଟିମ୍, ଏସ୍‌ଡିଆରଏଫ୍ ଏବଂ ସେନା ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ସୁଡ଼ଙ୍ଗ ଭିତରେ ୧୧ କିମି ପର୍ଯ୍ୟନ୍ତ ପାଣି ଜମି ରହିଛି। ପାଣି ବାହାର କରିବାକୁ ପ୍ରୟାସ କରାଯାଉଛି। ଅନ୍ୟପକ୍ଷରେ ଏହି କମ୍ପାନୀର ଜେନେରାଲ ମ୍ୟାନେଜର ଶ୍ରୀନିବାସ ରେଡ୍ଡୀ କହିଛନ୍ତି ଯେ ସୁଡ଼ଙ୍ଗରୁ କର୍ମଚାରୀ ବାହାରିବା ଆଶଙ୍କା କମ୍ ରହିଛି। ନାଗରକୁର୍ଣ୍ଣୁଲର ଜିଲ୍ଲାପାଳ ବି ସନ୍ତୋଷ କହିଛନ୍ତି ଯେ ଉଦ୍ଧାରକାରୀ ଦଳ ବୋରିଂ ମେସିନ ଥିବା ସ୍ଥାନରେ ପହଞ୍ଚି ଯାଇଛି। କିନ୍ତୁ ଶ୍ରମିକଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ।

**ୟୁକ୍ରେନ ଯୁଦ୍ଧକୁ ପୂରିଲା ତିନି ବର୍ଷ**

# ସୈନ୍ୟ ମୃତ୍ୟୁସଂଖ୍ୟା ୨ ଲକ୍ଷରୁ ଅଧିକ

ନୂଆଦିଲ୍ଲୀ,୨୩।୨(ଏଜେନ୍ସି):

୨୦୨୨ ଫେବୃଆରୀ ୨୪ରେ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ ଯୁଦ୍ଧକୁ ଇତିମଧ୍ୟରେ ୩ ବର୍ଷ ପୂରିଛି। ଯୁଦ୍ଧ ବନ୍ଦ କରିବାକୁ ବିଭିନ୍ନ ସ୍ତରରେ ଉଦ୍ୟମ କରାଯାଇଥିଲେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ସମ୍ଭବ ହୋଇପାରି ନାହିଁ। ଏପରିକି ୪ ଦିନ ତଳେ ଆମେରିକା ଏବଂ ରୁଷ ପ୍ରତିନିଧି ସାଉଦି ସହର ରିଆଦରେ ଯୁଦ୍ଧ ବନ୍ଦ କରିବା ଲାଗି ଆଲୋଚନା କରିବା ପରେ ମଧ୍ୟ ରୁଷ ଶନିବାର ରାତିରେ ୟୁକ୍ରେନର ବହୁ ସହର ଉପରେ ଜୋରଦାର ଆକ୍ରମଣ କରିଛି। ଏହି ତିନି ବର୍ଷର ଯୁଦ୍ଧ ମଧ୍ୟରେ ଉଭୟ ପକ୍ଷର ପ୍ରଭୂତ କ୍ଷତି ଘଟିବା ସହିତ ଲକ୍ଷାଧିକ ସୈନିକ ମୃତ୍ୟୁବରଣ କରିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ବର୍ତ୍ତମାନ ସୁଦ୍ଧା ୟୁକ୍ରେନ ଏବଂ ରୁଷର ୨ ଲକ୍ଷରୁ ଅଧିକ ସୈନିକଙ୍କ ମୃତ୍ୟୁ ହେବା ସହିତ ୮ ଲକ୍ଷ ସୈନିକ ଆହତ ହୋଇଛନ୍ତି। ସେହିପରି ୟୁକ୍ରେନର ୧ କୋଟିରୁ ଅଧିକ ଲୋକ ବାସହରା ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରାୟ ୨୦ ଲକ୍ଷ ଶିଶୁ ବେସାହାରା ହୋଇପଡ଼ିଥିବା କୁହାଯାଇଛି। ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଏହି ଯୁଦ୍ଧ ୟୁରୋପରେ ସବୁଠୁ ଅଧିକ ସଂହାର ଆଣିଛି। ଧନଜୀବନ ହାନୀ ବ୍ୟତୀତ ଉଭୟ ପକ୍ଷର ବହୁ ସମ୍ପତ୍ତି ନଷ୍ଟ ହୋଇଛି। ତେବେ ୟୁକ୍ରେନରେ ରୁଷ ତୁଳନାରେ ଅଧିକ କ୍ଷତି ଘଟିଛି। ଏଠାରେ ପ୍ରାୟ ୧୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସମ୍ପତ୍ତି ନଷ୍ଟ ହେବା ସହିତ ବନ୍ଦର ଠାରୁ ଆରମ୍ଭ କରି ସଡ଼କ, ପୋଲ, ଗବେଷଣାଗାର, ଆଣବିକ ଶକ୍ତି କେନ୍ଦ୍ର ଆଦି ନଷ୍ଟ ହୋଇଛି ବୋଲି ଜାତିସଂଘ ସୂତ୍ରରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଏହାଦ୍ୱାରା ୟୁକ୍ରେନର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ହେବା ସହିତ ଗରିବୀ ଏବଂ ଅନଟନ ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି।

**କୋଟିଏରୁ ଅଧିକ ୟୁକ୍ରେନବାସୀ ବାସହରା**

**୨୦ ଲକ୍ଷ ପିଲା ପାଲଟିଛନ୍ତି ବେସାହାରା**



## ୧୩ ସହର ଉପରେ ରୁଷିଆର ବଡ଼ ଡ୍ରୋନ ଆକ୍ରମଣ



ଯୁଦ୍ଧ ବିରତି ଆଲୋଚନା ସତ୍ତ୍ୱେ ଶନିବାର ରାତିରେ ରୁଷ ପକ୍ଷରୁ ୟୁକ୍ରେନ ଉପରେ ଜୋରଦାର ଡ୍ରୋନ ଆକ୍ରମଣ ହୋଇଛି। ଏଠାକାର ୧୩ ସହର ଉପରେ ରୁଷ ସେନା ଏକାଥରକେ ୨୬୭ ଡ୍ରୋନ ଦ୍ୱାରା ଆକ୍ରମଣ କରିଛି। ଯାହାକି ୟୁକ୍ରେନ ବିପକ୍ଷରେ ରୁଷର ସବୁଠୁ ବଡ଼ ଡ୍ରୋନ ଆକ୍ରମଣ ବୋଲି କୁହାଯାଇଛି। ତେବେ ୟୁକ୍ରେନ ସେନା ଏଥିମଧ୍ୟରୁ ୧୩୮ଟି ଡ୍ରୋନକୁ ପ୍ରତିହତ କରି ନିଷ୍କ୍ରିୟ କରିଦେଇଥିବା କହିଛି। ଏହି ଆକ୍ରମଣରେ ବିଭିନ୍ନ ସହରର ବହୁ କୋଠାବାଡ଼ି ନଷ୍ଟ ହେବା ସହିତ ୪ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି। ଏହି ଆକ୍ରମଣକୁ ମିଶାଇ ଗୋଟିଏ ସପ୍ତାହରେ ରୁଷ ୟୁକ୍ରେନ ଉପରେ ୧୧୫୦ ଡ୍ରୋନ ଆକ୍ରମଣ କରିବା ସହିତ ୧୪୦୦ ବୋମା ଏବଂ ୩୫ କ୍ଷେପଣାସ୍ତ୍ର ମାଡ଼ କରିଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କି କହିଛନ୍ତି। ୟୁକ୍ରେନର ଖାରକିଭ୍, ପୋଲଟାଭା, ସୁମି, କିଭ୍, ଚେର୍ନିହିଭ୍, ମେକୋଲେଭ୍,ଓଡେଶା ସମେତେ ଅନ୍ୟ କିଛି ସହର ଉପରେ ରୁଷ ଘନ ଘନ ଡ୍ରୋନ ଆକ୍ରମଣ କରିବା ଦ୍ୱାରା ବିଭିନ୍ନ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

## 'ୟୁକ୍ରେନ ନାଟୋରେ ଯୋଗ ଦେଲେ ନିଜ ପଦରୁ ହଟିଯିବି'

ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବନ୍ଦ କରିବା ସହିତ ଶାନ୍ତି ଫେରାଇ ଆଣିବା ଲାଗି ପ୍ରୟାସ ଆରମ୍ଭ ହୋଇଥିଲା ବେଳେ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କି ପୁଣି ଏକ ବିବାଦୀୟ ମନ୍ତବ୍ୟ ଜାରି କରିଛନ୍ତି। ଯେଉଁ ପ୍ରସଙ୍ଗକୁ ନେଇ ରୁଷ ତିନି ବର୍ଷ ତଳେ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିଥିଲା ଜେଲେଁସ୍କି ପୁଣି ସେହି ପ୍ରସଙ୍ଗକୁ ଉଠାଇଛନ୍ତି। ୟୁକ୍ରେନ ଯଦି ନାଟୋ ମେଣ୍ଟରେ ଯୋଗ ଦିଏ ତେବେ ସେ ରାଷ୍ଟ୍ରପତି ପଦ ଛାଡି ଦେବାକୁ ପ୍ରସ୍ତୁତ ରହିଛନ୍ତି ବୋଲି କିଭ୍‌ରେ ଗଣମାଧ୍ୟମକୁ ଏକ ସାକ୍ଷାତକାର ଦେବା ବେଳେ କହିଛନ୍ତି। ଏହାଛଡ଼ା ମସ୍କୋ ଏବଂ କିଭ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠାଲାଗି ଆମେରିକାର ମଧ୍ୟସ୍ଥତାକୁ ନେଇ ସେ କହିଛନ୍ତି ଯେ, ଆମେ କେବଳ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତା ଚାହୁଁଛୁ। ଏହାଠାରୁ ଅଧିକ କିଛି ଆଶା କରୁନାହୁଁ। ୟୁକ୍ରେନ ନାଟୋ ମେଣ୍ଟରେ ଯୋଗ ଦେଲେ ସବୁକିଛି ସ୍ୱାଭାବିକ ହୋଇଯିବ ଏବଂ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ଜେଲେଁସ୍କି କହିଥିଲା ବେଳେ ଏହାକୁ ରୁଷ ରାଷ୍ଟ୍ରପତି ପୁତିନ ଏବଂ ଟ୍ରମ୍ପ କିଭଳି ଗ୍ରହଣ କରୁଛନ୍ତି ତାହା ପ୍ରଶ୍ନ ସୃଷ୍ଟି କରିଛି। ବିଶେଷକରି ପୁତିନ ଏଭଳି ବିଷୟକୁ ଆଦୌ ଗ୍ରହଣ କରିବାର ପ୍ରଶ୍ନ ଉଠୁ ନଥିବାରୁ ଏହା ସ୍ଥିତିକୁ ଆହୁରି ଜଟିଳ କରିପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।



**ଶଶୀ ଥରୁରଙ୍କ ବିଦ୍ରୋହର ସ୍ୱର**

## ମୋ ପାଇଁ ବିକଳ୍ପ ଅଛି

ନୂଆଦିଲ୍ଲୀ,୨୩।୨(ଏଜେନ୍ସି): କିଛି ଦିନର ବ୍ୟବଧାନରେ କଂଗ୍ରେସରେ ପୁଣି ଉଠିଛି ବିଦ୍ରୋହର ସ୍ୱର। କୌଣସି ଛୋଟ କାଟିଆ ନେତା ନୁହନ୍ତି, ଦଳର ପ୍ରମୁଖ ନେତା ଏବଂ ସାଂସଦ ଶଶୀ ଥରୁର କେରଳ ରାଜ୍ୟର ନେତୃତ୍ୱ ନେବା ପ୍ରସଙ୍ଗରେ ଯେଉଁ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ତାହା କଂଗ୍ରେସ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ୨୦୨୬ କେରଳ ବିଧାନସଭା ନିର୍ବାଚନକୁ ନେଇ ସେ କଂଗ୍ରେସର ରଣନୀତି ସମ୍ପର୍କରେ ଆଲୋଚନା କରିଥିଲା ବେଳେ ବିଭିନ୍ନ ସଂଗଠନ ଦ୍ୱାରା କରାଯାଇଥିବା ସର୍ଭେରେ କେରଳ ନେତୃତ୍ୱ ପାଇଁ ସେ ଅନ୍ୟମାନଙ୍କଠାରୁ ବହୁତ ଆଗରେ ରହିଥିବା କହିଥିଲେ। କିନ୍ତୁ ଏହାପରେ ଯେଉଁ ଦୁଇ ପଦ କଥା କହିଥିଲେ ତାହା ଦଳରେ ହଇଚଇ ସୃଷ୍ଟି କରିଛି। ସେ କହିଥିଲେ ଯେ, ଯଦି କଂଗ୍ରେସ ତାଙ୍କୁ ଉପଯୋଗ କରିବାକୁ ଚାହିଁବ ତେବେ ସେ ଦଳ ପାଇଁ କାର୍ଯ୍ୟ କରିବେ। ଯଦି ଦଳ ପାଇଁ ତାଙ୍କର ଆବଶ୍ୟକତା ନାହିଁ ତେବେ ସେ ନିଜସ୍ୱ କାର୍ଯ୍ୟ କରିବେ। ଏପରିକି ତାଙ୍କ ପାଇଁ ଅନ୍ୟ କିଛି ଯେ ବିକଳ୍ପ ନାହିଁ ତାହା ଦଳ ଭାବିବା ଉଚିତ ନୁହେଁ ବୋଲି ଥରୁର କହିବା ବହୁ ଦଳୀୟ ନେତାଙ୍କୁ ଚିନ୍ତିତ କରିଛି। ସାଧାରଣତଃ କଂଗ୍ରେସର ସବୁ ନିଷ୍ପତ୍ତି ଦଳୀୟ ହାଇକମାଣ୍ଡଙ୍କ ଉପରେ ନିର୍ଭର କରିଥାଏ। ହାଇକମାଣ୍ଡ ଯାହା ନିଷ୍ପତ୍ତି ନିଅନ୍ତି ତାହାକୁ ନେତା ଅକ୍ଷରେ ଅକ୍ଷରେ ପାଳନ କରିଥାଆନ୍ତି। କିନ୍ତୁ ତାଙ୍କର ଏଭଳି ଟିପ୍ପଣୀକୁ ନେଇ ସେ ଦଳ ଛାଡିବେ କି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବିଗତ ଦିନରେ



କଂଗ୍ରେସ ବହୁ ବରିଷ୍ଠ ଏବଂ ଅଭିଜ୍ଞ ନେତାଙ୍କୁ ହରାଇ ସାରିଛି। କିନ୍ତୁ ଦଳର ସାଂପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ଯଦି ଶଶୀ ଥରୁର ସେଭଳି କିଛି ନିଷ୍ପତ୍ତି ନିଅନ୍ତି ତେବେ ଦଳ ପାଇଁ ବଡ଼ କ୍ଷତି ହୋଇପାରେ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଥରୁର ଅଧିକାଂଶ ସମୟରେ ନିଜର ଖୋଲା ଖୋଲି ମନ୍ତବ୍ୟ ପାଇଁ ସବୁ ବେଳେ ଚର୍ଚ୍ଚାରେ ରହିଆସିଛନ୍ତି।

**ସରକାରୀ ତଥ୍ୟରେ ନିର୍ବାଚନୀ ଖର୍ଚ୍ଚର ସୂଚନା ନାହିଁ**

## ୭ ପ୍ରକଳ୍ପ ପାଇଁ ଖର୍ଚ୍ଚ ହୋଇଛି 'ୟୁଏସ୍‌ଏଡ୍' ପାଣ୍ଠି

ନୂଆଦିଲ୍ଲୀ,୨୩।୨(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ସମୟରେ ଆମେରିକାର ବାଇଡେନ ସରକାର 'ୟୁଏସଏଡ୍' ଏଜେନ୍ସି ମାଧ୍ୟମରେ ଭାରତକୁ ୨୧ ନିୟୁତ ଡଲାରର ପାଣ୍ଠି ଯୋଗାଇଥିବା ପ୍ରସଙ୍ଗକୁ ନେଇ ଏବେ ବିଜେପି ଏବଂ କଂଗ୍ରେସ ମଧ୍ୟରେ ରାଜନୈତିକ ଯୁଦ୍ଧ ଚାଲିଛି। କିନ୍ତୁ ଏହି ପ୍ରସଙ୍ଗରେ ଆମେରିକାର ଟ୍ରମ୍ପ ପ୍ରଶାସନ ପକ୍ଷରୁ ଯାହା କୁହାଯାଉଛି ତାହା ବିଜେପି ଦ୍ୱାରା ପ୍ରାୟୋଜିତ ବୋଲି କଂଗ୍ରେସ କହିଛି। ବିଜେପି ଆମେରିକାରୁ ଏଭଳି ଅପପ୍ରଚାର ଚଳାଇ ଦେଶଦ୍ରୋହ କାର୍ଯ୍ୟ କରିଛି ବୋଲି କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି। ଆମେରିକା ଏଭଳି ମିଥ୍ୟା ଖବର ବାରମ୍ବାର ପ୍ରଚାର କରୁଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କିଭଳି ଚୁପ୍ ହୋଇ ବସିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୨୪ ନିର୍ବାଚନ ବେଳେ ଆମେରିକାରୁ ଭାରତକୁ ୨୧ ନିୟୁତ ଡଲାର ଦିଆଯାଇଥିଲା ବୋଲି ଯାହା କୁହାଯାଉଛି ତାହା ବାଂଲାଦେଶ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏହି ଅର୍ଥ ଭାରତକୁ ଦିଆଯାଇଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷକୁ ନେଇ ଯେଉଁ ତଥ୍ୟ ପ୍ରକାଶ କରାଯାଇଛି ସେଥିରେ ଏହି ପରିମାଣର ଅର୍ଥ ସମ୍ପର୍କରେ କିଛି ସୂଚନା ନାହିଁ।



ଅର୍ଥ ମନ୍ତ୍ରାଳୟ ସୂଚନା ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୭ଟି ପ୍ରକଳ୍ପ ପାଇଁ ଭାରତକୁ ୟୁଏସଏଡ୍ ମୋଟ ୭୫୦ ନିୟୁତ ଡଲାର(୬୫୦୦ କୋଟି) ଯୋଗାଇ ଦେଇଛି। କିନ୍ତୁ ୨୦୨୪ ଲୋକସଭା ନିର୍ବାଚନ ବେଳେ ଭୋଟରଙ୍କୁ ପ୍ରୋତ୍ସାହିତ କରିବାକୁ ୨୧ ନିୟୁତ ଡଲାର ଦିଆଯାଇଛି ବୋଲି ଯାହା କୁହାଯାଉଛି ସେ ସମ୍ପର୍କରେ ମନ୍ତ୍ରାଳୟ କୌଣସି ତଥ୍ୟ ଦେଇ ନାହିଁ। ଏପରିକି ଦ୍ୱିପାକ୍ଷିକ ପାଣ୍ଠି ବ୍ୟବସ୍ଥା ପାଇଁ ସହଯୋଗ କରୁଥିବା ଅର୍ଥ ମନ୍ତ୍ରାଳୟର ପ୍ରମୁଖ ବିଭାଗ ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ମଧ୍ୟ ଏ ସମ୍ପର୍କରେ କିଛି ତଥ୍ୟ ଦିଆଯାଇ ନାହିଁ। ଏହାକୁ ନେଇ କଂଗ୍ରେସ ବିଜେପିକୁ ନିଶାଣ କରିବା ସହିତ ତୀବ୍ର ସମାଲୋଚନା କରିଛି।

# ମହାକୁମ୍ଭରେ ପ୍ରତି ୧୦ରୁ ୯ ଯାତ୍ରୀ ଲୁଟ୍‌ର ଶିକାର

ପ୍ରୟାଗରାଜ, ୨୩।୨ (ଏଜେନ୍ସି):

ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳା ମହାକୁମ୍ଭ ରବିବାର ୪୨ ଦିନରେ ପହଞ୍ଚିଛି। ଆଉ ତିନି ଦିନ ପରେ ଏହି ମେଳା ଶେଷ ହେବ। ଏହା ପୂର୍ବରୁ ପ୍ରୟାଗରାଜରେ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗି ରହିଛି। ସହରର ସବୁ ଗଳି କନ୍ଦି ଜାମ୍ ହୋଇଯାଇଛି। ଏହାକୁ ଦେଖି ଅସାଧୁ ବ୍ୟକ୍ତି ସକ୍ରିୟ ହୋଇ ଉଠିଛନ୍ତି।

ଏମାନେ ଶ୍ରଦ୍ଧାଳୁଙ୍କଠାରୁ ନିଜ ଇଚ୍ଛା ମୁତାବକ ଟଙ୍କା ଆଦାୟ କରୁଛନ୍ତି। ମହାକୁମ୍ଭକୁ ଆସୁଥିବା ପ୍ରତି ୧୦ରୁ ୯ ବ୍ୟକ୍ତି ୫୦ %ରୁ ୩୦୦%ପର୍ଯ୍ୟନ୍ତ ଅଧିକ ଟଙ୍କା ଦେଇ ବିମାନ ଟିକଟ ବୁକ୍ କରିଛନ୍ତି। ଡଙ୍ଗାରେ ଯାତ୍ରା ଏବଂ ଟେଣ୍ଟରେ ରହିବା ପାଇଁ ମଧ୍ୟ ଲୋକେ ଠକାମିର ଶିକାର ହୋଇଛନ୍ତି। ଏଥିପାଇଁ ୬୭ ପ୍ରତିଶତ ଲୋକ ୪ ଗୁଣ ଅଧିକ ଅର୍ଥ ଦେଇଛନ୍ତି। 'କମ୍ୟୁନିଟି ଲୋକାଲ ସର୍କଲ୍ସ' ପକ୍ଷରୁ କରାଯାଇଥିବା ସର୍ଭେରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଏଥିରେ ୩୦୩ ଜିଲ୍ଲାରୁ ମହାକୁମ୍ଭ ଯାଇଥିବା ୪୯ ହଜାର ଲୋକଙ୍କ ଉପରେ ସର୍ଭେ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ବିମାନରେ କୁମ୍ଭ ଯାଇଥିବା କେବଳ ୧୩ ପ୍ରତିଶତ ଲୋକ କୌଣସି ଅତିରିକ୍ତ ଦେୟ ଦେଇ ନ ଥିବା କହିଥିଲେ। ସେହିପରି ବିମାନରେ ଯାଇ ନ ଥିବା ୨୨ ପ୍ରତିଶତ ଲୋକ ମଧ୍ୟ ସମାନ ମନ୍ତବ୍ୟ ଦେଇଥିଲେ।

**୩୦୦% ମହଙ୍ଗାରେ କିଣିଥିଲେ ବିମାନ ଟିକଟ**

**ଡଙ୍ଗା ଓ ଟେଣ୍ଟ ପାଇଁ ୪ ଗୁଣ ଅର୍ଥ ଦେଇଛନ୍ତି ୬୭% ଲୋକ**

**ଡଙ୍ଗା ଭଡ଼ା ୨୦ ଗୁଣ ଅଧିକ**

**୨ କିମିକୁ ୫୦୦ ଟଙ୍କା ନେଉଛନ୍ତି ବାଇକର୍ସ**



ଅଟୋ, ଇ-ରିକ୍ସା, ବାଇକବାଲା ଏବଂ ଡଙ୍ଗାବାଲା ମଧ୍ୟ ଯାତ୍ରୀଙ୍କଠାରୁ ମନଇଚ୍ଛା ଭଡ଼ା ଆଦାୟ କରୁଛନ୍ତି। ଡଙ୍ଗାବାଲା ୨୦ ଗୁଣ ଅଧିକ ଅର୍ଥ ନେଉଛନ୍ତି। ମୌଜ ଗିରି ଘାଟରୁ ସଙ୍ଗମ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ନାଉରୀ ୨୦ ହଜାର ଟଙ୍କା ନେଉଛନ୍ତି। ଅନ୍ୟ ଦିନରେ ଏଥିପାଇଁ ହଜାରେ ଟଙ୍କା ଦେବାକୁ ପଡୁଥିଲା। ଅନ୍ୟପକ୍ଷରେ ସିଭିଲ ଲାଇନ୍ସ ରେଳ ଷ୍ଟେସନ ନିକଟରେ ବାଇକର୍ସ ଗ୍ୟାଙ୍ଗ ସକ୍ରିୟ ରହିଛି। ଏମାନେ ଯାତ୍ରୀଙ୍କୁ ମେଳା ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ବିପୁଳ ଟଙ୍କା ଆଦାୟ କରୁଛନ୍ତି। ମାତ୍ର ୨ କିମି ଯିବା ପାଇଁ ୫୦୦ ଟଙ୍କା ନେଉଛନ୍ତି। ଏହି ବାଇକର୍ସଙ୍କ ବିରୋଧରେ ପୁଲିସ ଅଭିଯାନ ଚଳାଇଛି। ୮୪ଟି ବାଇକ ଜବତ କରିଛି।

ଏବେ ଭିଡ଼ ଏଭଳି ହେଉଛି ଯେ ଷ୍ଟେସନରୁ ସଙ୍ଗମ ଅଭିମୁଖେ ଯାଉଥିବା ରାସ୍ତାରେ ଚାଲିକି ଯିବା କଷ୍ଟସାଧ୍ୟ ହୋଇପଡ଼ିଛି। ଏହି ମାର୍ଗରେ ପାଦ ରଖିବାକୁ ମଧ୍ୟ ସ୍ଥାନ ନାହିଁ। ସେହିପରି ଆଜି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧.୧୮ କୋଟି ଶ୍ରଦ୍ଧାଳୁ ମହାକୁମ୍ଭରେ ବୁଡ଼ ପକାଇଲେଣି। ଏହାକୁ ମିଶାଇ ମୋଟ ୬୧.୬୧ କୋଟି ଲୋକ ସ୍ନାନ କଲେଣି। ଏବେ ବି ଦେଶ ବିଦେଶରୁ ଅନେକ ଯାତ୍ରୀ ଆସୁଛନ୍ତି। ବିମାନବନ୍ଦର ଭିତରେ ଅଧିକ ଗହଳି ହେବାରୁ ଯାତ୍ରୀଙ୍କୁ ବାହାର ପାର୍କିଂରେ ଅଟକାଇ ଦିଆଯାଇଛି। ବିମାନ ଆସିବାର ୩ ଘଣ୍ଟା ପରେ ଭିତରକୁ ଛଡ଼ା ଯାଉଛି। ଅନ୍ୟପଟେ ଭିଡ଼କୁ ଦେଖି ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଇବା ପାଇଁ ରେଳବାଇ ୬୭ଟି ଅନ୍ୟ ଟ୍ରେନକୁ ରଦ୍ଦ କରିଦେଇଛି। ସେହିପରି ପ୍ରୟାଗରାଜର ସବୁ ପ୍ରବେଶ ପଥରେ ବାହାରୁ ଆସୁଥିବା ଗାଡ଼ିକୁ ଅଟକାଇ ଦିଆଯାଇଛି। ସବୁ ପଏଣ୍ଟରେ ଆଇଜିଙ୍କୁ ମୁତୟନ କରାଯାଇଛି।

**ବାମପନ୍ଥୀ ନେତାଙ୍କୁ ମେଲୋନୀଙ୍କ ସମାଲୋଚନା**

## ସହି ପାରୁନାହାନ୍ତି ଦକ୍ଷିଣପନ୍ଥୀ

ୱାଶିଂଟନ, ୨୩।୨ (ଏଜେନ୍ସି): ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି। ସେ ବିଶ୍ୱର ବାମପନ୍ଥୀ ନେତାଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏଭଳି ନେତାଙ୍କୁ ସେ ପାଖଣ୍ଡୀ କହିଛନ୍ତି। ବିଶ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ଭଳି ଦକ୍ଷିଣପନ୍ଥୀ ନେତାଙ୍କ ଉତ୍ଥାନକୁ ବାମପନ୍ଥୀ ସହ୍ୟ କରିପାରୁ ନାହାନ୍ତି। ଏଥିପାଇଁ କାଦୁଅ ଫୋପାଡ଼ିବାରେ ଲାଗିଛନ୍ତି। ମିଛ ପ୍ରଚାରପ୍ରସାର କରିବାରେ ଲାଗିଛନ୍ତି। ଆମେରିକା ରାଜଧାନୀ ୱାଶିଂଟନରେ କଞ୍ଜରଭେଟିଭ ପଲିଟିକାଲ ଆକ୍ସନ କନଫରେନ୍ସ (ସିପାକ)କୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧନ କରି ମେଲୋନୀ ଏହି ମନ୍ତବ୍ୟ ଦେଇଛନ୍ତି।



ମେଲୋନୀ ଏଠାରେ ରାଷ୍ଟ୍ରପତି ଟ୍ରମ୍ପ ଏବଂ ଉପ-ରାଷ୍ଟ୍ରପତି ଜେଡି ଭେନ୍ସଙ୍କୁ ପ୍ରଶଂସା କରିଛନ୍ତି। ଟ୍ରମ୍ପଙ୍କୁ ମଝବୁତ ନେତା କହିଛନ୍ତି ଏବଂ ବାମପନ୍ଥୀଙ୍କ ଉପରେ ବର୍ଷିଛନ୍ତି। ମେଲୋନୀ କହିଛନ୍ତି ଯେ ୯୦ ଦଶକରେ ବିଲ୍ କ୍ଲିଣ୍ଟନ ଏବଂ ଟୋନି ବ୍ଲେୟର ବିଶ୍ୱରେ 'ଲେଫ୍ଟିଷ୍ଟ ନେଟୱର୍କ' ଗଢ଼ି ଥିଲେ। ସେତେବେଳେ ତାଙ୍କୁ ବହୁତ ବଡ଼ ନେତା କୁହାଯାଇଥିଲା। କିନ୍ତୁ ଆଜି ଟ୍ରମ୍ପ, ମେଲୋନୀ, ମିଲେଇ ଏବଂ ମୋଦୀ କହିବାବେଳେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ବାମପନ୍ଥୀ ନେତା କହୁଛନ୍ତି। ଏହା ହେଉଛି ବାମପନ୍ଥୀଙ୍କ ଦୋମୁହାଁ ନୀତି। ଏହା ଆମର ଦେହସୁହା ହୋଇଗଲାଣି। ତେବେ ଆଶ୍ୱସ୍ତିର ବିଷୟ ଏହି କି ଯେ ଏବେ ଲୋକେ ବି ତାଙ୍କ ମିଛ ବୁଝି ଗଲେଣି। ବାମପନ୍ଥୀ ଯେତେ ମିଛ କହି କାଦୁଅ ଫୋପାଡ଼ିଲେ ବି ଲୋକେ ଆମକୁ ଭୋଟ ଦେଇ ଚାଲିଛନ୍ତି। ଦକ୍ଷିଣପନ୍ଥୀ ନେତା ଆଗକୁ ବଢ଼ିବାରୁ ବାମପନ୍ଥୀ ନେତା ହତାଶ ହୋଇଯାଇଛନ୍ତି। ଟ୍ରମ୍ପ ହ୍ୱାଇଟ ହାଉସ୍‌କୁ ଫେରିବା ପରେ ବାମପନ୍ଥୀ ଭୟଭୀତ ହୋଇଯାଇଛନ୍ତି।

## ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଡାକ୍ତର ଅଭାବ; ରୋଗୀ ଉତ୍ତମ ସେବାରୁ ବଞ୍ଚିତ

କବାଟବନ୍ଧ/ଧର୍ମଶାଳା, ୨୩।୨(ସମିସ)



ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବାଧାପ୍ରାପ୍ତ ହେବାରେ ଲାଗିଛି। ଯାହାକୁ ନେଇ ରୋଗୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନାହାଁନ୍ତି ଅଧାରୁ ଅଧିକ ଡାକ୍ତର। ଦୀର୍ଘଦିନ ଧରି ଏହି ମେଡିକାଲରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ ହେଉ ନ ଥିବାରୁ ରୋଗୀ ଉତ୍ତମ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୧୫ ଜଣ ଡାକ୍ତରଙ୍କ ଆବଶ୍ୟକତା ରହିଛି। ବର୍ତ୍ତମାନ ଏଠାରେ ୭ ଜଣ ଡାକ୍ତରଙ୍କ ମଧ୍ୟରୁ ୫ ଜଣ ନିୟମିତ ଡାକ୍ତରଙ୍କ ସମେତ ଜଣେ ଡେପୁଟେସନରେ ଆସିଥିବା ଓ ଅନ୍ୟ ଜଣେ ଦାନ୍ତ ଡାକ୍ତର କାର୍ଯ୍ୟ କରୁଛନ୍ତି।

ଏଠାରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ମଧ୍ୟ ଯଥେଷ୍ଟ ଅଧିକ। ରୋଗୀ ସେବା ପାଇଁ ଅତି କମ୍‌ରେ ଏଠାରେ ପ୍ରସୂତି, ଶିଶୁ, ସର୍ଜରୀ ଓ ମେଡିସିନ ବିଶେଷଜ୍ଞ ଡାକ୍ତର ମୋଟ ୪ ଜଣ ରହିବା କଥା। କିନ୍ତୁ ଏଠାରେ ଜଣେ ମାତ୍ର ପ୍ରସୂତୀ ବିଶେଷଜ୍ଞ କାର୍ଯ୍ୟ କରୁଛନ୍ତି। ଅନ୍ୟ ବିଶେଷଜ୍ଞ ଡାକ୍ତର କେହି ନ ଥିବା ଜଣାପଡ଼ିଛି। ଏହା ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଉଥିବାବେଳେ ତିନୋଟି ପର୍ଯ୍ୟାୟରେ ଡାକ୍ତର ସେବା ଯୋଗାଇଥା'ନ୍ତି। ଧର୍ମଶାଳା ବ୍ଲକର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କୋତପୁର, ଅରାବଳ, ହରିଦାସପୁର, ଗଙ୍ଗାଧରପୁର, ଗଡ଼ମଧୁପୁର, ରାମଚନ୍ଦ୍ରପୁର, ବାଲିସାହି, ଜେନାପୁର, କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ କୌଣସି ଗୋଟିଏ ସ୍ଥାନରେ ଗର୍ଭବତୀ ମହିଳାଙ୍କ ପାଇଁ ପ୍ରସୂତୀ ସୁବିଧା ନାହିଁ। ତେବେ ଗର୍ଭବତୀ ମହିଳାଙ୍କ ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ଡ୍ୟୁଟି ନ ଥିବା ସମୟରେ କିମ୍ବା ଛୁଟି ସମୟରେ କେଉଁ ଭଳି ଭାବେ ଚିକିତ୍ସା ବା ପ୍ରସବ କରାଯାଉଥିବ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଶେଷଜ୍ଞ ଅଭାବରୁ ଅଧିକାଂଶ ଗର୍ଭବତୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା କଟକ ବଡ଼ ମେଡ଼ିକାଲକୁ ପଠାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏଠାରେ କୌଣସି ଶିଶୁ ବିଶେଷଜ୍ଞ, ସର୍ଜରୀ ଓ ମେଡିସିନ ବିଶେଷଜ୍ଞ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ନବଜାତ ଶିଶୁକୁ ଚିକିତ୍ସା ପାଇଁ ଅନ୍ୟ ଡାକ୍ତର ଭରସା। ମାତ୍ର ଜଣେ ବିଶେଷଜ୍ଞ ଡାକ୍ତରରେ କେମିତି ସ୍ୱାସ୍ଥ୍ୟ ସେବା ମିଳୁଥିବ ତାହା ଅନୁମାନ କରାଯାଉଛି। କେବଳ ଧର୍ମଶାଳା ବ୍ଲକ ନୁହେଁ, ରସୁଲପୁର ବ୍ଲକର କିଛି ଅଞ୍ଚଳର ଜନସାଧାରଣ ମଧ୍ୟ ଏହା ଉପରେ ନିର୍ଭର କରନ୍ତି। ଦୈନିକ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଏଠାକୁ ସ୍ୱାସ୍ଥ୍ୟ ସେବା ପାଇଁ ଆସିଥା'ନ୍ତି। କେବଳ ସାଧାରଣ ଚିକିତ୍ସା ବ୍ୟତୀତ ଅନ୍ୟକୌଣସି ସୁବିଧା ଏଠାରେ ଉପଲବ୍ଧ ନାହିଁ। ଏକ୍ସରେ, ଅଲଟ୍ରାସାଉଣ୍ଡ, ଇସିଜି ପାଇଁ ଲୋକେ ଘରୋଇ ମେଡିକାଲ ଓ କ୍ଲିନିକ ଉପରେ ନିର୍ଭର କରୁଛନ୍ତି। ତୁରନ୍ତ ଏଠାରେ ଆବଶ୍ୟକୀୟ ଡାକ୍ତର ଓ ବିଶେଷଜ୍ଞ ପଦବୀ ପୂରଣ କରିବା ପାଇଁ ଦାବି ହେଉଛି।

## ■ କନଷ୍ଟେବଲଙ୍କୁ ଯୁବକଙ୍କ ଆକ୍ରମଣ ଘଟଣା

# ୭ ଦିନ ପରେ ବି ପୁଲିସ ହାତ ଖାଲି

ବ୍ୟାସନଗର, ୨୩।୨(ସମିସ): ରାଜ୍ୟବାସୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ଯାଜପୁର ଜିଲ୍ଲାରେ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନରେ ପୁଲିସର ପାରିବାପଣିଆକୁ ପଦାରେ ପକାଇଛି। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ତ ଦୂରର କଥା ନିଜ ବିଭାଗୀୟ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରିବାରେ ପୁଲିସର ଢିଲାପଣ ଯୋଗୁଁ ସାଧାରଣରେ ପୁଲିସର ଭାବମୂର୍ତ୍ତି ପ୍ରତି ବିପଦ ଦେଖାଦେଇଛି। ଫଳସ୍ୱରୂପ ପୁଲିସ ବିଭାଗର ଜଣେ କର୍ମଚାରୀଙ୍କୁ ଗତ ୧୬ ତାରିଖରେ ବ୍ୟାସନଗରରେ ଯୁବକମାନେ ନିସ୍ତୁକ ମାଡ଼ ମାରିଥିବା ବ୍ୟାସ ସରୋବର ମହୋତ୍ସବରେ ଡ୍ୟୁଟିରେ ଥିବା ଧର୍ମଶାଳା ଥାନାର ସମ୍ପୃକ୍ତ କନଷ୍ଟେବଳ ଉକ୍ତ ଦିନ ଯାଜପୁରରୋଡ ଥାନରେ ଅଭିଯୋଗ କରିଥିଲେ। ତେବେ ଘଟଣାକୁ ଇତିମଧ୍ୟରେ ୭ ଦିନ ବିତିଯାଇଥିଲେ ମଧ୍ୟ ପୁଲିସର ହାତ ଖାଲିକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ନିଜ ବିଭାଗର ଜଣେ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ ବଦଳରେ ଯାଜପୁରରୋଡ ପୁଲିସ ଘଟଣାକୁ ରଫାଦଫା

### ● ପୁଲିସର ପଛଘୁଞ୍ଚାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ

କରିବାକୁ ଚେଷ୍ଟା କରୁଥିବା ନେଇ ସମ୍ପୃକ୍ତ କନଷ୍ଟେବଳ ଅଭିଯୋଗ କରିଛନ୍ତି।

ଯାଜପୁର ଥାନାଧିକାରୀ ଏହି ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନିଜ ବିଭାଗର ଜଣେ କର୍ମଚାରୀ ମାଡ଼ ଖାଇବା ଘଟଣାରେ ଉଭୟ ପକ୍ଷଙ୍କୁ ଥାନା ବାହାରକୁ ଯାଇ ୧୫ ମିନିଟ କଥା ହୋଇଯାଅ ବୋଲି ଉକ୍ତ କନଷ୍ଟେବଳଙ୍କୁ କହିବା ଘଟଣାକୁ ଭିନ୍ନ ମୋଡ ଦେବାକୁ ଚେଷ୍ଟା କରୁଥିବା ଜଣାପଡ଼ିଥିଲା। ଏନେଇ ପ୍ରଥମେ ଦୈନିକ 'ସକାଳ'ରେ ପୁଲିସକୁ ନ୍ୟାୟ ଦେଇପାରୁନି ପୁଲିସ ବ୍ୟାସନଗରରେ ଧର୍ମଶାଳା ଥାନା କନେଷ୍ଟବଲଙ୍କୁ ଆକ୍ରମଣ ଶୀର୍ଷକ ଖବର ପ୍ରକାଶନ ପରେ ବିଭାଗ ଘଟଣା ସମ୍ପର୍କରେ ଅବଗତ ହୋଇଥିବା ଓ ଏହାପରେ ପୁଲିସ ତତ୍ପରତା ଦେଖାଇଥିବା କହିଛନ୍ତି ଜିଲ୍ଲା କନଷ୍ଟେବଳ ସଂଘର ସଭାପତି ଦିଲ୍ଲୀପ ବାବୁ। ଘଟଣା ସମ୍ପର୍କରେ ସଂଘ ପକ୍ଷରୁ ଯାଜପୁର ଥାନାଧିକାରୀ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରାଯାଇଥିବା ସେ କହିଛନ୍ତି। ଉକ୍ତ ଘଟଣାରେ ବିଭାଗର କର୍ମଚାରୀ ଜଡ଼ିତ ଥିବାରୁ ଏହା ଉପରେ ଖବ୍‌ଶୀଘ୍ର ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଯାଜପୁରରୋଡ ଆଦର୍ଶ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ସୁକିନ୍ଦା, ୨୩।୨(ସମିସ): ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲା ଡହଣାବିଲ ମଠନୂଆଗାଁ ବାସିନ୍ଦା ପ୍ରଦୀପ ପାତ୍ର ଓ ମିଥୁନ ପାତ୍ର କଳିଙ୍ଗନଗରସ୍ଥ ଘରୋଇ କମ୍ପାନୀରେ କାର୍ଯ୍ୟ ସାରି ବାଇକ୍ ଯୋଗେ ଶନିବାର ରାତିରେ ଫେରୁଥିବା ସମୟରେ ସୁକିନ୍ଦା ହନୁମାନ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟ ଯୁବକଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣାରେ ପ୍ରଦୀପ ପାତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି।

## ଜଳିଗଲା ବସ୍

ବ୍ୟାସନଗର/ଦାନଗଦି, ୨୩।୨(ସମିସ): ବ୍ୟାସନଗର ପୌରାଞ୍ଚଳର କୁସୁନପୁର ଛକ ନିକଟରେ ଥିବା ଦେବ ସ୍କୁଲ ନିକଟରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଏକ ବସ୍ ଜଳିଯାଇଛି। ସ୍ଥାନୀୟ ଲୋକେ ତୁରନ୍ତ ଏ ସମ୍ପର୍କରେ ଦାନଗଦି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ୱଷ୍ଟ ଥିବାବେଳେ ସଟସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଏହି ବସ୍‌ଟି କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ କାରଖାନା କର୍ମଚାରୀଙ୍କ ପାଇଁ ନିୟୋଜିତ ହେଉଥିବା ଜଣାପଡ଼ିଛି।

## ଫେରାର ଡକାୟତ ଗିରଫ

ବାଲିଚନ୍ଦ୍ରପୁର, ୨୩।୨(ସମିସ):୨୦ ଦିନ ପୂର୍ବରୁ ଡକାୟତ ଉଦ୍ୟମ କରୁଥିବା ୭ ଜଣ ଡକାୟତଙ୍କ ମଧ୍ୟରୁ ପୁଲିସ ୬ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବାବେଳେ ଜଣେ ଫେରାର ହୋଇଯାଇଥିଲା। ବାଲିଚନ୍ଦ୍ରପୁର ଥାନା ପୁଲିସ ୨୨ ତାରିଖ ରାତିରେ ଫେରାର ଡକାୟତକୁ ଗିରଫ କରିଛି। ଗିରଫ ଡକାୟତ ଜଣକ ମାହାଙ୍ଗା ଥାନା ଅନ୍ତର୍ଗତ ନଡ଼ିଆସାହାସପୁର ଗ୍ରାମର ସନ୍ତୋଷ ବେହେରା ଓରଫ କୁନା। ସନ୍ତୋଷକୁ ଗିରଫ କରିବାକୁ ପୁଲିସ ସେହିଦିନଠାରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ସନ୍ତୋଷ ଜଗତପୁର ଥାନା ଅଞ୍ଚଳରେ ରହୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ପୁଲିସ ଗତକାଲି ରାତିରେ ସେଠାକୁ ଯାଇ ଗିରଫ କରିଥିଲା। ଆଜି ସନ୍ତୋଷକୁ କୋର୍ଟ ଚାଲାଣ କରାଯାଇଛି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ବ୍ୟାସନଗର, ୨୩।୨(ସମିସ): ଶଙ୍ଖଚିଲା ଅଞ୍ଚଳର ବର୍ଷିଆନ ଶିକ୍ଷାବିତ୍ ତଥା ରସୁଲପୁର ବ୍ଲକ ଲକ୍ଷ୍ମୀନଗର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଓଝା (୭୦)ଙ୍କ ରବିବାର ସକାଳେ ନିଜ ବାସଭବନରେ ହୃଦଘାତରେ ପରଲୋକ ଘଟିଛି। ସେ ପୂର୍ବରୁ ହୃଦଜନିତ ରୋଗରେ ପୀଡ଼ିତ ଥିବାବେଳେ ରବିବାର ସକାଳ ସମୟରେ ସେ ପ୍ରାଣତ୍ୟାଗ କରିଛନ୍ତି। ସ୍ୱର୍ଗତ ଓଝା କେବଳ ଜଣେ ଶିକ୍ଷକ ନ ଥିଲେ ଜଣେ ଶିକ୍ଷାବିତ ଓ ଜଣେ ମେଳାପୀ ବ୍ୟକ୍ତି ଥିଲେ। କିଛି ବର୍ଷ ଧରି ସେ ସ୍ଥାନୀୟ ଠାକୁରପାଟଣା ଗ୍ରାମରେ ସ୍ଥାୟୀ ଭାବେ ରହିଆସୁଥିଲେ। ସ୍ଥାନୀୟ ଅଞ୍ଚଳର ଅନେକ ଶିକ୍ଷାବିତ, ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୈତୃକ ଗ୍ରାମ ଶାଳନିଆ ନିଆଯାଇ ସେଠାରେ ଶେଷକୃତ୍ୟ କରାଯାଇଛି। ବଡପୁଅ ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ।

## ସନ୍ଥ ନିରାକାରୀ ମିଶନର ଦଶାଶ୍ୱମେଧ ଘାଟ ସଫେଇ

ଯାଜପୁର, ୨୩।୨(ସମିସ): ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ସନ୍ଥ ନିରାକାରୀ ମିଶନ ପକ୍ଷରୁ ଅମ୍ରିତ ଯୋଜନା ମାଧ୍ୟମରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା ଉଦଘାଟନ କରିଥିଲେ। ଏ ଅବସରରେ ପୌର ଉପାଧ୍ୟକ୍ଷ ସନ୍ତୋଷ ମଲିକ ଓ ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ଶିକ୍ଷାବିତ ଦାମୋଦର ବେହେରା ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସନ୍ଥ ନିରାକାରୀ ମିଶନ ରାମବାଗ ଓ ଦାନଗଦି ଶାଖାର ସମସ୍ତ ସଦସ୍ୟ ଉପସ୍ଥିତ ରହି ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟକୁ ସଫେଇ କରିଥିଲେ।

## ■ ଝିଙ୍କାରପୁରରେ ଭତ୍ତା ଅପେକ୍ଷାରେ ବୃଦ୍ଧ

# ଯୁବକଙ୍କୁ ଦିଆଯାଉଛି ବାର୍ଦ୍ଧକ୍ୟ ଭତ୍ତା

ଝିଙ୍କାରପୁର, ୨୩।୨ (ସମିସ): ଝିଙ୍କାରପୁର ବ୍ଲକର ୨୯ଟି ପଞ୍ଚାୟତ ମଧ୍ୟରୁ ୨୮ଟି ପଞ୍ଚାୟତର ୮୯୪ ଜଣ ଅଯୋଗ୍ୟ ଯୁବକ ବାର୍ଦ୍ଧକ୍ୟ ଭତ୍ତା ହାତେଇଥିବାବେଳେ ଏବେ ବ୍ଲକର ବିଭିନ୍ନ ପଞ୍ଚାୟତର ଶହ ଶହ ଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ତାହାର ନମୁନା ଦେଖିବାକୁ ମିଳିଛି ଘଣ୍ଟିଆଳି ପଞ୍ଚାୟତରେ। ଘଣ୍ଟିଆଳି ଗ୍ରାମର ସ୍ୱର୍ଗତ ସୁବାସ ସୂତାରଙ୍କ ପତ୍ନୀ ସାରଥୀ ସୂତାରଙ୍କୁ ୭୫ ବର୍ଷ ବୟସ ହୋଇଥିବାବେଳେ ସେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ବ୍ଲକ ପ୍ରଶାସନ ତାଙ୍କୁ ଭତ୍ତା ପ୍ରଦାନ କରିନି। ସେହିପରି ଘଣ୍ଟିଆଳି ଗ୍ରାମର ନବଘନ ବେହେରାଙ୍କୁ ୬୬ ବର୍ଷ ହୋଇଥିବାବେଳେ ସେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବାରମ୍ବାର ଆବେଦନ କରି ନିରାଶ ହୋଇଛନ୍ତି। ଘଣ୍ଟିଆଳି ଗ୍ରାମର ସ୍ୱର୍ଗତ ଅଦୈତ ମଲ୍ଲିକଙ୍କ ପତ୍ନୀ ଉର୍ମିଳା ମଲ୍ଲିକଙ୍କ ବୟସ ୮୩ ବର୍ଷ ହୋଇଥିବାବେଳେ ସେ ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତା ପାଉଥିବାବେଳେ ୧ ବର୍ଷ ହେଲା ବ୍ଲକ ପ୍ରଶାସନ ତାଙ୍କର ଭତ୍ତା କାଟିଦେଇଛି। ଭତ୍ତା ପାଇଁ ଉର୍ମିଳାଙ୍କ ସମେତ ସାରଥୀ ଓ ନବଘନ ବ୍ଲକ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିବାବେଳେ ଟାର୍ଗେଟ ନାହିଁ। ଟାର୍ଗେଟ ଆସିଲେ ତୁମକୁ ଭତ୍ତା ଦିଆଯିବ ବୋଲି ଅଧିକାରୀ କହିଥିବା ସେମାନେ କହିଛନ୍ତି।

# ତନଖି ଗେଟ୍ ଉଠିବା ପରେ ବଢୁଛି ଚୋରା କାରବାର



ଟମକା, ୨୩।୨(ସମିସ): କଟକ ବନଖଣ୍ଡ ଅଧୀନ ଟମକା ବନାଞ୍ଚଳର ଟମକା ବନ ବିଭାଗ କାର୍ଯ୍ୟାଳୟ ପାଖରେ ଘରେ ଟମକା-ମଙ୍ଗଳପୁର ରାସ୍ତାରେ ବନ ବିଭାଗ ପକ୍ଷରୁ ତନଖି ଗେଟ୍ କରାଯାଇ ଦୀର୍ଘଦିନରୁ କାଳିଆପାଣି ଖଣି ଅଞ୍ଚଳରୁ ଆସୁଥିବା ମାଲ ବୋଝେଇ ଗାଡି ସମେତ ପିକ୍‌ଅପ, ଟିପର, ସବୁପ୍ରକାର ଯାନକୁ କାର୍ଯ୍ୟରତ ବନ ବିଭାଗ କର୍ମଚାରୀ ତନଖି କରି ଛାଡୁଥିଲେ। ଚୋରା କାଠ, ନୀଳପଥର, ଶିକାରୀ, ଜଙ୍ଗଲ ଜାତ ଦ୍ରବ୍ୟର ଯାଞ୍ଚ କରି ପୂର୍ବରୁ ଚୋରା ଗାଡି ଧରିବାରେ ସହାୟକ ହେଉଥିଲା। ବର୍ତ୍ତମାନ ଏହି ତନଖି ଗେଟ୍ ଉଠିଯିବାରୁ ଚୋରା ବେପାରୀଙ୍କୁ ଜଙ୍ଗଲଜାତ ଦ୍ରବ୍ୟ, ଲଘୁ ଖଣିଜ ଦ୍ରବ୍ୟ ଇତ୍ୟାଦି ବାହାର ଅଞ୍ଚଳକୁ ନେବାରେ ସୁବିଧା ହେଉଛି। ପୁନର୍ବାର ଏହି ତନଖି ଗେଟ୍‌କୁ ବନବିଭାଗ ପକ୍ଷରୁ ବ୍ୟବହାର ଉପଯୋଗୀ ହୋଇପାରିଲେ ନୀଳପଥର ଭଳି ବହୁ ଚୋରା ଜଙ୍ଗଲଜାତ ଦ୍ରବ୍ୟ ରୋକାଯାଇ ପାରନ୍ତା ବୋଲି ଟମକା ବନାଞ୍ଚଳର ବହୁ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। କଟକ ବନଖଣ୍ଡ ଅଧିକାରୀ, ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଆମ୍ବମୂଳ ପ୍ରିମିୟର ଲିଗ୍, କୁସୁନପୁର ଚାମ୍ପିଅନ



ଧର୍ମଶାଳା, ୨୩। ୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥ ମହୋତ୍ସବ ପଡ଼ିଆରେ ପଞ୍ଚମ ଆମ୍ବମୂଳ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଯାଜପୁରରୋଡ୍‌କୁ ୫ ରନରେ ପରାସ୍ତ କରି କୁସୁନପୁର ଟିମ୍ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଯାଜପୁରରୋଡ୍, କୁସୁନପୁର, ଅରଖପଦା, ଭୁବନ, କାଏମା, ନାଉପାଳ, ଚହଟା ଓ ଜାରକା ଆମ୍ବମୂଳ ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ଉତ୍ସବରେ ଯୁବ ବ୍ୟବସାୟୀ ନିକୁଞ୍ଜ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ କୁସୁନପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୧୨୦ ରନ ସଂଗ୍ରହ କରିଥିବାବେଳେ ଜବାବରେ ଯାଜପୁରରୋଡ ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ ୧୧୫ ରନ କରି ପରାସ୍ତ ହୋଇଥିଲା। ଖେଳକୁ ଚନ୍ଦନ କୁମାର ସିଂ, ଜ୍ୟୋତିପ୍ରକାଶ ପାଳ ଓ ଆଶିଷ କୁମାର ପରିଚାଳନା କରିଥିଲେ। ଆୟୋଜକ ଆମ୍ବମୂଳ କ୍ରିକେଟ ଟିମର ସମସ୍ତ ସଦସ୍ୟ ପରିଚାଳନାରେ ସହାୟତା କରିଥିଲେ।

## ■ ବାବା ତିଲକା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ତିଲକା ୱାରିଅରକୁ ହରାଇ ସାରଜୋମଡ଼ା କ୍ଲବ୍ ଚାମ୍ପିଅନ୍

ରଗଡ଼ି, ୨୩।୨(ସମିସ):କୋରେଇ ବ୍ଲକ ପାଟରଙ୍ଗା ପଞ୍ଚାୟତର ଭାଲୁକାହୁଡ଼ି ଅଧିବାସୀ ସାହି ବାବା ତିଲକା କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୨୫ତମ ବାବା ତିଲକା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ସାରଜୋମଡ଼ା ଫୁଟବଲ କ୍ଲବ୍ ରାଇରଙ୍ଗପୁର ୫-୩ ଟାଇବ୍ରେକରରେ ତିଲକା ୱାରିଅରକୁ ହରାଇ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ରାମଚନ୍ଦ୍ର ବେସ୍ରା ଓ ମାନସ ବିଶ୍ୱାଳ ଖେଳ ପରିଚାଳନା କରିଥିବାବେଳେ ଟିକାୟତ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ପଞ୍ଚାୟତ ବିଜେଡି ସଭାପତି ଶତ୍ରୁଘ୍ନ ଦାସଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବପ୍ରସାଦ ଦାସ, ସମ୍ମାନିତ ଅତିଥି କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ ଓ ବରିଷ୍ଠ ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବାରୁ ଆୟୋଜକଙ୍କୁ ଧନ୍ୟବାଦ ଦେଇ ଖେଳ ପ୍ରତିଦ୍ୱନ୍ଦ୍ୱିତା ମନୋଭାବରେ ନ ହୋଇ ପ୍ରତିଯୋଗୀ ମନୋଭାବରେ ହେଲେ ଏଥିରେ ସଫଳତା ମିଳିବ ଓ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ ବୋଲି କହିଥିଲେ। ଆଦିବାସୀ ପୁରୁଷ ଓ ମହିଳା ପାରମ୍ପରିକ ବାଦ୍ୟର ତାଳେ ତାଳେ ଅତିଥିଙ୍କୁ ସ୍ୱାଗତ କରିବା ସହ ଖେଳ ପଡ଼ିଆ ପରିକ୍ରମା କରିଥିଲେ। ଚାମ୍ପିଅନ ଦଳକୁ ୪୦ ହଜାର, ରନର୍ସଅପ ଦଳକୁ ୩୦ ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୨୦ ହଜାର ଓ ଚତୁର୍ଥ ସ୍ଥାନରେ ଥିବା ଦଳକୁ ୧୦ ହଜାର ପ୍ରଦାନ କରାଯାଇଥିଲା। ସଭାପତି ଟିକାରାମ କିସ୍କୁ ଓ ସମ୍ପାଦକ ସିଲୁରାମ କିସ୍କୁଙ୍କ ସମେତ ୪୦ ଜଣିଆ ଟିମ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ।

# ଯୁବତୀଙ୍କ ଭିଡିଓ ଭାଇରାଲ ଅଭିଯୋଗରେ ଯୁବକ ଗିରଫ

ବାଲିଚନ୍ଦ୍ରପୁର, ୨୩।୨(ସମିସ): ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ଦୁଇବର୍ଷ ଧରି ଫେରାର ଥିବା ଜଣେ ଯୁବକକୁ ବାଲିଚନ୍ଦ୍ରପୁର ଥାନା ପୁଲିସ ମୁମ୍ବାଇ ବିମାନ ବନ୍ଦରରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଯୁବକ ନଳୀପୁର ଗ୍ରାମର ସାହାନୱାଜ ଅହମ୍ମଦ (୩୦)। ବାଉଜଙ୍ଗ ଗ୍ରାମର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓକୁ ସାହାନୱାଜ ଭାଇରାଲ କରିଥିଲା। ଏନେଇ ଯୁବତୀ ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ। ତେବେ ଘଟଣା ପରେ ସାହାନୱାଜ ଫେରାର ହୋଇଯାଇ କୁଏତ ପଳାଇ ଯାଇଥିଲା। ପରେ ତାଙ୍କୁ ପଳାତକ ଘୋଷଣା କରାଯାଇଥିଲା। ସାହାନୱାଜ ମୁମ୍ବାଇ ଅଞ୍ଚଳରେ ଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ବାଲିଚନ୍ଦ୍ରପୁର ଥାନାର ଏକ ଟିମ ସେଠାକୁ ଯାଇ ବିମାନ ବନ୍ଦରରୁ ଗିରଫ କରିବାରେ ସଫଳ ହୋଇଥିଲା। ପରେ ତାଙ୍କୁ ମୁମ୍ବାଇର ଅନ୍ଧେରି କୋର୍ଟରେ ହାଜର କରାଯାଇଥିଲା। ବାଲିଚନ୍ଦ୍ରପୁର ପୁଲିସ ସାହାନୱାଜଙ୍କୁ ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଆଜି କାଗଜପତ୍ର ସହିତ କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।

## ■ ଧର୍ମଶାଳାରେ ଗଣଦୌଡ଼

# ପୁରୁଷରେ ଓମ୍‌ପ୍ରକାଶ, ମହିଳାରେ ଭାଗ୍ୟଶ୍ରୀ ଚାମ୍ପିଅନ୍




ଧର୍ମଶାଳା, ୨୩।୨(ସମିସ): ଧର୍ମଶାଳା ବ୍ଲକ ଭୁବନସ୍ଥ ଫିଜିକାଲ ଏକାଡେମୀ ପକ୍ଷରୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡରେ ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୯୧ ଜଣ ଯୁବକ/ଯୁବତୀ ଯୋଗଦେଇଥିଲେ। କାଏମାସ୍ଥ ହାଇସ୍କୁଲ ପଡ଼ିଆରୁ ଜାରକାସ୍ଥ ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଯୁବ ସଂଗଠକ ରାଜେଶ କୁମାର ପାଳ ଅତିଥି ଭାବେ ଯୋଗଦେଇ ପତାକା ହଲାଇ ଦୌଡକୁ ଶୁଭାରମ୍ଭ କରିଥିଲେ। ପୁରୁଷ ବିଭାଗରେ ଓମପ୍ରକାଶ ସେଠୀ ପ୍ରଥମ, ପୂର୍ଣ୍ଣଚନ୍ଦ୍ର ଦାଶ ଦ୍ୱିତୀୟ ଓ ଶଶୀକାନ୍ତ ମଲିକ ତୃତୀୟ ହୋଇଥିବାବେଳେ ମହିଳାଙ୍କ ମଧ୍ୟରେ ଭାଗ୍ୟଶ୍ରୀ ଜେନା ପ୍ରଥମ, ମିଲି ସେଠୀ ଦ୍ୱିତୀୟ ଓ ବନ୍ଦିତା ଧଳ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିଜିକାଲ ଏକଡେମୀର ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପ ପାଇଁ ପ୍ରତିଷ୍ଠାତା ପୂର୍ବତନ ଯବାନ ଚନ୍ଦ୍ରମଣି ନାୟକଙ୍କୁ ପ୍ରଶଂସା କରିଥିଲେ। କୃତିତ୍ୱ ହାସଲ କରିଥିବା ଯୁବକ/ଯୁବତୀଙ୍କ ସହ ମାରାଥନରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିକାଶ ପରିଷଦର ସଭାପତି ଶ୍ରୀକାନ୍ତ ସାହୁ, ବିଜେପି ନେତା ଉପେନ୍ଦ୍ର କର, ଚନ୍ଦ୍ରମଣି ପଣ୍ଡିତ, ଆଲୋକ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଓଡ଼ିଶାକୁ ହରାଇ କୋଲକାତା ଚାମ୍ପିଅନ୍

ବ୍ରହ୍ମବରଦା, ୨୩।୨(ସମିସ)



ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥ ରୁହାନି ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଅଷ୍ଟମ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ବ୍ୟାଙ୍କ ଛକ ନିକଟସ୍ଥ ମୁସାୟେରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପଶ୍ଚିମବଙ୍ଗର କୋଲକାତା ପୁଲିସ ଓ ଓଡ଼ିଶାର ଇସଲାମିଆ କ୍ଲବ୍ ପରସ୍ପରକୁ ଭେଟିଥିଲେ। ଏଥିରେ ଇସଲାମିଆ କ୍ଲବ୍‌କୁ ୨-୦ରେ ହରାଇ କୋଲକାତା ପୁଲିସ ଚାମ୍ପିଅନ୍ ହେଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ ଉଦଘାଟନ କରିଥିବାବେଳେ ମୁଖ୍ୟଅତିଥି ରୂପେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବିଜେପି ନେତା ଗୌତମ ରାୟ ଓ ଉମେଶ ଜେନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ରୂପେ ଶ୍ରମିକ ନେତା ପ୍ରଦୀପ ଦାସ, ଯୁବନେତା ସଞ୍ଜୀବ ଜେନା ଓ ରାକେଶ ଦେଓଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ କର୍ଣ୍ଣାଟକର ବେଙ୍ଗାଲୁରୁ ସ୍ପୋର୍ଟ୍ସ କ୍ଲବ, ହରିୟାଣା ସ୍ୱାଏକର୍ସ, ପଶ୍ଚିମବଙ୍ଗର କୋଲକାତା ପୁଲିସ ଓ ଓଡ଼ିଶାର ଇସଲାମିଆ କ୍ଲବ୍ ଭାଗ ନେଇଥିଲେ। ବିଜେତା ଦଳକୁ ରୁହାନି ସ୍ପୋର୍ଟିଂ କ୍ଲବ୍ ସଭାପତି ସେକ୍ କମରୁଲ ଟ୍ରଫି ସହ ଚେକ୍ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣମେଣ୍ଟରେ ଭାଷ୍ୟକାର ଭାବେ ଅମୀୟ ପରିଡ଼ା ଓ ରବିନାରାୟଣ ଜେନା ଓ ମ୍ୟାଚ ରେଫରୀ ଭାବେ ନିରଞ୍ଜନ ନାୟକ ଓ କଳାକାର ସାମଲ ଖେଳକୁ ପରିଚାଳନା କରିଥିଲେ। କ୍ଲବର ସମ୍ପାଦକ ଜୁଲଫିକର ଅଲ୍ଲୀ, ଉପସଭାପତି ଅନୱର ଖାଁ, ସହସମ୍ପାଦକ ସଫିଆଲାମ ଖାଁ, ସେକ୍ ଜାଇରୁଲ, ଅରସଦ୍ ଅୟୁବ, ହାରିସ ଖାଁ, ଜକି ଆଲାମ ଖାଁ, ଅବ୍ଦୁଲ ରସିଦ ଖାଁ, ଇମତିୟାଜ ଆଲାମ ଖାଁ, ଫିରଦୋସ ଆଲାମ ଖାଁ, ଅମୀର ଅବୱାସ ଖାଁ, ଦୀନବନ୍ଧୁ ରାଉତ ସମେତ ଅନ୍ୟ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

● ପାଟଣାଗଡ଼ ପାର୍ସଲ ବୋମା ଘଟଣାକୁ ୭ ବର୍ଷ

## ଶେଷ ପର୍ଯ୍ୟାୟରେ ମାମଲାର ଶୁଣାଣି

**ବଲାଙ୍ଗିର,୨୩।୨(ସମିସ):** ୨୦୧୮ ମସିହା ଫେବୃଆରୀ ୨୩ ତାରିଖ ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ ସହରରେ ଥିବା ଭୋଳାନାଥପଡ଼ାରେ ଘଟିଥିବା ପାର୍ସଲ ବୋମା ବିସ୍ଫୋରଣ ଘଟଣା ସମଗ୍ର ଦେଶରେ ଚହଳ ପକାଇଥିଲା। ନବବିବାହିତ ଦମ୍ପତିଙ୍କ ପାଖକୁ ଆସିଥିବା ପାର୍ସଲରେ ଥିବା ବୋମା ଫାଟି ପରିବାର ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ୭ ବର୍ଷ ପୁରିଥିବା ବେଳେ ଏବେବି ନ୍ୟାୟ ଅପେକ୍ଷାରେ ରହିଛନ୍ତି ପରିବାରଲୋକେ। ପାଟଣାଗଡ଼ ଅଦାଲତରେ ମାମଲାର ଶୁଣାଣି ଚାଲିଥିବା ବେଳେ ଏହା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କୁହାଯାଉଛି। ସରକାରୀ ଓକିଲଙ୍କ ତରଫରୁ ୬୨ଜଣ ସାକ୍ଷ୍ୟଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ ଏବେ ପୁଞ୍ଜିଲାଲ ଓ ଓକିଲଙ୍କ ପକ୍ଷ ଓ ସାକ୍ଷ୍ୟ ବୟାନ ରେକର୍ଡ କରିବା ବାକି ରହିଛି। ଖୁବ୍‌ଶୀଘ୍ର ମାମଲାର ଶୁଣାଣି ରାୟ ପ୍ରକାଶ କରାଯିବ ବୋଲି କୁହାଯାଉଛି। ପ୍ରକାଶ ଯେ ଗତ ୨୦୧୮ ମସିହା ଫେବୃଆରୀ ମାସ ୨୩ ତାରିଖ ଦିନ ଘଟିଥିବା ଏହି ଘଟଣାରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କର ଜେଜେମା'ଙ୍କ ମୃତ୍ୟୁ ହୋଇଥିଲା। ନବବଧୂ ଗୁରୁତର ଆହତ ହୋଇଥିଲେ। ଉକ୍ତ ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିଥିବା ବେଳେ ପାଟଣାଗଡ଼ ନିକଟସ୍ଥ ବିକାଶ କଲେଜର ଅଧ୍ୟାପକ ପୁଞ୍ଜିଲାଲ ମେହେର ଏହି ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଜାଣିବାକୁ ପାଇଥିଲା। ପୁଞ୍ଜିଲାଲ ଏବେ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ରହିଛି।

### କୋରାପୁଟିଆ କଷି ପଣସକୁ ମିଳୁନି ଉଚିତ୍ ମୂଲ୍ୟ

# ଉତ୍ପାଦସ୍ଥଳରେ ଅନାଦର, ପଡ଼ିଶାରେ ଆଦର

**କୋରାପୁଟ,୨୩।୨(ସମିସ):** ଶାକାହାରୀଙ୍କ ପାଇଁ ମାଂସ ଓ ପୁଷ୍ଟି ପୋଷାକତତ୍ତ୍ୱରେ ଭରା କୋରାପୁଟିଆ କଷି ପଣସର ସ୍ୱାଦ ନିଆରା। ଜିଲ୍ଲାର ପ୍ରାୟ ପ୍ରତ୍ୟେକ ଘରେ ପଣସରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତି ସହ ଲୋକମାନେ ଏହାକୁ ଖାଇବା ପାଇଁ ଆଗ୍ରହ ପ୍ରକାଶ କରିଥା'ନ୍ତି। ମାତ୍ର ବିଡ଼ମ୍ବନାର ବିଷୟ, ସେହି କଷି ପଣସକୁ ଉଚିତ ବଜାର ମୂଲ୍ୟ ମିଳୁନି। ସେହି ପଣସକୁ ଶାଗମାଛ ଦରରେ କିଣି ନେଇ ପଡ଼ୋଶୀ ରାଜ୍ୟର ବେପାରୀମାନେ ମାଲେମାଲ ହେଉଥିବା ବେଳେ ଏଠାକାର ଚାଷୀଙ୍କ ପାଖରେ ପଣସ ଗୋଟା ସର୍ବାଧିକ ୧୫ରୁ ୨୦ ଟଙ୍କାରେ ବିକିବା ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ। ତେବେ ଜିଲ୍ଲାରେ ବହୁଳ ଉତ୍ପାଦନ ସତ୍ତ୍ୱେ ପଣସର ସଦୁପଯୋଗ କରିବାରେ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି ବୋଲି ବଜାର ବିଶେଷଜ୍ଞମାନେ ଅଭିଯୋଗ କରିଛନ୍ତି।

ସମଗ୍ର ଭାରତବର୍ଷରେ ପଣସ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଓଡ଼ିଶାର ପ୍ରାୟ ୧୫ଟି ଜିଲ୍ଲାରେ ଏହି ପଣସ ଚାଷ ହେଉଥିବା ବେଳେ ୩.୧୫ଟନ୍ ଉତ୍ପାଦନ ହୋଇଥାଏ। କୋରାପୁଟ ଜିଲ୍ଲାରେ ଏହା ବହୁ ପରିମାଣରେ ଉତ୍ପାଦନ ହେଉଛି। କିନ୍ତୁ ଏହି ପଣସ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଛତିଶଗଡ଼, ଆନ୍ଧ୍ର, ବିହାର, ମଧ୍ୟପ୍ରଦେଶ ଆଦି ଅଞ୍ଚଳର ବ୍ୟବସାୟୀମାନେ ଆସି ଗଛରେ କଷି ଥିବା ବେଳୁ ହିଁ କିଣି ନେଉଛନ୍ତି। ବାହାର ଅଞ୍ଚଳରେ ଏହାର ଆଦର ଥିବା ବେଳେ ସେଠାରେ ପ୍ରକ୍ରିୟାକରଣ କରି ଚିପ୍ସ, ଆଚାର ଓ ଅଟା ଆଦି ପ୍ରସ୍ତୁତି କରାଯାଇ ବିକ୍ରୟ କରାଯାଉଛି। ଅଳ୍ପ ମୂଲ୍ୟରେ କିଣି ନେଇ ବ୍ୟବସାୟୀମାନେ ଲାଭବାନ ହେଉଛନ୍ତି। କିନ୍ତୁ ଜିଲ୍ଲାରେ ବହୁଳ ଉତ୍ପାଦନ ସତ୍ତ୍ୱେ ଏଠାକାର ଚାଷୀ ଏହାର ଲାଭ ଉଠାଇପାରୁନାହାନ୍ତି।

କୋରାପୁଟ ଜିଲ୍ଲାର ଜଳବାୟୁ ଓ ମାଟି ଯୋଗୁ ଏଠାରେ ପଣସ ଭଲ ଉତ୍ପାଦନ ହୋଇଥାଏ। ଏଠାକାର ପଣସରେ ଅଛି ମାନବ ଶରୀରକୁ ପ୍ରତିଦିନ ଆବଶ୍ୟକ କରୁଥିବା ଏକାଧିକ ଭିଟାମିନ୍। ପ୍ରାୟ ୫୫ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକେ ଏହାକୁ ପନିପରିବା ଭାବେ ରୋଷେଇ କରି ଖାଇଥାନ୍ତି। ଉଦ୍ୟାନ କୃଷି ବିଭାଗ ସହଯୋଗରେ ଗତବର୍ଷ ଜିଲ୍ଲାରେ ୩ ହଜାର ହେକ୍ଟର ଜମିରେ ଏହି ଚାଷ କରାଯାଉଛି। କିନ୍ତୁ ଏଠାରେ ପଣସ ମିଶନ କାର୍ଯ୍ୟକାରୀ ହେଉ ନଥିବାରୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଆନ୍ଧ୍ର, ଛତିଶଗଡ଼ ଅଞ୍ଚଳର ବ୍ୟବସାୟୀମାନେ ଆସି କଷି ପଣସଗୁଡ଼ିକୁ ୧୫ରୁ ୨୦ ଟଙ୍କାରେ କିଣି ନେଉଛନ୍ତି। ସେହିପରି ବାହାର ଅଞ୍ଚଳର ବ୍ୟବସାୟୀମାନେ ଚାଷ ଆରମ୍ଭ ପୂର୍ବରୁ ଏଠାକୁ ଆସି ଚାଷୀମାନଙ୍କୁ ଅଗ୍ରୀମ ଭାବେ ଆର୍ଥିକ ସହାୟତା ଦେଉଛନ୍ତି। ଫଳ ଧରିଲେ କଷି ଥିବା ବେଳୁ ହିଁ ସଙ୍ଗେ ସଙ୍ଗେ କିଣି ନେଉଛନ୍ତି।

■ କିଣି ନେଉଛନ୍ତି ବାହାର ରାଜ୍ୟ ବ୍ୟବସାୟୀ
■ ଚାଷୀ ଅଭାବୀ ବିକ୍ରିର ଶିକାର
■ କାମ କରୁନି ପଣସ ମିସନ୍

କୋରାପୁଟ ଜିଲ୍ଲାର ନନ୍ଦପୁର, ସେମିଳିଗୁଡ଼ା, ଲମତାପୁଟ, ବନ୍ଧୁଗାଁ, ନାରାୟଣ ପାଟଣା, ବୈପାରୀଗୁଡ଼ା, ଲକ୍ଷ୍ମୀପୁର ବ୍ଲକରେ ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ ଓ ଚାଷୀଙ୍କ ନିଜସ୍ୱ ଉଦ୍ୟମରେ ୮୮୮ ହେକ୍ଟର ଜମିରେ ପଣସ ଚାରାରୋପଣ ହୋଇଥିବା କୁହାଯାଇଛି। ଉକ୍ତ ପଣସ ଗଛରୁ



ବାର୍ଷିକ ୧୩୭୬୪ ମେଟ୍ରିକ୍ ଟନ୍ ପଣସ ଉତ୍ପାଦନ ହେଉଥିବା ସୂଚନା ମିଳିଛି। କୋରାପୁଟ ଜିଲ୍ଲାର ଜଙ୍ଗଲୀ ପଣସରେ ଭିଟାମିନ 'ଏ', 'ସି', କ୍ୟାଲସିୟମ, ପୋଟାସିୟମ, ଆଇରନ, ଫଲିକ୍‌ଏସିଡ, ଥାୟାମିନ ଓ ନିଆମିନ ଭଳି ପୋଷାକତତ୍ତ୍ୱ ଥିବା ବିଜ୍ଞାନୀ କୁହନ୍ତି। କିନ୍ତୁ ଉକ୍ତ ପୋଷାକତତ୍ତ୍ୱକୁ ଜିଲ୍ଲାରେ ତଥା ରାଜ୍ୟବାସୀଙ୍କ ହିତରେ ବ୍ୟବହାର କରିବାର ସାଧନ ନାହିଁ। ଉତ୍ପାଦିତ ପଣସର ସଦୁପଯୋଗ କରି ମହିଳା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବାରେ ବିଭାଗ ବିଫଳ ହୋଇଛି। ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରି ପଣସରୁ ଚିପ୍ସ, ଆଚାର, ବ୍ୟଞ୍ଜନ, ମଞ୍ଜିରୁ ଅଟା ଆଦି ପ୍ରସ୍ତୁତି କରି ବଜାରୀକରଣ କରିବାରେ ବିଫଳ ହୋଇଛି। ଅନ୍ୟପଟେ କୋରାପୁଟ ପଣସକୁ ବାହାର ରାଜ୍ୟରେ ଆଦର ମିଳୁଛି। ଦୈନିକ ବ୍ଲକ ପିଛା ୧୫ରୁ୨୦ ଗାଡ଼ି କଷି ପଣସ ଚାଲାଣ ହେଉଛି।

କୋରାପୁଟ ଜିଲ୍ଲାରେ ପଣସ ଭଳି ପ୍ରାକୃତିକ ସମ୍ବଳର ବିନିଯୋଗ ପାଇଁ ବଜାର ନାହିଁ। ପଣସ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ପ୍ରକ୍ରିୟାକରଣ କେନ୍ଦ୍ର କିମ୍ବା କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ନାହିଁ। ପ୍ରଶାସନ ତରଫରୁ କିଛି ହାତଗଣତି ମହିଳା ଗୋଷ୍ଠୀଙ୍କ ନିମନ୍ତେ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲାଯାଇ କାଗଜ କଲମରେ ପଣସ ମିଶନ୍‌କୁ ବଞ୍ଚାଇ ରଖିବାର ଅଭିନୟ ଚାଲିଛି। କିନ୍ତୁ ଗାଁଗହଳି ଓ କୋରାପୁଟ ଜିଲ୍ଲାର କୌଣସି ବଜାରରେ ପଣସ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରି ହେବାର ନଜରକୁ ଆସୁନାହିଁ। ବାହାର ରାଜ୍ୟକୁ ଚାଲାଣ ଯୋଗୁଁ ବର୍ତ୍ତମାନ କଷି ପଣସଟିଏ ଖୋଜି ଘରେ ତରକାରୀ କରିବା ନନ୍ଦପୁର, ସେମିଳିଗୁଡ଼ା, ସୁନାବେଡ଼ା, କୋରାପୁଟ ଜୟପୁର ଭଳି ସହରାଞ୍ଚଳର ବାସିନ୍ଦା ପାଇଁ ଦୁର୍ଲଭ ହୋଇଛି। କୋରାପୁଟ ଜିଲ୍ଲା ଓର୍‌ମାସ ତରଫରୁ ଜିଲ୍ଲାରେ ଥିବା ମହିଳା ଗୋଷ୍ଠୀଙ୍କ ମାଧ୍ୟମରେ ପଣସରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ପାଇଁ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସିଇଓ ରୋଶନ କାର୍ତ୍ତିକ କହିଛନ୍ତି।

## ଏପ୍ରିଲ ପହିଲା ସୁଦ୍ଧା ସବୁ ପୌରସଂସ୍ଥାରେ ଓସ୍ୱାସ

**ଭୁବନେଶ୍ୱର, ୨୩।୨(ସମିସ):** ରାଜ୍ୟର ସମସ୍ତ ପୌରସଂସ୍ଥା ଓଡ଼ିଶା ଷ୍ଟେଟ୍ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ (ଓସ୍ୱାସ)ରେ ଯୋଡ଼ି ହେବେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ରାଜ୍ୟର ସମସ୍ତ ପୌରସଂସ୍ଥାଙ୍କୁ ଅବଗତ କରାଯାଇଛି। ସମସ୍ତ ପୌରସଂସ୍ଥାରେ ଓସ୍ୱାସ କାର୍ଯ୍ୟକାରୀ ହେଲେ ପ୍ରଶାସନିକ କାର୍ଯ୍ୟ ସୁରୁଖୁରୁରେ ଚାଲିବ। ଏଥିପାଇଁ ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେସନ୍ ସେଣ୍ଟର୍ (ଓକାକ୍)କୁ ଅନୁରୋଧ କରାଯାଇଛି। ଓସ୍ୱାସ ବ୍ୟବହାର ପାଇଁ ପ୍ରତ୍ୟେକ ପୌରସଂସ୍ଥାକୁ ଡେସ୍କଟପ୍, ଲାପଟପ୍, ସ୍କାନର ଏବଂ ଲାନ୍ ଯୋଗାଇ ଦିଆଯିବ। ପ୍ରତ୍ୟେକ ପୌରାଞ୍ଚଳରେ ଡାଟା ପରିଚାଳନା କରୁଥିବା କର୍ମଚାରୀଙ୍କ ସହ ଟିସିଏସ୍ ଟିମ୍ ଏବଂ ଓସ୍ୱାସର ପିଏମ୍‌ୟୁ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ଏହାସହ ସମ୍ପ୍ରସାରିତ ବ୍ୟାଣ୍ଡୱିଥ୍ ପାଇଁ ସେମାନେ ଆବଶ୍ୟକ ପାଣ୍ଠି ପାଇଁ ପ୍ରସ୍ତାବ ଦେବେ। ଏପ୍ରିଲ୍ ପହିଲା ସୁଦ୍ଧା ଏହି ଯୋଜନା ଯେଭଳି କାର୍ଯ୍ୟକାରୀ ହୋଇପାରିବ, ସେଥିପାଇଁ ଓସ୍ୱାସ ଓ ଟିସିଏସ୍ ଟିମ୍ ସହାୟତା ଯୋଗାଇଦେବାକୁ କୁହାଯାଇଛି। ପୌରସଂସ୍ଥାଗୁଡ଼ିକ ସେମାନଙ୍କର ନିଜସ୍ୱ ପାଣ୍ଠିରେ ନେଟ୍‌ୱାର୍କ ଭିତ୍ତିଭୂମି ବିକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସଚିବାଳୟରେ ଓ ବିଭାଗୀୟ ମୁଖ୍ୟ ଦପ୍ତରରେ ଓସ୍ୱାସ ମାଧ୍ୟମରେ ସରକାରୀ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏବେ ତାହାକୁ କ୍ଷେତ୍ରସ୍ତରୀୟ ଅଫିସ୍‌ଗୁଡ଼ିକୁ ସମ୍ପ୍ରସାରିତ କରାଯାଉଛି। ଏହି ବ୍ୟବସ୍ଥାରେ ଫାଇଲରେ ମତାମତ ଦେବା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ରହିଛି। ଯଦି କୌଣସି ଅଧିକାରୀ କାର୍ଯ୍ୟରେ ବିଳମ୍ବ କରିବେ, ତେବେ ଫାଇଲ୍‌ଟି ଆପେଆପେ ଆଗକୁ ବଢ଼ିବ ଏବଂ ଉପରିସ୍ଥ ଅଧିକାରୀ ଏ ସଂକ୍ରାନ୍ତରେ ଅବଗତ ହେବେ।

## କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ କଲେ ନୀତି ଆୟୋଗ ସଦସ୍ୟ



**ଭୁବନେଶ୍ୱର,୨୨।୨(ସମିସ):** ଓଡିଶାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ, ବିଶେଷକରି କଳିଙ୍ଗ ଷ୍ଟାଡିୟମ୍‌ରେ ଯେପରି ଭାବେ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଅନ୍ତର୍ଜାତୀୟ ମାନର ବ୍ୟବସ୍ଥା କରାଯାଇଛି, ତାହା ଅଭୂତପୂର୍ବ। ଓଡ଼ିଶା ଗସ୍ତରେ ଆସିଥିବା ନୀତି ଆୟୋଗ ସଦସ୍ୟ ଡ. ଅରବିନ୍ଦ ଭିରମାନୀ ଏହା କହିଛନ୍ତି। ଡ. ଭିରମାନୀ ଶନିବାର କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ କରି ସେଠାରେ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ବ୍ୟାଡମିଣ୍ଟନ୍ ହାଇ-ପରଫର୍ମାନ୍ସ ସେଣ୍ଟର୍, ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର୍, ଆଥଲେଟିକ୍ ଗ୍ରାଉଣ୍ଡ, ଜିମନାସିୟମ୍, ସନ୍ତରଣାଗାର ଆଦି ପରିଦର୍ଶନ କରି ସେଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ। କ୍ରୀଡ଼ାର ପ୍ରଚାରପ୍ରସାର ସହିତ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଭା ସୃଷ୍ଟି ପାଇଁ ଏଠାରେ ଅନନ୍ୟ ପରିବେଶ ସୃଷ୍ଟି କରାଯାଇଛି। ଅନ୍ୟ ରାଜ୍ୟମାନଙ୍କ ପାଇଁ ଏହା ଉଦାହରଣ ବୋଲି ସେ କହିଛନ୍ତି। ଏହି ସମୟରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏବଂ କ୍ରୀଡ଼ା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ବିଶ୍ୱସ୍ତରୀୟ ଭିତ୍ତିଭୂମି ଦେଖି ଅଭିଭୂତ**

ସୂଚନାଯୋଗ୍ୟ, ଓଡ଼ିଶା କ୍ରୀଡ଼ା ଇତିହାସର ମୂକସାକ୍ଷୀ କଳିଙ୍ଗ ଷ୍ଟାଡିୟମ୍‌କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆରୂପ ପ୍ରଦାନ କରିଥିଲେ। ରାଜ୍ୟର କ୍ରୀଡ଼ା ପ୍ରତିଭାମାନଙ୍କ ରହିବା ଏବଂ ଅଭ୍ୟାସ ପାଇଁ ଉତ୍କୃଷ୍ଟ ଭିତ୍ତିଭୂମି ସୃଷ୍ଟି କରିଛନ୍ତି। ଖାଲି ସେତିକି ନୁହେଁ, ଉନ୍ନତ ଭିତ୍ତିଭୂମି ପାଇଁ ଏଠାରେ ଦୁଇଥର ହକି ବିଶ୍ୱକପ୍, ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍, ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍, ହକି ପ୍ରୋ-ଲିଗ୍, ହକି ଇଣ୍ଡିଆ ଲିଗ୍ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ହୋଇଛି।

### ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଜାଗରଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

# ଭୋର୍ ସାଢ଼େ ୪ଟାରେ ଉଠିବ ମହାଦୀପ

**ଭଦ୍ରକ/ଆରଡି, ୨୩।୨(ସମିସ):** ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଆରଡ଼ିଧାମର ଅଧିଶ୍ୱର ବାବା ଆଖଣ୍ଡଳମଣିଙ୍କ ପୀଠରେ ଭୋର୍ ସାଢ଼େ ୪ଟାରେ ମହାଦୀପ ଉଠିବ। ଜାଗର ଯାତ୍ରା କମିଟି ଅଧ୍ୟକ୍ଷ ତଥା ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଚୂଡ଼ାନ୍ତ ସମନ୍ୱୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆଜିର ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ୨୫ ତାରିଖ ଦିନ ଏକବାର ନୀତି ଓ ନେତଲାଗି ହେବାକୁ ଥିବା ବେଳେ ୨୬ ତାରିଖରେ ଜାଗରଯାତ୍ରା ଅନୁଷ୍ଠିତ ହେବ। ଉକ୍ତ ଦିନ ରାତି ୧ଟା ୩୦ରୁ ବାବା ଆଖଣ୍ଡଳମଣିଙ୍କ ସୁନାବେଶ ଅନୁଷ୍ଠିତ ହେବ। ଭୋର୍ ସାଢ଼େ ୩ଟା ପର୍ଯ୍ୟନ୍ତ, ୨ଘଣ୍ଟା ଧରି ଭକ୍ତମାନେ ଶ୍ରୀଜିଉଙ୍କ ସୁନାବେଶ ଦର୍ଶନ କରିପାରିବେ। ପରେ ଭୋର୍ ସାଢ଼େ ୪ଟାରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିବ। ଭକ୍ତମାନଙ୍କର ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯିବ। ଅପରପକ୍ଷେ, ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଏବର୍ଷ ପୀଠରେ ଜାଗରଯାତ୍ରା ମହୋତ୍ସବ ୨ଦିନ ଧରି ପାଳନ କରାଯିବ।



**୨୫ରେ ଏକବାର ନୀତି ଓ ନେତଲାଗି: ୨୬ରେ ଜାଗରଯାତ୍ରା**

ସେହିପରି ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ନିକଟରେ ବ୍ୟାରିକେଡିଂ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ଦକ୍ଷିଣ ଦ୍ୱାରର ନୂତନ ମୁଖଚାଳି ଦ୍ୱାର ଦେଇ ବ୍ୟାରିକେଡ୍‌ରେ ଆସିବା ପରେ ମନ୍ଦିର ଭିତର ବେଢ଼ାକୁ ପ୍ରବେଶ କରିବେ ଏବଂ ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ କରିବେ। ଆଜିର ଏହି ସମନ୍ୱୟ ବୈଠକରେ ମନ୍ଦିର ଟ୍ରଷ୍ଟି ତଥା ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଚାନ୍ଦବାଲି ବିଡିଓ, ତହସିଲଦାର ଭବତୋଷ ମଲିକ, ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର, ଧୂଷୁରୀ ଥାନାଧିକାରୀ ଶାନ୍ତନୁ ଜେନା, ଟ୍ରଷ୍ଟବୋର୍ଡ ସଭ୍ୟ ସରୋଜ ଦାଶ, ସେବାୟତ ପ୍ରତିନିଧି ସନ୍ତୋଷ ପାଢ଼ୀଙ୍କ ସହ ମନ୍ଦିରର ବରିଷ୍ଠ ସେବାୟତ, ଜିଲ୍ଲା ଓ ଚାନ୍ଦବାଲି ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ଭଦ୍ରକ ଏସପି ସନ୍ଦୀପ ମଡକର ସମ୍ପଦ, ଏଏସପି ଅଂଶୁମାନ ଦ୍ୱିବେଦୀଙ୍କ ସହ ବହୁ ବରିଷ୍ଠ ପୁଲିସ ଅଧିକାରୀ ପୀଠରେ ଘନଘନ ସ୍ଥିତି ପରଖିବା ସହ ସେବାୟତମାନଙ୍କ ସହ ଆଲୋଚନା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ବିରାଟ' ବିଜୟ...

କ୍ରିକେଟରେ ୧୪,୦୦୦ ରନ୍ ପୂରଣ କରିବା ସହ ୫୧ତମ ଶତକ ହାସଲ କରିଛନ୍ତି। ସେ ୧୧୧ ବଲ୍ ଖେଳି ୭ ଚୌକା ସହ ଠିକ୍ ୧୦୦ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରେୟସ ଆୟର ୫୬ ଓ ଶୁବମନ ଗିଲ ୪୬ ରନ୍ କରିଥିଲେ। ପୂର୍ବରୁ ସାଉଦ୍ ସକିଲଙ୍କ ୬୨ ଓ ମହମ୍ମଦ୍ ରିଜୱାନ୍‌ଙ୍କ ୪୬ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ଇନିଂସର ଶେଷ ଓଭରରେ ୨୪୧ ରନ୍ କରିଅଲଆଉଟ ହୋଇଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ୩ଟି ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ୱିକେଟ ନେଇ ଭାରତର ବିଜୟ ସହଜ କରିଦେଇଥିଲେ।

### ଦାଦନଗଡ଼ରେ ଆଣ୍ଠେଇଛି...

ବର୍ଷ ତାହାର ପୂର୍ବ ବର୍ଷମାନଙ୍କରେ ବଲାଙ୍ଗିର ଜିଲ୍ଲାରେ ଏହି ଯୋଜନାରେ ୨୩ ଲକ୍ଷ ୯୪ ଟି ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ସେହିବର୍ଷ ପର୍ଯ୍ୟନ୍ତ ୨୧ ଲକ୍ଷ ୮ହଜାର ୧୧୭ ପ୍ରକଳ୍ପ କାମ ସଂପୂର୍ଣ୍ଣ ହୋଇଥିବା ବେଳେ ୧୧ ହଜାର ୯୭୭ କାମ ଅସଂପୂର୍ଣ୍ଣ ହୋଇ ରହିଥିଲା।ଯାହାର କି ସଫଳତା ହାର ୯୪.୭୯ ରହିଥିଲା।ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲ୍ଲାରେ ୧୨ ହଜାର ୩୨୩ ପ୍ରକଳ୍ପକୁ ମଞ୍ଜୁରି ମିଳିଥିବା ବେଳେ ୬୫୬୩ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିଲା। ୫୭୬୦ ପ୍ରକଳ୍ପ କାମ ଅସଂପୂର୍ଣ୍ଣ ରହିଥିବା ବେଳେ ସେହି ବର୍ଷ ଜିଲ୍ଲାର ପ୍ରଦର୍ଶନ ହାର ୫୩.୨୬ ରହିଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଜିଲ୍ଲାରେ ଅଧିକ ସଂଖ୍ୟାରେ ପ୍ରକଳ୍ପକୁ ମଞ୍ଜୁରି ମିଳିଥିଲା। ଏହି ବର୍ଷ ୪୪ ହଜାର ୬୧୩ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ୨୪ହଜାର ୧୪୪ କାମ ସଂପୂର୍ଣ୍ଣ କରାଯାଇଥିଲା। ୨୦ହଜାର ୪୬୯ ପ୍ରକଳ୍ପ କାମ ଅସଂପୂର୍ଣ୍ଣ ରହିଥିବା ବେଳେ ଏହି ବର୍ଷ ମଧ୍ୟ ଜିଲ୍ଲାର ସଫଳତା ହାର ୫୪.୧୨ ରହିଥିଲା। କିନ୍ତୁ ଚଳିତ ବର୍ଷ ଅର୍ଥାତ ୨୦୨୪-୨୫ ଆର୍ଥିକ ବର୍ଷରେ ଜିଲ୍ଲାର ସଫଳତା ହାର ଅତି ନୈରାଶ୍ୟଜନକ ରହିଛି। ଏହି ବର୍ଷ ମାତ୍ର ୧୪ ହଜାର ୬୦୦ ପ୍ରକଳ୍ପ ମଞ୍ଜୁର କରାଯାଇଥିବା ବେଳେ ମାତ୍ର ୧୯୮୯ ପ୍ରକଳ୍ପ କାମ ସଂପୂର୍ଣ୍ଣ ହୋଇପାରିଛି। ଏବେବି ୧୨ ହଜାର ୬୧୧ ପ୍ରକଳ୍ପ ଅସଂପୂର୍ଣ୍ଣ ହୋଇପଡି ରହିଥିବା ବେଳେ ସଫଳତା ହାର ମାତ୍ର ୧୩.୬୨ ରହିଛି। ଯାହାକି ପୂର୍ବ ବର୍ଷଅପେକ୍ଷା ବହୁତ କମ ରହିଛି। ଆଉ କିଛି ଦିନ ପରେ ଚଳିତ ଆର୍ଥିକ ବର୍ଷ ସଂପୂର୍ଣ୍ଣ ହୋଇଯିବ। ଫଳରେ ଏହି ସଂଖ୍ୟା ଆଗକୁ ଆଉ ବିଶେଷ ବଢିବାର ନାହିଁ। ଫଳରେ ଏଥିରୁ ହିଁ ଚିନ୍ତା କରାଯାଇପାରେ ବର୍ତ୍ତମାନର ସରକାର ଶ୍ରମିକଙ୍କ ପ୍ରତି କେତେ ଦରଦ ରଖିଛନ୍ତି। ଗୋଟିଏ ପଟେ ବଜେଟରେ କେନ୍ଦ୍ର ସରକାର ମନରେଗା ଯୋଜନା ପାଇଁ ଅଧିକ ଅର୍ଥ ବରାଦ କରିନଥିବା ବେଳେ ଅନ୍ୟପଟେ ତାଙ୍କରି ଦଳ ରାଜ୍ୟରେ ରହି କାମ ସଂପୂର୍ଣ୍ଣ କରିବାରେ ବିଫଳ ହୋଇଛି।ତେବେ ଦାଦନ ରୋକିବା ପାଇଁ ଡବଲ ଇଞ୍ଜିନ ସରକାର ବଡ ବଡ ଭାଷଣ ମାରୁଥିବା ବେଳେ ଯେଉଁ ଯୋଜନାକୁ ଅଧିକ ଗୁରୁତ୍ୱ ଦେବା କଥା ତାକୁ ପଙ୍ଗୁ କରି ରଖିଥିବା ଆଲୋଚନା ହୋଇଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

### କୁଟୁରା ଭାବି...

ଥାନା ଆଲୁସିଂ ଗ୍ରାମରେ। ଏହା ସହ ପୁଲିସ୍ ଏକ ବନ୍ଧୁକ ଜବତ କରିଛି। ସୂଚନାନୁଯାୟୀ, ଫାଶିଗାଁଠାରେ ଗୋବିନ୍ଦଙ୍କର ଏକ ଫାର୍ମହାଉସ୍ ରହିଛି। ଶନିବାର ରାତି ପ୍ରାୟ ସାଢ଼େ ୨ଟାରେ ଗୋବିନ୍ଦ ନିଜ ଫାର୍ମରେ ଶୋଇଥିବା ବେଳେ ଭିଣୋଇ ରମେଶ ସେଠାରେ ପହଞ୍ଚି ଶିକାର କରିବାକୁ ଜଙ୍ଗଲ ମଧ୍ୟକୁ ଯିବାକୁ କହିଥିଲେ। ରମେଶ ଏକ ଦେଶୀ ଏସବିଏମଏଲ ବନ୍ଧୁକ ଧରି ଶିକାର ପାଇଁ ଫାର୍ମଠାରୁ ୫ଶହ ମିଟର ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ବୁଦାରେ କୌଣସି ଜନ୍ତୁ ଥିବାର ସନ୍ଦେହ କରି ରମେଶ ତାଙ୍କ ଶଳା ଗୋବିନ୍ଦକୁ ନିକଟରେ ଥିବା ବୁଦାକୁ ହଲେଇବାକୁ କହିଥିଲେ। ବୁଦା ନିକଟକୁ ଯାଇ ଗୋବିନ୍ଦ ଘଞ୍ଚ ବୁଦାକୁ ହଲାଉଥିବା ବେଳେ ରମେଶ କୌଣସି ଜନ୍ତୁ ଥିବା ସନ୍ଦେହ କରି ଛେରରା ଗୁଳି କରିଥିଲେ। ଏଥିରେ ଗୋବିନ୍ଦଙ୍କ ଛାତି, ପେଟ, ହାତରେ ଗୁଳି ବାଜିଥିବା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରଥମେ ଏହି ଘଟଣାକୁ ଚାପି ଦେବାକୁ ଚେଷ୍ଟା କରାଯାଇଥିଲା। ଏହା ଏକ ଆତ୍ମହତ୍ୟା ବୋଲି କୁହାଯାଇଥିଲା। କିନ୍ତୁ ପୁଲିସ୍ ତଦନ୍ତ କରି ଅଭିଯୁକ୍ତ ରମେଶ ନାଏକକୁ ଗିରଫ କରିଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ଅଭିନବ ସୋନକର କହିଛନ୍ତି।

# ଗୋଡ଼ିପଡ଼ା ଟୋଲଗେଟ୍‌ରୁ ୧୪୪୮ କଇଁଛ ଜବତ

**ନିରାକାରପୁର/ଟାଙ୍ଗୀ/ଭୁଷଣ୍ଡପୁର, ୨୩।୨(ସମିସ):** ଜଙ୍କିଆ ଥାନା ଅନ୍ତର୍ଗତ ଗୋଡ଼ିପଡ଼ା ଟୋଲଗେଟ୍ ନିକଟରେ ଚଢ଼ଉ କରି ଖୋର୍ଦ୍ଧା ଓ ଟାଙ୍ଗୀ ବନ ବିଭାଗ ଆଜି ଏକ ଟ୍ରକ୍‌ରୁ ୧୪୪୮ ଟି କଇଁଛ ଜବତ କରିଛି। ସେଥିରେ ୧୦୨ ମଲା କଇଁଛ ଥିବା ଜଣାଯାଇଛି। ଏହି କଇଁଛଗୁଡ଼ିକ ବିଶାଖାପାଟଣାରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ବନ ବିଭାଗ କହିଛି। ଏହି ଘଟଣାରେ ଗାଡ଼ି ଚାଳକ ମହାଦେବ ଦେ(୪୦)କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ଆଜି ଦିନବେଳା ବନ ବିଭାଗ ଗୋଡ଼ିପଡ଼ା ଟୋଲଗେଟ୍ ନିକଟରେ ଜଗି ରହିଥିଲା। ଦିନ ପ୍ରାୟ ସାଢ଼େ ଗୋଟାଏ ବେଳେ ୧୬ ନମ୍ବର ଜାତୀୟ ରାଜପଥରେ ଗୋଡ଼ିପଡ଼ା ପାର୍ଶ୍ୱକୁ ଆସୁଥିବା ଏକ ମିନି ଟ୍ରକ୍ ଉପରେ ସନ୍ଦେହ ହେବାରୁ ବନ ବିଭାଗ ଅଧିକାରୀମାନେ ତାକୁ ଟୋଲଗେଟ୍ ନିକଟରେ ଅଟକାଇଥିଲେ। ଯାଞ୍ଚ କରିବାରୁ ଉକ୍ତ ଗାଡ଼ିରେ କିଛି ଟ୍ରେ'ରେ ମାଛ ଥିବା ବେଳେ ବେଳେ ଅନ୍ୟ ଟ୍ରେ' ଗୁଡ଼ିକରେ କଇଁଛ ଥିବା ଦେଖିବାକୁ ପାଇଥିଲେ। ପରେ ବନ ବିଭାଗ ଉକ୍ତଗାଡ଼ିକୁ ଜବତ କରି ଭୁଷଣ୍ଡପୁର ଫରେଷ୍ଟ ବିଟ୍ ହାଉସକୁ ଆଣିଥିଲା। ଉକ୍ତ ଗାଡ଼ିରେ ପ୍ରାୟ ୧ କ୍ୱିଣ୍ଟାଲ ମାଛ ଥିବା ବେଳେ ୧୨୦ଟି ଟ୍ରେ'ରେ ୧୪୪୮ ଟି କଇଁଛ ରହିଥିଲେ। ଚାଲାଣକାରୀମାନେ ତଞ୍ଚକତା କରି ଉପର ଟ୍ରେରେ ମାଛ ରଖିଦେଇଥିଲେ।



**ବିଶାଖାପାଟଣାରୁ ପଶ୍ଚିମବଙ୍ଗକୁ ହେଉଥିଲା ଚାଲାଣ**

ଅନୁସନ୍ଧାନରୁ ଜଣାପଡ଼ିଥିଲା କି ଏହି କଇଁଛ ବିଶାଖାପାଟଣାରୁ ପଶ୍ଚିମବଙ୍ଗ ଓ ସେଠାରୁ ବାଂଲାଦେଶ ସୀମା ବନଗାଁ ଥାନା ଅନ୍ତର୍ଗତ ମ୍ୟୁନିସିପାଲିଟି ଅଞ୍ଚଳକୁ ଚାଲାଣ ହେଉଥିଲା। ଏହି କଇଁଛ କେଜି ପିଛା ୪୦୦ ଟଙ୍କା ହିସାବରେ ଏହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏହି ଚଢ଼ଉରେ ଖୋର୍ଦ୍ଧା ଏସିଏଫ୍ ସୁଶାନ୍ତ ବନ୍ଧ,ଏସିଏଫ ତଥା ଟାଙ୍ଗି ଭାରପ୍ରାପ୍ତ ରେଞ୍ଜର୍ ଦେବାଶିଷ ଭୋଇ ଓ ଆୟକର ବିଭାଗ ଗୁଇନ୍ଦା ସଂସ୍ଥାର ଅଧିକାରୀ ତଥା ଅନ୍ୟ ବନ କର୍ମଚାରୀମାନେ ସହଯୋଗ କରିଥିଲେ।

**ବିଜେପିର ନିର୍ବାଚନ ଇସ୍ତାହାର ଓ ସରକାରଙ୍କ ମଦ ନୀତି ମଧ୍ୟରେ ବିଶାଳ ପାର୍ଥକ୍ୟ**

# ବିଜେପିର ଦୋହରା ଚରିତ୍ର ସ୍ପଷ୍ଟ: ମୋନା

**ଭୁବନେଶ୍ୱର,୨୩।୨(ସମିସ):** ଓଡ଼ିଶା ମଦମୁକ୍ତ ରାଜ୍ୟ ହେବ। ନିର୍ବାଚନ ସମୟରେ ରାଜ୍ୟବାସୀଙ୍କୁ ଏପରି ପ୍ରତିଶ୍ରୁତି ଦେଇଥିଲା ବିଜେପି। ନିଜର ନିର୍ବାଚନୀ ଇସ୍ତାହାରରେ ମଧ୍ୟ ୨୦୨୯ ମସିହା ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ଲାଗି ବିଜେପି ଘୋଷଣା କରିଥିଲା; ହେଲେ ଏସବୁ ପ୍ରତିଶ୍ରୁତି ପୂରଣ ପରିବର୍ତ୍ତେ ଏବେ ରାଜ୍ୟରେ ଅଧିକ ମଦ କାରଖାନା ସ୍ଥାପନ ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି। ।ମଦ ବନ୍ଦ ନେଇ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ରାଜ୍ୟରେ ମଦକୁ ପ୍ରୋତ୍ସାହିତ କରାଯାଉଛି ବୋଲି ଅଭିଯୋଗ କରିଛି ମିଳିତ ନିଶା ନିବାରଣ ଅଭିଯାନ(ମୋନା)।

ସଂଗଠନର ସଭାପତି ପଦ୍ମଚରଣ ନାୟକ କହିଛନ୍ତି ଯେ ରାଜ୍ୟର ଅବକାରୀ ମନ୍ତ୍ରୀ ନିକଟରେ ବିଧାନସଭାରେ ସମ୍ପୂର୍ଣ୍ଣ ନିଶା ନିବାରଣ ଲାଗି ସରକାରଙ୍କର କୌଣସି କାର୍ଯ୍ୟକ୍ରମ ନାହିଁ ବୋଲି ଘୋଷଣା କରିଛନ୍ତି। ଏହା ସଙ୍ଗେ ସଙ୍ଗେ ସହରାଞ୍ଚଳରେ ଅଧିକ ମଦ ଦୋକାନ ଖୋଲିବା ସହ ଶ୍ରୀକ୍ଷେତ୍ରରେ ମଧ୍ୟ ମଦ ଦୋକାନ ବନ୍ଦ କରିନାହାନ୍ତି। ବିଜେପି ସରକାର ଗଢିବା ପରେ ପରେ ପୁରୀ ଭଳି ବିଶ୍ୱ ବିଖ୍ୟାତ ତୀର୍ଥକ୍ଷେତ୍ରକୁ ମଦମୁକ୍ତ କରିବୁ ବୋଲି ଘୋଷଣା କରିଥିଲେ। ମଧ୍ୟପ୍ରଦେଶର ବିଜେପି ସରକାର ପବିତ୍ର ନର୍ମଦା ନଦୀର ଉଭୟ ପାର୍ଶ୍ୱର ୫୦ କିଲୋମିଟର ପର୍ଯ୍ୟନ୍ତ ମଦ ଦୋକାନ ରଖାଯିବ ନାହିଁ ଓ ରାଜ୍ୟର ୧୯ଟି ତୀର୍ଥ ସ୍ଥଳକୁ ମଦମୁକ୍ତ କରିବେ ବୋଲି ଘୋଷଣା କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ମାତ୍ର ରାଜ୍ୟରେ ବିଜେପି ସରକାର ଗଢ଼ିବାର ୯ ମାସ ପୂରିଲାଣି। ଅବକାରୀ ମନ୍ତ୍ରୀ ମଦ ବିକ୍ରୀ କମାଇବା ପରବର୍ତ୍ତେ ଲୋକଙ୍କୁ ମଦ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ମାଣ୍ଡିଆ ମଦ ପ୍ରଚଳନ ଲାଗି ଘୋଷଣା କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ମଦ ପାଇଁ ଅନେକ ପରିବାର ଉଚ୍ଛନ୍ନ ହେଉଛନ୍ତି, ଲୋକମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି। ଏବେ ମାଣ୍ଡିଆ ମଦ ପ୍ରଚଳନ ଲୋକଙ୍କୁ ଆହୁରି ରସାତଳକୁ ନେବ। ଏସବୁ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନିରବ । ଲୋକଙ୍କ ସରକାର ବୋଲି ପରିଚୟ ଦେଉଥିବା ମୁଖ୍ୟମନ୍ତ୍ରୀଙ୍କ ନିରବତା ଜନସାଧାରଣଙ୍କୁ ନିରାଶ କରିଛି। ତେଣୁ ମୁଖ୍ୟମନ୍ତ୍ରୀ ଶୀଘ୍ର ଏ ଦିଗରେ ସରକାରଙ୍କ ନୀତି ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ନାୟକ ଏକ ପ୍ରେସବିବୃତିରେ କହିଛନ୍ତି ।


**AFFIDAVIT**

By virtue of an affidavit sworn before Executive magistrate, Puri, dated 12/02/2025. I, Satrughan Panigrahi, Address Sri Jagannath Sanskrit University, Sri vihar, Puri, declare that I have changed the my daughter's name from Panigrahi Aditi Satrughna to Aditi Panigrahi. Henceforth, She shall be known as Aditi Panigrahi for all purposes.

**AFFIDAVIT**

By virtue of an affidavit before the Executive Magistrate, Berhampur, Dist.: Ganjam. I, Smt. Sunita Pattanaik, W/o- Nilamadhab Pattnaik residing at Anand Nagar Street, KukudaKhandi, P.O.- KukudaKhandi, P.S.- Berhampur Sadar, Dist.: Ganjam hereby declare that my son's correct name is Sai Prasad Pattnaik as recorded in his Matriculation certificate But in his Aadhaar card wrongly mentioned as Sai Prasad Patiaik. That Sai Prasad Pattnaik and Sai Prasad Patiaik is one and same person who is my son in our locality.

Sd/- Sunita Pattanaik

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି ।

ଟେଣ୍ଡର ବିଜ୍ଞପ୍ତି ସଂ. Ref: SDMM/KUR/EP/2024-25/E-procurement Tender Notice/15, ତା.20.02.2025ରିଖ

ଟେଣ୍ଡର ନଂ. 81255191 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : (i) 3-ଫେଜ୍ ମେମୁ ରେକ୍ ପାଇଁ ପିନିୟନ ସହିତ ଟ୍ରାକ୍ସନ ମୋଟର, ଆଲଷ୍ଟମ (Alstom) ପାର୍ଟ ନମ୍ବର - 3EJD000001-1504, ପରିମାଣ : 02 ଗୋଟି ।

(ii) 3-ଫେଜ୍ ମେମୁ ରେକ୍ ପାଇଁ ଟ୍ରାକ୍ସନ କନଭର୍ଟର, ଆଲଷ୍ଟମ (Alstom) ପାର୍ଟ ନମ୍ବର - TC3EGM049800-4001, ପରିମାଣ : 01 ଗୋଟି ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 17.03.2025, 1500 ଘଟିକା ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

PR-1014/P/24-25

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-07, ତା.17.02.2025ରିଖ

କାର୍ଯ୍ୟର ନାମ : ବାର ମାସ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର / ଦୂରସଂଚାର / ରେଢ଼ାଖୋଲ ପରିସୀମା ଅଧୀନସ୍ଥ ନିୟନ୍ତ୍ରଣ (Control) ସେକ୍ସନରେ ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ (₹): 61,29,929.40, EMD (₹) : 1,22,600.00

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 11.03.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟରରେ ଫାକ୍ସ କରିଥିବା କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରେର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ https://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନଗୁଡ଼ିକରୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର

PR-1013/P/24-25

ସକାଳ
THE SAKALA

# ସମ୍ପାଦକୀୟ



ବିଶାଳ ଜନସଂଖ୍ୟା ବିଶିଷ୍ଟ ଆମ ଦେଶର ସବୁଲୋକଙ୍କ ଅତିନିକଟରେ ନ୍ୟାୟିକ ବ୍ୟବସ୍ଥା ପହଞ୍ଚାଇବା ଲାଗି ସରକାରୀ ପ୍ରୟାସ ଯଥେଷ୍ଟ ନୁହେଁ; ଏଥିପାଇଁ ଜନସାଧାରଣ ନିଜ ନିଜ ସ୍ତରରେ ବିଧିବ୍ୟବସ୍ଥାର ଉପଯୁକ୍ତ ବିନିଯୋଗ କରିବାକୁ ପଡ଼ିବ।
-ଜଷ୍ଟିସ୍ ପି ଏନ୍ ଭଗବତୀ

## ରଥଯାତ୍ରାକୁ ଭୁଲିଗଲେ

ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ଡବଲ୍ ଇଞ୍ଜିନ ସରକାରଙ୍କର ଅସ୍ମିତା ରକ୍ଷା ପ୍ରତି ଆନ୍ତରିକତା କେତେ ତାହା ପୁଣି ଥରେ ପ୍ରମାଣିତ ହୋଇଛି। ବିଶେଷକରି ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶ୍ୱଦରବାରରେ ପ୍ରତିଷ୍ଠିତ କରିବାରେ ରାଜ୍ୟ ସରକାରଙ୍କ ଉଦାସୀନତା ଚର୍ଚ୍ଚାକୁ ଆସିଛି। ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ କାଳରେ ଏକ ପ୍ରଶ୍ନୋତ୍ତର ଛଳରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ କହିଛନ୍ତି ଯେ କଟକ ବାଲିଯାତ୍ରା ଓ ବରଗଡ଼ ଧନୁଯାତ୍ରାକୁ ୟୁନେସ୍କୋ ପକ୍ଷରୁ ଦିଆଯାଉଥିବା ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ(ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍) ତାଲିକାରେ ସାମିଲ୍ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହା ସ୍ୱାଗତଯୋଗ୍ୟ ନିଶ୍ଚୟ। ତେବେ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବାଲିଯାତ୍ରା ଓ ଧନୁଯାତ୍ରାକୁ ୟୁନେସ୍କୋ ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦେବା ପାଇଁ ଉଦ୍ୟମ ବେଳେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା କଥା ସରକାର ଭୁଲିଗଲେ କେମିତି? ତେବେ କ'ଣ ଧରି ନେବାକୁ ହେବ ଯେ ଖଣି, ପାଣି, ରେଳ, ସମ୍ବଲ ଭଳି ଓଡ଼ିଶା ସଂସ୍କୃତି ମାନ୍ୟତା କ୍ଷେତ୍ରରେ ମଧ୍ୟ ଗୁରୁତର ପାତରଅନ୍ତରର ଶିକାର ହୋଇଛି?

ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଘୋଷଣାନାମାରେ ସ୍ୱାକ୍ଷର କରିଥିବାରୁ ଭାରତ ସରକାର ବିଭିନ୍ନ ରାଜ୍ୟର ସର୍ବାଦୃତ ସାଂସ୍କୃତିକ ଐତିହ୍ୟଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ବା ତାଲିକାଭୁକ୍ତ କରିବା ପାଇଁ ସୁପାରିସ କରିବାର ବିଧିବ୍ୟବସ୍ଥା ରହିଛି। ରାଜ୍ୟମାନଙ୍କର ସୁପାରିସକ୍ରମେ ୟୁନେସ୍କୋକୁ ଏହି ତାଲିକା ପଠାଇବାର ଦାୟିତ୍ୱ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର। ଏହାପରେ ୟୁନେସ୍କୋ ପ୍ରତିନିଧି ପ୍ରତ୍ୟକ୍ଷ ଭାବେ ମହତ୍ତ୍ୱ ଉପଲବ୍ଧି କରିବା ପରେ ଉକ୍ତ ଐତିହ୍ୟକୁ ମାନ୍ୟତା ଦେଇଥା'ନ୍ତି। ହୁଏତ ଦଳୀୟ ରାଜନୀତି ଦୃଷ୍ଟିରୁ ହେଉ କିମ୍ବା ଆଞ୍ଚଳିକ ଅସୂୟା ଯୋଗୁଁ ଅନେକ ସମୟରେ ରାଜ୍ୟ ସରକାରମାନଙ୍କର ସୁପାରିସ କେନ୍ଦ୍ରରେ କ୍ଷମତାସୀନ ଦଳର ପ୍ରଚ୍ଛନ୍ନ ଇଙ୍ଗିତରେ କାଟ୍ ଖାଇଯାଏ। ଏହାର ଉଦାହରଣ ମଧ୍ୟ ବହୁଳ। କିନ୍ତୁ ଓଡ଼ିଶାରେ ଏବେ ଡବଲ୍ ଇଞ୍ଜିନ୍ ସରକାର ଚାଲୁଥିବାରୁ ରାଜ୍ୟ ସରକାର ଏ ଦିଗରେ ସୁପାରିସ କରିଥିଲେ ତାହା ବୋଧହୁଏ ଅଗ୍ରାହ୍ୟ ହୋଇ ନଥା'ନ୍ତା ବୋଲି ରାଜ୍ୟବାସୀ ଆଶା କରିବା ସ୍ୱାଭାବିକ। ସୁପାରିସ କରିବା ପରେ ୟୁନେସ୍କୋ ଦ୍ୱାରା ନାକଚ ହେବା ନ ହେବା ଭିନ୍ନ କଥା। କିନ୍ତୁ ଆଦୌ ସୁପାରିସ ନ କରିବା କିମ୍ବା ଭୁଲି ଯିବା ଓଡ଼ିଆ ଅସ୍ମିତା ପ୍ରତି ଅକ୍ଷମଣୀୟ ଅନ୍ୟାୟ ବୋଲି ଧାରଣା ସୃଷ୍ଟି ହେଉ ନାହିଁ କି?

ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପାଇଁ କେତେକ ମାନଦଣ୍ଡ ୟୁନେସ୍କୋ ନିର୍ଦ୍ଧାରଣ କରିଛି। ସେଥିମଧ୍ୟରୁ ପ୍ରମୁଖ ହେଲା ସାମାଜିକ ଚାଲିଚଳଣି ଓ ଜୀବନଚର୍ଯ୍ୟାର ଅଙ୍ଗ ପାଲଟିସାରିଥିବା ଆଞ୍ଚଳିକ ରୀତିନୀତି ଓ ପର୍ବପର୍ବାଣୀ, ଜନଜୀବନର ମନ ଓ ପ୍ରାଣକୁ ପୁଲକିତ କରୁଥିବା ନୃତ୍ୟ କଳା, ଆଞ୍ଚଳିକ ପରିଚୟର ପ୍ରତୀକ ହୋଇସାରିଥିବା ସଙ୍ଗୀତ, ପାରମ୍ପରିକ କୌଶଳ ଇତ୍ୟାଦି। ଏହି ମାନଦଣ୍ଡ ଆଧାରରେ ୟୁନେସ୍କୋ ତାଲିକାଭୁକ୍ତ ବିଶ୍ୱର ୫୩୧ଟି ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମଧ୍ୟରୁ ଛଉନୃତ୍ୟ(ଓଡ଼ିଶା, ପଶ୍ଚିମବଙ୍ଗ), ରମନ୍ନ(ଗଡ଼୍‌ୱାଲ୍ ଓ ଉତ୍ତରାଖଣ୍ଡ), ମୁଡିୟେଟ୍ଟ(କେରଳ), ଦୁର୍ଗା ପୂଜା(କୋଲକାତା), ସଂକୀର୍ତ୍ତନ(ମଣିପୁର), କୁଡିୟାଟ୍ଟମ(କେରଳ), କାଲବେଲିଆ ଲୋକନୃତ୍ୟ ଓ ସଙ୍ଗୀତ(ରାଜସ୍ଥାନ), ବୌଦ୍ଧ ଗାନ(ଲଦାଖ), ଗରବା(ଗୁଜରାଟ), କଂସା, ତମ୍ବା ବାସନ ନିର୍ମାଣ(ପଞ୍ଜାବ), ଯୋଗ, କୁମ୍ଭମେଳା, ବୈଦିକ ମନ୍ତ୍ରୋଚାରଣ, ରାମଲୀଳା ଆଦି ଭାରତର ୧୪ଟି ଏବଂ ଭାରତରେ ବସବାସ କରୁଥିବା ପାର୍ସି ସମ୍ପ୍ରଦାୟ ଦ୍ୱାରା ପାଳିତ ନବରୋଜ ପର୍ବ ମଧ୍ୟ ତାଲିକା ଅନ୍ତର୍ଭୁକ୍ତ। ଏଠାରେ ପ୍ରଶ୍ନ ଉଠୁଛି, ବିଶ୍ୱପ୍ରସିଦ୍ଧ ରଥଯାତ୍ରା କ'ଣ ଏ ସବୁଠାରୁ ନ୍ୟୂନ? ଏହାଛଡ଼ା ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଯେଉଁ ୧୦୬ ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟର ଜାତୀୟ ତାଲିକା ପ୍ରସ୍ତୁତ କରିଛି ସେଥିରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସ୍ଥାନ ପାଇନାହିଁ। ଅର୍ଥାତ୍ ଏ ଦିଗରେ କେନ୍ଦ୍ର ସରକାର କେବେ ଚିନ୍ତା ହିଁ କରିନାହାନ୍ତି।

ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଆଞ୍ଚଳିକ ପରମ୍ପରା ଓ ରୀତିନୀତିରେ ସୀମିତ ନୁହେଁ। ଏହା ସାମ୍ୟତା, ସର୍ବଧର୍ମ-ସମ୍ପ୍ରଦାୟ ସମନ୍ୱୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ସାହିତ୍ୟ, ବିଜ୍ଞାନ, ଭୂଗୋଳ, ଇତିହାସର ଅପୂର୍ବ ସମନ୍ୱୟରେ ଋଦ୍ଧିମନ୍ତ। ବିଶ୍ୱର ଅନେକ ରାଷ୍ଟ୍ରରେ ରଥଯାତ୍ରା ପାଳିତ ହୋଇଆସୁଛି। ଅନ୍ୟ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇ ସନାତନ ଧର୍ମ ସ୍ୱତଃ ଗ୍ରହଣ କରୁଛନ୍ତି। ରଥଯାତ୍ରାର ସାଙ୍ଗୀତିକତା, ଚିତ୍ରକଳା, ନୃତ୍ୟ ତତ୍ତ୍ୱ ମୌଳିକ ଓ ଶାସ୍ତ୍ରସମ୍ମତ। ବିଶ୍ୱ ପର୍ଯ୍ୟଟନରେ ମଧ୍ୟ ପୁରୀ ରଥଯାତ୍ରା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନଦଣ୍ଡର ଏପରି କୌଣସି ବିଭାଗ ନାହିଁ, ଯାହା ରଥଯାତ୍ରାରେ ସନ୍ନିହିତ ହୋଇନାହିଁ। ତଥାପି କାହିଁକି ଯେ ରଥଯାତ୍ରା ଏହି ତାଲିକାରୁ ବଞ୍ଚିତ ହୋଇରହିଛି ତାହାର ଉତ୍ତର ବର୍ତ୍ତମାନର ଡବଲ୍ ଇଞ୍ଜିନ ସରକାର ଦେବାକୁ ପଡ଼ିବ।

ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରସଙ୍ଗରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଦର୍ଶାଇଛନ୍ତି ଯେ କୌଣସି ଉତ୍ସବକୁ ଜାତୀୟ କିମ୍ବା ରାଜ୍ୟ ମାନ୍ୟତା ଦେବା ପାଇଁ ବିଧିବ୍ୟବସ୍ଥା ନାହିଁ। ଓଡ଼ିଶୀ ସଙ୍ଗୀତକୁ ମଧ୍ୟ ଶାସ୍ତ୍ରୀୟ ମାନ୍ୟତା ଦେବାରେ ଏହି ଆଳ ଦର୍ଶାଯାଉଛି। ଏଥିସହିତ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପାଇବାର ସମ୍ଭାବନା ଟିକକ କାହିଁ କେଉଁଦିନରୁ ମଉଳି ଯାଇଥିବା ବେଳେ କଟକ ବାଲିଯାତ୍ରା ଜାତୀୟ ମାନ୍ୟତା ପାଇବା ପାଇଁ ଦୀର୍ଘଦିନ ଧରି ଯେଉଁ ଆଶା କରାଯାଉଥିଲା ସେଥିରେ ବିରାମ ଲାଗିଛି। ଏଠାରେ ଆମର କହିବା କଥା ହେଲା ଯଦି ସମୟ ଓ ପରିସ୍ଥିତିର ଆବଶ୍ୟକମତେ ସମ୍ବିଧାନ ସଂଶୋଧନ କରାଯାଉଛି, ନୂଆ ଆଇନ ପ୍ରଣୟନ କରାଯାଇପାରୁଛି, ସମ୍ବିଧାନର ଧାରାକୁ ଉଚ୍ଛେଦ କରାଯାଇପାରୁଛି ସଂସ୍କୃତିର ସୁରକ୍ଷା ଓ ମାନ୍ୟତା ପାଇଁ ଆଇନଟିଏ ପ୍ରଣୟନ କରାଯାଇପାରିବ ନାହିଁ କାହିଁକି? ବିଶେଷକରି ଯେଉଁଠାରେ ଡବଲ୍ ଇଞ୍ଜିନ୍ ସରକାର ରହିଛି, ସେଠାରେ ରାଜ୍ୟର ଅସ୍ମିତା, ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥ ଓ ଜାତୀୟତାବୋଧ ଦୃଷ୍ଟିରୁ ମାନ୍ୟତା ଲାଗି ବିଧିବ୍ୟବସ୍ଥା କରାଯିବାରେ ବିଶେଷ ଅସୁବିଧା ହେବ ନାହିଁ। ଶ୍ରୀକ୍ଷେତ୍ର ରଥଯାତ୍ରା, କଟକ ବାଲିଯାତ୍ରା ଓ ବରଗଡ଼ ଧନୁଯାତ୍ରାକୁ ଜାତୀୟ ମାନ୍ୟତା ଦେବା ପାଇଁ ଯଦି ବିଧିବ୍ୟବସ୍ଥା ନାହିଁ ତେବେ ଜାତୀୟ ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନିତ କରିବାରେ ଅସୁବିଧା କେଉଁଠି?

ଓଡ଼ିଶାବାସୀ ଓ କୋଟିକୋଟି ଜଗନ୍ନାଥ ସଂସ୍କୃତିପ୍ରେମୀଙ୍କ ପାଇଁ ଦୁଃଖଦାୟକ ହେଲା ଯେକୌଣସି କେନ୍ଦ୍ରୀୟ ନେତୃମଣ୍ଡଳୀ ଓଡ଼ିଶା ଗସ୍ତରେ ଆସିଲେ 'ଜୟଜଗନ୍ନାଥ' ଶବ୍ଦରୁ ଭାଷଣ ଆରମ୍ଭ କରନ୍ତି। ଏପରିକି ଶ୍ରୀଜଗନ୍ନାଥଙ୍କୁ ନାବ କରି ନିର୍ବାଚନୀ ବୈତରଣୀ ପାର ହେଉଛନ୍ତି। କିନ୍ତୁ ଯେତେବେଳେ ଜଗନ୍ନାଥଙ୍କ କାମ ହେଉଛି, ସେ ପରିକ୍ରମା ପ୍ରକଳ୍ପ ହେଉ କି ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା, ସେତେବେଳେ ହୁଏତ ବିରୋଧ କିମ୍ବା ହତାଦର କରୁଛନ୍ତି। ଆସନ୍ତା ଡିସେମ୍ବର ମାସରେ ଭାରତ ୟୁନେସ୍କୋର ଆନ୍ତଃସରକାରସ୍ତରୀୟ ସମ୍ମିଳନୀ ଆୟୋଜନ କରୁଛି। ପୂର୍ବତ୍ରୁଟି ସଜାଡ଼ିବାର ଏଭଳି ସୁବର୍ଣ୍ଣ ସୁଯୋଗ ଆଉ ବୋଧହୁଏ ଆସିବ ନାହିଁ। ତେଣୁ ଡବଲ୍ ଇଞ୍ଜିନ ସରକାର ଏ ଦିଗରେ ଏବେଠାରୁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ।

## ସମ୍ବିଧାନ ଓ ଶୃଙ୍ଖଳା

**ଡ.ଇଂ.ସଞ୍ଜୟ କୁମାର ପଣ୍ଡା**

ସ୍ୱାଧୀନତା ପରେ ଖ୍ରୀ.୧୯୫୦ ଜାନୁୟାରୀ ୨୬ ତାରିଖରେ ଯଶସ୍ୱୀ ରାଷ୍ଟ୍ରନାୟକମାନଙ୍କ ଦ୍ୱାରା ସ୍ୱତନ୍ତ୍ର ନିଜସ୍ୱ ସମ୍ବିଧାନ ପ୍ରଚଳନ କରାଗଲା, ଯାହାର ନୀତିଖସଡ଼ା ସମଗ୍ର ଭାରତୀୟଙ୍କୁ ଗୌରବାନ୍ୱିତ କରିବା ସହ ସାମଗ୍ରିକ ବିକାଶ ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ବାର୍ତ୍ତା ପ୍ରଦାନ କରି ଶାନ୍ତି, ମୈତ୍ରୀ, ପ୍ରୀତି ସହ ବୈଶ୍ୱିକ କୁଟୁମ୍ବର ଚିନ୍ତାଧାରାକୁ ପ୍ରଶସ୍ତିତ କଲା। ସମସ୍ତ ଜାତି, ଧର୍ମ, ବର୍ଣ୍ଣ, ବର୍ଗର ଜନସମୂହଙ୍କୁ ଏକ ରାଷ୍ଟ୍ର ବନ୍ଧନରେ ବାନ୍ଧି ଧର୍ମନିରପେକ୍ଷ, ସାର୍ବଭୌମ ରାଷ୍ଟ୍ରର ମାନ୍ୟତା ପ୍ରଦାନ କଲା ନୂତନ ଜାତୀୟ ସମ୍ବିଧାନ। ସମ୍ବିଧାନ ଅର୍ଥ ହେଉଛି ସମ+ବିଧାନ। ଅର୍ଥାତ୍ ସାମ୍ୟ ବିଧାନ। ସମ୍ବିଧାନ ଏପରି ଏକ ଶୁଦ୍ଧ, ସଂସ୍କାରିତ ଓ ନିଷ୍ପକ୍ଷ ଶାସନ ଖସଡ଼ା, ଯାହାଦ୍ୱାରା ଏକ ଦେଶାଧୀନ ଅନେକ ରାଜ୍ୟ ଅନୁବନ୍ଧିତ ହୋଇଥା'ନ୍ତି। ଏଠାରେ ସମସ୍ତ ଶାସନ କାଳ, ରାଜନୈତିକ ଦଳ, ବିଚାରବିଭାଗ ସମସ୍ତେ ନିଜ ନିଜର ଗୁରୁଦାୟିତ୍ୱ ପ୍ରତିପାଳନ କରି ଭାରତର ସାର୍ବଭୌମତ୍ୟ, ଅଖଣ୍ଡତା ଓ ନିରପେକ୍ଷତା ବଜାୟ ରଖିବାର ସଂକଳ୍ପ ନେଇଥା'ନ୍ତି। ଏହାର ମୁଖବନ୍ଧରେ ଲିଖିତ ଅଛି- ଭାରତ ଏକ ସାର୍ବଭୌମ, ନିରପେକ୍ଷ, ଗଣତନ୍ତ୍ର ରାଷ୍ଟ୍ର, ଯାହା ଆମକୁ ସାମାଜିକ, ରାଜନୈତିକ, ଅର୍ଥନୈତିକ ଦିଗରେ ସାମ୍ୟବିଚାର ପ୍ରଦାନ କରେ। ବାକ୍ ପ୍ରକାଶ, ବିଶ୍ୱାସ, ପ୍ରାର୍ଥନା ଆଦିର ସ୍ୱାଧୀନତା ମଧ୍ୟ ପ୍ରଦାନ କରେ ଏବଂ ସମସ୍ତଙ୍କ ପାଇଁ ସମାନ ସୁବିଧା ସୁଯୋଗ ଉପଲବ୍ଧ କରାଏ। ଭାରତ ତା'ର ସମସ୍ତ ବର୍ଗ ନାଗରିକଙ୍କୁ ନିଜସ୍ୱ ସମ୍ମାନ ରକ୍ଷା କରିବା ସହ ସମସ୍ତଙ୍କ ସହଯୋଗ ଓ ରାଷ୍ଟ୍ରୀୟ ସୁରକ୍ଷାର ଆଶ୍ୱାସନା ପ୍ରଦାନ କରେ।

ସମ୍ବିଧାନ ଏପରି ଏକ ଶୁଦ୍ଧପୂତ ଶାସନ ଖସଡ଼ା, ଯାହା ଗଣତନ୍ତ୍ରର ତିନୋଟି ସ୍ତମ୍ଭ ଯଥା- କାର୍ଯ୍ୟକାରିଣୀ, ବିଚାରବିଭାଗ ଓ ବୈଧାନିକ ବିଭାଗରୁ ସକାରାତ୍ମକ ପଦ୍ଧତିରେ ଦେଶସେବା ନିମନ୍ତେ ସୁଦୃଢ଼ କରିଥାଏ। ଗଣତନ୍ତ୍ର ବିଧିବ୍ୟବସ୍ଥାକୁ ସଶକ୍ତ କରିବାକୁ ହେଲେ ଏହି ତିନିସ୍ତମ୍ଭର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ବେଳେ ଅଘୋଷିତ ଚତୁର୍ଥ ସ୍ତମ୍ଭରୂପେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମ୍ବିଧାନ ଏକ ନୈତିକ ଆଧାରିତ ରାଷ୍ଟ୍ରୀୟ ଗ୍ରନ୍ଥ, ଯାହା ସମଗ୍ର ମାନବ ସମାଜକୁ ଶୃଙ୍ଖଳିତ ଜୀବନଚର୍ଯ୍ୟା ଅନୁପାଳନ କରିବାର ସାମର୍ଥ୍ୟ ରଖେ। ସମ୍ବିଧାନ ସମ୍ମୁଖରେ ଉଚ୍ଚନୀଚ ଭେଦଭାବ ଦୃଶ୍ୟମାନ ହୁଏ ନାହିଁ।

ପରିତାପର ବିଷୟ ଯେ ସାମ୍ପ୍ରତିକ ଆଧୁନିକ ସମାଜ ଯେତେ ଯାନ୍ତ୍ରିକ ବିକାଶୋନ୍ମୁଖୀ ହେଉଛି, ତତ୍‌ମାତ୍ରାରେ ସମ୍ପର୍କ ଓ ସାମାଜିକ ଆବେଗଭିତ୍ତିକ ମାନବୀୟ ମୂଲ୍ୟବୋଧ ସେତେ ପତନୋନ୍ମୁଖୀ ହେଉଛି। ରାଜନୈତିକ ଦଳମାନେ ନିଜନିଜର ଭୋଟ ପ୍ରତିଶତ ବୃଦ୍ଧି କରିବା ଲକ୍ଷ୍ୟରେ ଅନ୍ତର୍ଜାତୀୟ ବ୍ୟାଙ୍କରୁ ଋଣ ଆଣି, ଜନତାଙ୍କଠାରୁ କର ଆଦାୟ କରି କୌଣସି ଜନହିତକର ପ୍ରକଳ୍ପକୁ କାର୍ଯ୍ୟକାରୀ ନକରି ମାଗଣା ଟଙ୍କା, ଭତ୍ତା, ଦ୍ରବ୍ୟ, ଆହାର ବଣ୍ଟନ କରିବାରେ ବ୍ୟସ୍ତ। ଅଟଳବିହାରୀ ବାଜପେୟୀଙ୍କ ଭଳି ସ୍ୱନାମଧନ୍ୟ ପ୍ରଧାନମନ୍ତ୍ରୀ ମଧ୍ୟ ଏହି କୁତ୍ସିତ ରାଜନୈତିକ ଚାଲବାଜିକୁ ନାପସନ୍ଦ କରି କେବଳ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲୋକକଲ୍ୟାଣକାରୀ ଯୋଜନାକୁ ପ୍ରୋତ୍ସାହିତ କରିଥିଲେ। କୌଣସି ରାଷ୍ଟ୍ରକୁ ନିମ୍ନଗାମୀ, ସ୍ଥାଣୁ କରିବାକୁ ହେଲେ ମାଗଣା ଖାଦ୍ୟ ବଣ୍ଟନ ଯଥେଷ୍ଟ ବୋଲି ଅନେକ ଯୁଗ ପ୍ରବର୍ତ୍ତକ, ସାମାଜିକ ଦାର୍ଶନିକ ତାଙ୍କର ବହୁମୂଲ୍ୟ ଉପଦେଶ ଛଳରେ କହିଛନ୍ତି। ଭାରତରେ ବର୍ତ୍ତମାନ ୭୦% ଯୁବକ ଥିବାରୁ ଗ୍ରାମୀଣ ପରିବେଶ କର୍ମବିମୁଖ ହୋଇପଡୁଛି। ଏହା ହିଁ ସାମାଜିକ ଓ ସାମ୍ବିଧାନିକ ବିଶୃଙ୍ଖଳା। ଦୀର୍ଘସୂତ୍ରୀ ଅର୍ଥ ଉପାର୍ଜନକ୍ଷମ ପ୍ରକଳ୍ପ ରାଜନୈତିକ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟି ଅଭାବରୁ ପ୍ରାରମ୍ଭ ହେଉନାହିଁ। ପରିବେଶ ପ୍ରଦୂଷଣ କ୍ଷେତ୍ରରେ ଅତିନଗଣ୍ୟ ପ୍ରଚେଷ୍ଟା ଉତ୍ତରପିଢ଼ିଙ୍କୁ ବିପଦୋନ୍ମୁଖୀ କରୁଛି। ଭୋଟ ରାଜନୀତି କଥା ଅତ୍ୟନ୍ତ ପୀଡ଼ାଦାୟକ। କିଛି ଅର୍ଥର ପ୍ରଲୋଭନ, ଭୁଲ-ଠିକ ନିର୍ଦ୍ଧାରଣ କରିବା ଦକ୍ଷତାକୁ ପ୍ରଭାବିତ କରି ନ୍ୟୂନ ସ୍ୱାର୍ଥାଚ୍ଛନ୍ନ କରି ରଖିଥିବାରୁ ରାଜନେତା ଚୟନରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏହି ଅନିୟମିତତା ଗଣତନ୍ତ୍ରର ସୁଦୃଢ଼ ମାନଦଣ୍ଡକୁ ଦୋଳାୟିତ କରି ଗଣତନ୍ତ୍ରର ସ୍ୱାଭିମାନ ପ୍ରତି କୁଠାରଘାତ କରୁଛି। ଭ୍ରଷ୍ଟ ରାଜନେତାଙ୍କ ଅଭିଳାଷ ଚରିତାର୍ଥ କରିବା ଆଶା, ଆକାଂକ୍ଷା ରାଷ୍ଟ୍ରୀୟ ସ୍ତରରେ ସନ୍ତୁଳିତ ଅଗ୍ରଗାମୀ ବିକାଶ ପଥକୁ ପ୍ରତିରୋଧ କରୁଛି। ଏହା ସାମ୍ବିଧାନିକ ମୂଳ ଲକ୍ଷ୍ୟ ପ୍ରତି ମଧ୍ୟ ବିଶ୍ୱାସଘାତ। ଦଳ ପ୍ରତି ଅଙ୍ଗୀକାରବଦ୍ଧତା ରଖୁନଥିବା ରାଜନୈତିକ ବ୍ୟକ୍ତିତ୍ୱ ରାଷ୍ଟ୍ରପ୍ରତି କେତେ ଅଙ୍ଗୀକାରବଦ୍ଧ ହେବେ ତାହା ବିଚାର୍ଯ୍ୟ। ଦଳବଦଳ ଆଇନର ଅପବ୍ୟବହାର ନିଶ୍ଚିତ ରୂପେ ଗଣତନ୍ତ୍ର ଶୃଙ୍ଖଳା ପ୍ରତି ବିପଜ୍ଜନକ। ଉଭୟ ସଦନ ଗଣତନ୍ତ୍ରର ପୂଜ୍ୟ ଆରାଧନା ସ୍ଥଳୀ ହୋଇଥିବା ବେଳେ ଏହାର ଗର୍ଭଗୃହରେ ରାଜନେତାଙ୍କ ବିଶୃଙ୍ଖଳିତ ଆଚରଣ କେତେ ସ୍ପୃହଣୀୟ ତାହା ଚିନ୍ତନଯୋଗ୍ୟ। ରାଷ୍ଟ୍ରର ମର୍ଯ୍ୟାଦା ଏହି ଗୃହଦ୍ୱୟରୁ ପ୍ରଦର୍ଶିତ ହୋଇ ସାରାବିଶ୍ୱକୁ ପ୍ରସାରିତ ହୁଏ। ଏହାର ଅବକ୍ଷୟମୁଖୀ ଅବସ୍ଥା ଗଣତନ୍ତ୍ର ପ୍ରେମୀ ଭାରତୀୟଙ୍କୁ ଚିନ୍ତିତ କରୁଛି। ଶାସନ ତନ୍ତ୍ର ସମ୍ବିଧାନର ରକ୍ଷକ, ତା'ର ପ୍ରଭୁ ନୁହେଁ, ଏହା ସର୍ବଦା ସ୍ମରଣୀୟ ହେବା କଥା। ସ୍ୱଚ୍ଛ, ଗଣଧର୍ମୀ ଶାସନ ତନ୍ତ୍ର ସମ୍ବିଧାନର ପରିପାଳକ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ।

ବିଚାର ବିଭାଗ ଯଦି ନିଃସ୍ୱାର୍ଥପର ମାନସିକତାରେ ସ୍ୱଚ୍ଛ, କଠୋର ହେବ ଏବଂ ସାମ୍ବିଧାନିକ ବିଚାର ପ୍ରକ୍ରିୟା ପ୍ରତିଷ୍ଠିତ ହେବ, ତେବେ ସମ୍ବିଧାନର ଔଜ୍ଜ୍ୱଲ୍ୟ ବିକିରଣ ହୋଇ ବିଶ୍ୱାସର ବାତାବରଣ ଅନୁଭୂତ ହେବ।

ଶାସନତନ୍ତ୍ରରେ ଅମଲାତନ୍ତ୍ର ସାଧାରଣ ଜନତାଙ୍କ ସେବକ ରୂପେ ଶପଥ ନେଇ କାର୍ଯ୍ୟାରମ୍ଭ କରୁଥିଲେ ସୁଦ୍ଧା ସମୟ ଅତିକ୍ରାନ୍ତେ ଚାରିତ୍ରିକ ଅବକ୍ଷୟ ସହ ଅର୍ଥଲାଳସା ପ୍ରବୃତ୍ତିର ଜାଗ୍ରତ ହେତୁ ଗଣତନ୍ତ୍ରର ସର୍ବନିମ୍ନ ଆଭିମୁଖ୍ୟ ମର୍ଯ୍ୟାଦାର ଅବକ୍ଷୟ ହେଉଛି। ବିଚାର ବିଭାଗର ପ୍ରଲମ୍ବିତ ପ୍ରକ୍ରିୟା ତ୍ୱରିତ ନ୍ୟାୟ ପ୍ରଦାନରେ ଅକ୍ଷମ ହେବାରୁ ଏ ସମସ୍ତ ଅନିୟମିତା ଓ ଅସ୍ୱାଭାବିକତା ପ୍ରସ୍ଫୁଟିତ ଓ ବିବର୍ଦ୍ଧିତ ହେଉଛି। ଏଣୁ ସମ୍ବିଧାନର ନ୍ୟାୟିକ ଓ କାର୍ଯ୍ୟକାରିଣୀ ସ୍ତମ୍ଭ ଏହାର ତୁରନ୍ତ ଉପଚାର କରିବା ବିଧେୟ। ଗଣମାଧ୍ୟମ ସମ୍ବିଧାନର ଚତୁର୍ଥ ସ୍ତମ୍ଭ ରୂପେ ସମାଜର ସର୍ବନିମ୍ନ ମୌଳିକ ଆବଶ୍ୟକତା, ଜନତାଙ୍କ ଦାବି ଓ ଅଧିକାର, ବିକାଶ ଯୋଜନାର ନୂତନ ରୂପରେଖ ଓ ତା'ର ଆଭିମୁଖ୍ୟ, ସଫଳ କାର୍ଯ୍ୟାନ୍ୱୟନର ମୂଲ୍ୟାଙ୍କନ, ସାମାଜିକ ବିଧିବ୍ୟବସ୍ଥାର ସଫଳ ରୂପାୟନ, ଦୁର୍ନୀତି ନିବାରଣ ଏବଂ ଶାନ୍ତି, ମୈତ୍ରୀ, ପ୍ରୀତିପୂର୍ଣ୍ଣ ସହାବସ୍ଥାନର ବାର୍ତ୍ତା ପ୍ରସାରଣ କରି ଅନ୍ୟ ସ୍ତମ୍ଭଙ୍କ ଉପରେ ନୈତିକ ଚାପ ପ୍ରୟୋଗ କରେ। ଗଣମାଧ୍ୟମ ହିଁ ସାଧାରଣ ଜନତାଙ୍କ ପ୍ରକୃଷ୍ଟ ଅସ୍ତ୍ର ଏବଂ ସମାଜବନ୍ଧୁ ଭାବେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ଏହା ଶାସକ ଓ ଶାସିତଙ୍କ ମଧ୍ୟରେ ଶାଶ୍ୱତ ସମ୍ପର୍କ ସୃଷ୍ଟି କରିବାରେ ସିଦ୍ଧହସ୍ତ। କିନ୍ତୁ ଅବସୋସର ବିଷୟ ଗଣମାଧ୍ୟମ ଶାସନତନ୍ତ୍ରର ହାତବାରିସୀ ସାଜୁଥିବା ନେଇ କ୍ଷୋଭ ପ୍ରକାଶ ପାଉଛି। ଗଣମାଧ୍ୟମ ସାମାନ୍ୟ କକ୍ଷଚ୍ୟୁତ ହେଲେ ଗଣତନ୍ତ୍ରର ସଂଘୀୟ ଢାଞ୍ଚା ଭୁଶୁଡ଼ି ପଡ଼ିବ।

ସମ୍ବିଧାନର ସୁରକ୍ଷା ରାଷ୍ଟ୍ରହିତ ନିମନ୍ତେ ଅପରିହାର୍ଯ୍ୟ। ତେଣୁ ସର୍ବକ୍ଷେତ୍ରରେ ଶୃଙ୍ଖଳିତ ଆଚରଣ, ଉଚ୍ଚାରଣ ସହିତ ଦୁର୍ନୀତି ମୂଳୋତ୍ପାଟନ ନିମନ୍ତେ ପ୍ରତିଶ୍ରୁତିବଦ୍ଧତା, ସାମଗ୍ରିକ ବିକାଶ ଓ ବିଶ୍ୱସ୍ତରୀୟ ମୈତ୍ରୀ ସ୍ଥାପନ ମାନସିକତା ପ୍ରତ୍ୟେକ ରାଜନୈତିକ ଦଳର ଧ୍ୟେୟ ହେଲେ ଭାରତ ସାରା ବିଶ୍ୱର ଗୁରୁ ହେବାର ସ୍ୱପ୍ନ ସାକାର ହେବ ଓ ସମଗ୍ର ବିଶ୍ୱ ଏକ ପରିବାର ଭାବନାର ସିଦ୍ଧାନ୍ତ ପ୍ରତିପାଦିତ ହେବ।

ବୌଦ୍ଧ, ମୋ: ୯୪୩୭୦୭୯୦୯୯

## ପ୍ରାଚୀନ ବୌଦ୍ଧପୀଠ ଦନ୍ତପୁର ଓ ପୁଷ୍ପଗିରି

**ପ୍ରବୀର କୁମାର ପଟ୍ଟନାୟକ**

ଅଶୋକଙ୍କ ପରବର୍ତ୍ତୀ କାଳରେ ଦେଶର ବିଭିନ୍ନ ସ୍ଥାନରେ ସ୍ତୂପ, ଚୈତ୍ୟ, ଗୁମ୍ଫା ଆଦି ବୌଦ୍ଧପୀଠମାନ ଗଢ଼ି ଉଠିଥିଲା। କଳିଙ୍ଗରେ ମଧ୍ୟ ଏହି ଧାରାରେ ବୌଦ୍ଧପୀଠମାନ ଦନ୍ତପୁର, ତୋଷାଳୀ, ହିରୁମ୍ଭ, ପୁଷ୍ପଗିରି ପ୍ରଭୃତି ଜନାଦୃତ ସ୍ଥାନମାନଙ୍କରେ ଗଢ଼ି ଉଠିଥିଲା। ଦନ୍ତପୁରଠାରେ ଏକ ଭବ୍ୟ ଓ ରମଣୀୟ ବୌଦ୍ଧମନ୍ଦିରରେ ବୁଦ୍ଧଙ୍କ ଦନ୍ତଧାତୁ ପ୍ରତିଷ୍ଠା ହୋଇ ପୂଜା ପାଉଥିବା ଏବଂ ତା'କୁ କେନ୍ଦ୍ର କରି ଦନ୍ତପୁର ଅଞ୍ଚଳରେ ବୌଦ୍ଧଧର୍ମର ବ୍ୟାପକ ପ୍ରଚାର ପ୍ରସାର ଘଟିଥିବା ବିଷୟ ସିଂହଳୀୟ ଗ୍ରନ୍ଥ 'ଦାଠାବଂଶ'ରେ ବର୍ଣ୍ଣନା କରାଯାଇଛି।

ଏହି ଗ୍ରନ୍ଥ ମୁତାବକ କ୍ଷେମ ଥେର ବୁଦ୍ଧଙ୍କ ପବିତ୍ର ଧନ୍ତଧାତୁ (ବାମପାଖ ଗୁମୁଦାନ୍ତ) କଳିଙ୍ଗର ରାଜା ବ୍ରହ୍ମଦତ୍ତଙ୍କୁ ପ୍ରଦାନ କରିଥିଲେ। ରାଜା ରାଜଧାନୀ ଦନ୍ତପୁରଠାରେ ଏକ ଅତ୍ୟନ୍ତ ଚିତ୍ତାକର୍ଷକ ଚୈତ୍ୟ / ସ୍ତୂପ ନିର୍ମାଣ କରି ତହିଁରେ ଏହି ଦନ୍ତଧାତୁଙ୍କୁ ସ୍ଥାପନ କରିଥିଲେ। କ୍ରମେ ଏହି ସ୍ଥଳ ସମଗ୍ର କଳିଙ୍ଗବାସୀଙ୍କର ଧାର୍ମିକ ଓ ସାଂସ୍କୃତିକ ପୀଠ ତଥା ପ୍ରାଣକେନ୍ଦ୍ର ରୂପେ ପରିଣତ ହେଲା। ସମୟକ୍ରମେ ଏହି ଦନ୍ତଧାତୁଙ୍କ ଠାରେ ବିସ୍ମୟକର ଫଳ ପ୍ରଦାନକାରୀ ଶକ୍ତି ଓ ଚମତ୍କାରୀ କ୍ଷମତା ଉପଲବ୍ଧ ହେଉଥିବା ବିଶ୍ୱାସ କରାଯାଉଥିଲା। ଏହି ବିଶ୍ୱାସର ବାର୍ତ୍ତା ଚାରିଆଡ଼େ ଖେଳି ଯାଇଥିଲା। ପାଟଳୀପୁତ୍ରର ରାଜା ପାଣ୍ଡୁଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚିଗଲା ଏବଂ ସେ ତତ୍କାଳୀନ କଳିଙ୍ଗ ରାଜା ଗୁହଶିବଙ୍କୁ ଦନ୍ତଧାତୁ ସହ ନିଜ ପାଖକୁ ଡକାଇ ବିଭିନ୍ନ ଭାବେ ହଇରାଣ ହରକତ କରିବା ସହ ଦନ୍ତଧାତୁଙ୍କର ଚମତ୍କାରୀ ଶକ୍ତିର ପରୀକ୍ଷା ନିରୀକ୍ଷା ଆରମ୍ଭ କରିଦେଲେ। କ୍ରମେ ପାଣ୍ଡୁ ମଧ୍ୟ ଏହି ଦନ୍ତଧାତୁଙ୍କ ଚମତ୍କାରୀ ଶକ୍ତିରେ ପ୍ରଭାବିତ ହୋଇ ବୌଦ୍ଧଧର୍ମକୁ ଆପଣେଇ ନେଲେ। ଏହି ସମୟରେ ଉତ୍ତର-ଭାରତର ଜନୈକ ରାଜା କ୍ଷୀରାଧାରୋ ଦନ୍ତଧାତୁଙ୍କୁ ହାସଲ କରିବା ଉଦ୍ଦେଶ୍ୟରେ ପାଟଳୀପୁତ୍ର ଆକ୍ରମଣ କଲେ; ମାତ୍ର ପରାସ୍ତ ଓ ନିହତ ହେଲେ। ଗୁହଶିବ ଆନନ୍ଦରେ ଦନ୍ତଧାତୁଙ୍କୁ ସାଙ୍ଗରେ ଧରି କଳିଙ୍ଗ ଫେରି ଆସିଲେ। ମାତ୍ର କିଛି କାଳ ପରେ କ୍ଷୀରାଧାରୋଙ୍କ ପୁତ୍ରରା ଅନ୍ୟ ବନ୍ଧୁ ରାଜାମାନଙ୍କ ସାହାଯ୍ୟରେ ଗୁହଶିବଙ୍କ ଉପରେ ଆକ୍ରମଣ ପାଇଁ ଅଭିଯାନ ଆରମ୍ଭ କଲେ। ରାଜା ଗୁହଶିବ ଅତ୍ୟନ୍ତ ଉଦାର ମନୋଭାବସମ୍ପନ୍ନ ତଥା ଯୁଦ୍ଧ ଓ ହିଂସା ବିମୁଖ ଦୟାଳୁ ପ୍ରକୃତିର ଥିବାରୁ ଏହି ମିଳିତ ଅଭିଯାନକୁ ପ୍ରତିହତ କରିବା ଅସମ୍ଭବ ଜାଣି ନିଜ ଝିଅ ହେମମାଳା ଓ ଜ୍ୱାଇଁ ଦନ୍ତକୁମାରଙ୍କୁ ଦନ୍ତଧାତୁଙ୍କୁ ନେଇ ସମୁଦ୍ର ପଥରେ ସିଂହଳ ଯାଇ ସେଠାରେ ରାଜା ମହାସେନଙ୍କୁ ଅର୍ପଣ କରିବା ପାଇଁ ପଠାଇଲେ। ଏହା ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ପ୍ରାରମ୍ଭିକ କାଳର ଘଟଣା। ବହୁ ବାଧାବନ୍ଧନ ସତ୍ତ୍ୱେ ଶେଷରେ ଦନ୍ତଧାତୁ ସିଂହଳରେ ପହଞ୍ଚିଲେ ଏବଂ ଏହାଙ୍କୁ ତତ୍କାଳୀନ ରାଜା ମୋଘବର୍ଣ୍ଣିଙ୍କୁ ପ୍ରଦାନ କରାଗଲା। ସିଂହଳରେ ଦନ୍ତଧାତୁ ପ୍ରଥମେ ରାଜଧାନୀ ଅନୁରାଧାପୁରଠାରେ ସ୍ଥାପନ କରାଯିବା ପରେ ଶେଷରେ କାଣ୍ଡିଠାରେ ସ୍ଥାପନ କରାଯାଇଛି। କାଣ୍ଡି ଏଥିପାଇଁ ଏବେ ଏକ ପୃଥିବୀ ପ୍ରସିଦ୍ଧ ବୌଦ୍ଧସ୍ଥଳ।

ଏହିଭଳି ଭାବେ ବିଭିନ୍ନ ସିଂହଳୀୟ ପାଲିଗ୍ରନ୍ଥରେ ଦନ୍ତପୁରକୁ କଳିଙ୍ଗର ରାଜଧାନୀ ତଥା ପ୍ରଧାନ ନଗର ଭାବେ ବର୍ଣ୍ଣନା କରାଯାଇଛି। ଯାଜପୁର ଅଞ୍ଚଳରେ ପ୍ରାଚୀନ ଦନ୍ତପୁର ତଥା ପରବର୍ତ୍ତୀ କାଳର ଗୁହଦେବପାଟକ / ଗୁହଶିବପାଟକର ଅବସ୍ଥିତି ନିଶ୍ଚିତ ହୋଇଥିଲେ ମଧ୍ୟ ଏହାର ସଠିକ୍ ଅବସ୍ଥିତି ଏ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇ ପାରିନାହିଁ। ନିଶ୍ଚିତଭାବେ ପ୍ରାଚୀନ ବିରଜା କ୍ଷେତ୍ରର ପାଖାପାଖି ଅଞ୍ଚଳରେ ଏହାର ଅବସ୍ଥିତି।

ଦନ୍ତଧାତୁ ଦନ୍ତପୁରରୁ ସିଂହଳ ଚାଲିଯିବା ପରେ ଦନ୍ତପୁର କ୍ରମେ ଶ୍ରୀହୀନ ହୋଇଗଲା। ଏହାର ଅବନତି ପରେ ପୁଷ୍ପଗିରି କ୍ରମେ ଏକ ପ୍ରମୁଖ ବୌଦ୍ଧକେନ୍ଦ୍ର ରୂପେ ଖ୍ୟାତିଲାଭ କଲା। ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ସୁଦ୍ଧା ପୁଷ୍ପଗିରି ଏକ ଚମତ୍କାରୀ ତଥା ବିସ୍ମୟକାରୀ ବୌଦ୍ଧକ୍ଷେତ୍ର ଭାବେ ସମଗ୍ର ବୌଦ୍ଧଜଗତରେ ପ୍ରସିଦ୍ଧି ଲାଭ କରିଥିଲା। ଚୀନ୍‌ର ବୌଦ୍ଧ ପରିବ୍ରାଜକ ହୁଏନ୍‌ସାଂ ତାଙ୍କର ଓଡ଼ିଶା ଭ୍ରମଣ କାଳରେ ଏହି ପୀଠର ସ୍ତୂପ ତଥା ଚୈତ୍ୟର ଚମତ୍କାରିତା ଶକ୍ତି ଦ୍ୱାରା ଅତ୍ୟନ୍ତ ମୋହମୁଗ୍ଧ ହୋଇ ଏହି ବୌଦ୍ଧପୀଠ କୌଣସି ମାନବ ନୁହେଁ, ମାନବେତର ଶକ୍ତି ଦ୍ୱାରା ନିର୍ମିତ ହୋଇଥିଲା ବୋଲି ତାଙ୍କ ବିବରଣୀରେ ଉଲ୍ଲେଖ କରିଛନ୍ତି। ହୁଏନସାଂଙ୍କ ମତରେ 'ଏହି ଅଞ୍ଚଳର ପଶ୍ଚିମ ଦିଗରେ ଏକ ବୃହତ ପାହାଡ଼ ଉପରେ ପୁଷ୍ପଗିରି ନାମକ ଏକ ବୌଦ୍ଧମନ୍ଦିର ରହିଛି। ଏହି ବିହାରର ଏକ ପ୍ରସ୍ତର ନିର୍ମିତ ସ୍ତୂପ ଅନେକ ପାରମାର୍ଥିକ ବିସ୍ମୟକର କ୍ରିୟାମାନ ପ୍ରଦର୍ଶନ କରିଥାଏ। ବ୍ରତ-ଉପବାସ ତିଥିମାନଙ୍କରେ ଏହି ସ୍ତୂପରେ ଉଜ୍ଜ୍ୱଳ ଜ୍ୟୋତି ପ୍ରକାଶିତ ହୋଇଥାଏ। ନିକଟରୁ ଓ ଦୂରବର୍ତ୍ତୀ ଅଞ୍ଚଳରୁ ଏହି ବିସ୍ମୟକର ଘଟଣା ଘଟୁଥିବା ହେତୁ ଏଠାକୁ ବହୁ ଦର୍ଶନାର୍ଥୀ ଛୁଟି ଆସନ୍ତି ଏବଂ ମୁଖ୍ୟତଃ ପୁଷ୍ପ ଓ ପୁଷ୍ପହାର ଆଦି ଅର୍ପଣ କରିଥା'ନ୍ତି। ଏହି ସ୍ତୂପର ଉତ୍ତର-ପଶ୍ଚିମକୁ ପାହାଡ଼ ଉପରେ ଆଉ ଏକ ସ୍ତୂପ ରହିଛି ଏବଂ ଏଠାରେ ମଧ୍ୟ ପୂର୍ବସ୍ତୂପ ଭଳି ବିସ୍ମୟକର ଘଟଣାମାନ ଘଟିଥାଏ। ଏହି ଉଭୟ ସ୍ତୂପ ମାନବେତର ଶକ୍ତି ଦ୍ୱାରା ନିର୍ମିତ ହୋଇଥିବାରୁ ଏହିଭଳି ଚମତ୍କାରୀ ଘଟଣାମାନ ଘଟିଥାଏ'।

ହୁଏନସାଂ ତାଙ୍କ ବିବରଣୀରେ କେବଳ ପୁଷ୍ପଗିରିର ସ୍ତୂପର ଅଦ୍ଭୁତ ଘଟଣା ସମ୍ପର୍କରେ ସୂଚାଇଛନ୍ତି। ପୁଷ୍ପଗିରି ସମ୍ପର୍କୀୟ ତାଙ୍କ ବିବରଣୀ ସିଂହଳୀୟ ଗ୍ରନ୍ଥ ଦାଠାବଂଶରେ ବର୍ଣ୍ଣିତ ଦନ୍ତପୁରର ବିସ୍ମୟକାରୀ ଘଟଣାକ୍ରମ ସହ ମିଳିଯାଉଛି। ଉଭୟ ଦନ୍ତପୁର ଓ ପୁଷ୍ପଗିରି ନିଶ୍ଚିତ ଭାବେ ବୌଦ୍ଧଧର୍ମର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସ୍ଥଳ ଓ ସପ୍ତମ ଶତାବ୍ଦୀ ବେଳକୁ ପୁଷ୍ପଗିରି ନିଶ୍ଚିତ ଭାବେ ଏକ ପ୍ରସିଦ୍ଧ ଓ ପ୍ରମୁଖ ବୌଦ୍ଧସ୍ଥଳ ହୋଇଥିବ।

ପୁଷ୍ପଗିରି ବୌଦ୍ଧପୀଠର ସଠିକ ଅବସ୍ଥିତିର ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ଓ ଖନନ ପରେ ଯାଜପୁର ଅଞ୍ଚଳର ଧର୍ମଶାଳା ଥାନା ଅନ୍ତର୍ଗତ କେଲୁଆ ନଦୀ କୂଳରେ ଅବସ୍ଥିତ ଲାଙ୍ଗୁଡ଼ି ପାହାଡ଼କୁ ହୁଏନସାଂଙ୍କ ବର୍ଣ୍ଣିତ ପୁଷ୍ପଗିରି ଭାବରେ ଚିହ୍ନଟ କରାଯାଇଛି। ଏହି ଚିହ୍ନଟ ପ୍ରକ୍ରିୟା ମୁଖ୍ୟତଃ ତିନିଗୋଟି ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ। ହୁଏନସାଂଙ୍କ ବର୍ଣ୍ଣନା ଅନୁଯାୟୀ ଏହି ସ୍ଥାନର ଅବସ୍ଥିତି, ପ୍ରତ୍ନତାତ୍ତ୍ୱିକ ନିର୍ଣ୍ଣୟ ଓ ଶିଳାଲେଖର ଉଦ୍ଧାର ତଥା ସଠିକ ପଠନ ଓ ତଥ୍ୟ ନିର୍ଣ୍ଣୟ ହୋଇଛି।

ଲାଙ୍ଗୁଡ଼ିର ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନରୁ ପ୍ରାପ୍ତ ପୁରାକାଳୀନ ପଦାର୍ଥଗୁଡ଼ିକରୁ ଜଣାଯାଏ ଯେ ବୌଦ୍ଧସ୍ଥଳ ପାହାଡ଼ର ଉପରି ଅଂଶରେ ଉତ୍ତର, ଉତ୍ତର-ପୂର୍ବ ଓ ଉତ୍ତର-ପଶ୍ଚିମ ଭାଗରେ ଅବସ୍ଥିତ। ଖନନ ଫଳରେ ପ୍ରାପ୍ତ ବୌଦ୍ଧବସ୍ତୁ ଓ ବୌଦ୍ଧ ମୂର୍ତ୍ତିମାନ ଉଦ୍ଧାର କରାଯାଇଛି। ବୌଦ୍ଧବିହାରର କାନ୍ଥ ଓ ପ୍ରାଚୀର; ଭିକ୍ଷୁଙ୍କ କୋଠରି; ଟେରାକୋଟା ବସ୍ତୁ, ମହାଯାନ ଓ ବଜ୍ରଯାନର ପଞ୍ଚଧ୍ୟାନୀବୁଦ୍ଧ ସମେତ ବିଭିନ୍ନ ଦେବପ୍ରତିମା ସବୁ ବୌଦ୍ଧ ସ୍ତୂପ ଏବଂ ସ୍ତୂପ ଚାରିପାଖରେ ପରିଭ୍ରମଣ ପଥ ଆଦି ମଧ୍ୟ ଆବିଷ୍କାର କରାଯାଇଛି।

ଲାଙ୍ଗୁଡ଼ି ପାହାଡ଼ରୁ ଉଦ୍ଧାର କରାଯାଇଥିବା ମୁଖ୍ୟ ପ୍ରତ୍ନତାତ୍ତ୍ୱିକ ପଦାର୍ଥ ହେଲା ତିନିଗୋଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଶିଳାଲେଖ। ପ୍ରଥମଟି 'ପୁଷ୍ପସ-ଭାର-ଗିରୟ-ହଳଧର-କାସ-ପ୍ରଚା-ବଳସ' (୨ୟ ଶତାବ୍ଦୀ), ଦ୍ୱିତୀୟଟି 'ପୁଷ୍ପ-ସଭାର-ଗିରୟ' (୨ୟ ଶତାବ୍ଦୀ), ତୃତୀୟଟି 'ୟେ ଧମ୍ମହେତୁପ୍ରବମହେତୁମ୍‌ତେସୁମ୍ ହେ ତଥାଗତ ଅବଦାତତ... (୬ଷ୍ଠ-୭ମ ଶତାବ୍ଦୀ)। ଏହି ଶିଳାଲେଖରୁ ହିଁ ଏହି ସ୍ଥଳଟି ପୁଷ୍ପଗିରି ବିହାର ଭାବେ ଚିହ୍ନଟ କରାଯାଇ ପାରିଛି। ପ୍ରଥମ ଓ ଦ୍ୱିତୀୟ ଶିଳାଲେଖର ଅର୍ଥ ହେଲା- 'ଫୁଲଭରା ମହାନ୍ ପାହାଡ଼' ଓ 'ପୁଷ୍ପଗିରି କାନନର ହଳଧାରୀ'। ଏହାର ଅର୍ଥ ହେଉଛି ପୁଷ୍ପଗିରି ବିହାରରେ ବିହାରର ଚାଷକାର୍ଯ୍ୟ କରୁଥିବା ବ୍ୟକ୍ତି।

ଏହି ସବୁ ତଥ୍ୟରୁ ଏହା ସ୍ପଷ୍ଟ ରୂପେ ଜଣାପଡ଼େ ଯେ ଲାଙ୍ଗୁଡ଼ି ପାହାଡ଼ ଏକ ପ୍ରସିଦ୍ଧ ବୌଦ୍ଧପୀଠ ଥିଲା ଏବଂ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଏହା ହିଁ ହୁଏନସାଂଙ୍କ ବର୍ଣ୍ଣିତ 'ପୁଷ୍ପଗିରି ବିହାର'। ଏହା ମଧ୍ୟ ହେଉଛି ପୃଥିବୀ ପ୍ରସିଦ୍ଧ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### କାଇଁଚ

**ସୌଭାଗ୍ୟସୁନ୍ଦର**

କାଇଁଚ ଏକ ପରିଚିତ ଉଦ୍ଭିଦ। ସମୁଦ୍ର ପତନଠାରୁ ପ୍ରାୟ ୧୨୭୦ ମିଟର ଉଚ୍ଚତା ବିଶିଷ୍ଟ ଯେକୌଣସି ଶୁଷ୍କ ସ୍ଥାନରେ ବଢ଼ିପାରେ। ଇଣ୍ଡୋନେସିଆର ଏହି ଦେଶୀୟ ଉଦ୍ଭିଦ ଏବେ ଭାରତ, ଶ୍ରୀଲଙ୍କା, ଫିଲିପାଇନ୍‌ସ, ଦକ୍ଷିଣ ଚୀନ୍, କ୍ରାନ୍ତୀୟ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ଭଳି ଉଷ୍ମ ମଣ୍ଡଳୀୟ ଓ ଉପକ୍ରାନ୍ତୀୟ ଅଞ୍ଚଳରେ ଦେଖିବାକୁ ମିଳିଥାଏ। କାଇଁଚର ବୈଜ୍ଞାନିକ ନାମ ହେଲା ଆର୍ବସ୍ ପ୍ରିକାଟୋରିୟସ୍ ଏବଂ ଏହା ଶିମ୍ବ ପରିବାରରେ ଅନ୍ତର୍ଭୁକ୍ତ। ସଂସ୍କୃତ ଭାଷାରେ ଏହାକୁ ଗୁଞ୍ଜା ଏବଂ ଇଂରାଜୀ ଭାଷାରେ କ୍ରାବସ ଆଇ, ବୁଦ୍ଧିଷ୍ଟ ରୋଜାରୀ ବିଡ୍, ରୋଜାରୀ ପି ଓ ୱେଦର ପ୍ଲାଣ୍ଟ କୁହାଯାଏ। ପରମ୍ପରାଗତ ଭାବରେ କାଇଁଚ ମଞ୍ଜିକୁ ଓଜନର ମାପକ ହିସାବରେ ବ୍ୟବହାର କରାଯାଉଥିଲା। ଏକ ମଞ୍ଜିର ସାଧାରଣ ମାନକୀକରଣ ହେଲା ୧.୭୫ ଗ୍ରାମ ଏକକ ବିଶିଷ୍ଟ। ମଞ୍ଜିକୁ ଅଳଙ୍କାରରେ ଗୁନ୍ଥି କଣ୍ଠହାର ରୂପେ ମଧ୍ୟ ବ୍ୟବହାର କରାଯାଏ। ଚୀନ୍ ଦେଶରେ କାଇଁଚ ମଞ୍ଜିକୁ ପ୍ରେମର ସଂକେତ ବା ପ୍ରତୀକ ଭାବେ ଗ୍ରହଣ କରାଯାଇଛି।

କାଇଁଚ ଏକ ଦୁର୍ବଳ ସରୁ ଦୀର୍ଘସ୍ଥାୟୀ ଆରୋହୀ ଉଦ୍ଭିଦ ହୋଇଥିବା ହେତୁ ଏହା ନିକଟରେ ରହିଥିବା ବୃକ୍ଷ, ଗୁଳ୍ମ ଓ ବାଡ଼ ଉପରେ ଗୁଡ଼ାଇହୋଇ ବଢ଼େ। ଏହାର କାଣ୍ଡ ମସୃଣ, ସ୍ତମ୍ଭାକାର, କୁଞ୍ଚିତ ବା ଲୋଚାକୋଚା। ପତ୍ରର ବର୍ଗ ଯୌଗିକ, ଡେମ୍ଫର ମୂଳଭାଗ ମୋଟା ଏବଂ ଏଥିରେ ଉଭୟ ପାର୍ଶ୍ୱରେ ପ୍ରାୟ ୨୦ ରୁ ୨୪ଟି ଲିଫ୍‌ଲେଟ୍ ବା ପତ୍ରାଙ୍ଗ ରୈଖିକ ଭାବରେ ସଜାଇ ହୋଇ ରହିଥାଏ। ଫୁଲ ଆକାରରେ କ୍ଷୁଦ୍ର ଏବଂ ପେଣ୍ଠା ପେଣ୍ଠା ରୂପେ ସଜିତ ହୋଇଥାଏ। ଫୁଲର ଡେମ୍ଫ ଛୋଟ ଏବଂ ରଙ୍ଗ ଧଳା, ଗୋଲାପୀ କିମ୍ବା ମାଇଗଣୀ। ଫଳ ଛୋଟ ଆକୃତିର ମଟର ବା ବିନ୍ ଭଳି। ଫଳ ଭିତରେ ଲମ୍ବାଧାଡ଼ିରେ ମଞ୍ଜିଗୁଡ଼ିକ ସଜେଇ ହୋଇ ରହିଥାଏ। ପ୍ରତି ଫଳରେ ପ୍ରାୟ ୩ ରୁ ୫ଟି ଦୀର୍ଘ ବୃତ୍ତାକାର ବା ଅଣ୍ଡାକାର ମଞ୍ଜିଥାଏ। ମଞ୍ଜିର ଆବରଣ ଚକ୍‌ଚକିଆ ଏବଂ ରଙ୍ଗ ଉଜ୍ଜ୍ୱଳ ଇଷତ୍ କମଳା ମିଶା ଗାଢ଼ ଲାଲ। ଏହାର ଚୂଡ଼ା ଭାଗରେ ଏକ କଳାପଟି ଥାଏ। ଗଛରେ ଅଗଷ୍ଟରୁ ସେପ୍ଟେମ୍ବର ମାସ ଭିତରେ ଫୁଲ ଧରେ ଏବଂ ନଭେମ୍ବରରୁ ମାର୍ଚ୍ଚ ମାସ ଭିତରେ ଫଳ ହୁଏ।

କାଇଁଚ ଗଛର ସମସ୍ତ ଅଂଶ, ବିଶେଷକରି ମଞ୍ଜିର ଔଷଧୀୟ ଗୁଣ ଅଛି। ମଞ୍ଜିକୁ ଚୂର୍ଣ୍ଣ କରି ଦୁଧରେ ସିଝାଇ କିମ୍ବା ପାଣିରେ ଦରସିଝା କରି ଏକ ବଳବର୍ଦ୍ଧକ ଟନିକ୍ ବା ପାଚନ ରୂପେ ସେବନ କରାଯାଏ। ଝାଡ଼ା ଓ ବାନ୍ତି କରାଇବା, ଅତିରିକ୍ତ ତରଳ ଝାଡ଼ା ଓ ନାଳ ଝାଡ଼ା ବନ୍ଦ କରିବା, କୃମି ନାଶ, ସ୍ନାୟବିକ ବ୍ୟାଧି, କାନ୍ଧହାଡ଼ ସନ୍ଧିରେ ବ୍ୟଥା, ପକ୍ଷାଘାତ, ମଧୁମେହ, ଦୀର୍ଘକାଳ ଧରି ଘଟୁଥିବା ବୃକକ ବା କିଡନୀର ଫୁଲା, ମୂତ୍ରଗ୍ରନ୍ଥି ପ୍ରଦାହ, ମୂତ୍ରରେ ଶ୍ଳେଷ୍ମା, ପରିସ୍ରାନଳୀରେ ଗୋଡ଼ି, ଜ୍ୱର, ଚର୍ମରୋଗ, ଲିଉକୋଡେର୍ମା, ରାମ୍ପୁଡ଼ା କ୍ଷତ, ମାଂସପେଶୀ ପୋଡ଼ା, କମ୍ପନ, ଅଣ୍ଟା ମେରୁଦଣ୍ଡ ଯନ୍ତ୍ରଣା, ଘା' ଶୀଘ୍ର ପାଚିବା, କେଶଝଡ଼ା, ମୁଣ୍ଡବିନ୍ଧା, ବ୍ରଣ, ବଥ, ଫୋଟକା ଆଦିର ଉପଶମ ପାଇଁ କାଇଁଚର ବିଭିନ୍ନ ଅଂଶ ଅବ୍ୟର୍ଥ ଔଷଧ ରୂପେ ବ୍ୟବହାର କରାଯାଏ। ଏଥିରୁ ମଧ୍ୟ ଟ୍ରାକୋମା, ପାନ୍ନାସ, ଗ୍ରାନୁଲାର ଆଖିପତା, ଆଖିଡୋଳା ସ୍ୱଚ୍ଛପଟଳର ଅସ୍ୱଚ୍ଛତା, ଆଖିପତା କଣିକା ସମ୍ବନ୍ଧୀୟ ରୋଗ ଭଳି ବହୁ ଚକ୍ଷୁ ରୋଗର ଚିକିତ୍ସା, ଶକ୍ତିହୀନତା ଦୂର, କାମୋଦ୍ଦୀପକ, ଜରାୟୁ ଗର୍ଭାଶୟ ରୋଗ, ଉଭୟ ଗର୍ଭଧାରଣ ଓ ଜନ୍ମନିୟନ୍ତ୍ରଣ ପାଇଁ ଔଷଧ ପ୍ରସ୍ତୁତ ହୁଏ। ଏହାଛଡ଼ା କୁକୁର, ବିରାଡ଼ି, ମୂଷା କାମୁଡ଼ା କ୍ଷତ ଏବଂ ଧନୁଷ୍ଟଙ୍କାର ରୋଗ ଚିକିତ୍ସା ପାଇଁ ମଧ୍ୟ ଏହି ଗଛ ଉପକାରୀ ଅଟେ। ତେବେ ଆୟୁର୍ବେଦ ଓ ଚେରମୂଳି ଔଷଧ ସମ୍ପର୍କରେ ଗଭୀର ଜ୍ଞାନ ଥିବା ଅଭିଜ୍ଞ ବିଶେଷଜ୍ଞଙ୍କ ପରାମର୍ଶ ଓ ନିର୍ଦ୍ଦେଶ ମତେ ହିଁ ଶୃଙ୍ଖଳିତ ଭାବେ ଏହି ଔଷଧ ସେବନ କରିବା ଉଚିତ। କାରଣ ନିର୍ଦ୍ଦିଷ୍ଟ ଅନୁପାତ ବା ଅନୁପାନଠାରୁ ସାମାନ୍ୟ ମଧ୍ୟ ଅଧିକ ହେଲେ ଏହା ଔଷଧ ବଦଳରେ ବିଷତୁଲ୍ୟ କାମ କରେ ଏବଂ ପ୍ରାଣୀର ଜୀବନହାନି ଘଟିଥାଏ। ତେଣୁ ବ୍ୟବହାର ବେଳେ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବା ବିଧେୟ। (କ୍ରମଶଃ...)

ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏବେ ବି ଧାନ ବିକ୍ରି ଅପେକ୍ଷାରେ ୨୯ ହଜାରରୁ ଅଧିକ ଚାଷୀ

# ବିକିଛନ୍ତି ୫୧ ହଜାର ୨୦୦ ଚାଷୀ, ଟଙ୍କା ପାଇଛନ୍ତି ୩୮ ହଜାର ୨୬୨

ଭଦ୍ରକ, ୨୩।୨(ସମିସ)

ଭଦ୍ରକ ଜିଲ୍ଲାରେ ଧାନବିକ୍ରି କରିବା ଲାଗି ନାମପଞ୍ଜୀକରଣ କରିଥିବା ଚାଷୀଙ୍କ ମଧ୍ୟରୁ ୨୯ ହଜାରରୁ ଅଧିକ ଚାଷୀ ଏବେ ବି ଧାନ ବିକ୍ରି କରିପାରି ନାହାନ୍ତି। ଖରିଫ ଧାନକିଣା ଅବଧି ମାର୍ଚ୍ଚ ଶେଷ ମଧ୍ୟରେ ଏତକ ଚାଷୀ ଧାନ ବିକ୍ରି କରିପାରିବେ ନା ନାହିଁ ସେନେଇ ଆଶଙ୍କା ପ୍ରକାଶ ପାଇଛି।

ପ୍ରକାଶ ଥାଉକି, ଭଦ୍ରକ ଜିଲ୍ଲାରେ ଆରମ୍ଭରୁ ଧାନକିଣା କାର୍ଯ୍ୟ ଧିମେଇ ଚାଲିଥିଲା। କଟନୀ-ଛଟନୀ, ମିଲରଙ୍କ ମନମାନିକୁ ନେଇ ଖୁବ ବିବାଦ ସୃଷ୍ଟି ହୋଇଥିଲା। ଜିଲ୍ଲା ଗସ୍ତରେ ଆସିଥିବା ଯୋଗାଣ ମନ୍ତ୍ରୀ କଟନୀ-ଛଟନୀ ହେବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ମାତ୍ର ମଣ୍ଡିରେ କଟନୀ ଛଟନୀ ଚାଲିଲା। ନିଜେ ଜିଲ୍ଲାପାଳ ଚାଷୀ ବେଶରେ ଯାଇ କଟନୀ ଛଟନୀକୁ ପଦାକୁ ଆଣିଥିଲେ। ଏପଟେ କେତେକ ମିଲର ମଣ୍ଡିକୁ ଧାନ ଉଠାଇବାକୁ ମନମାନି କଲେ। ପ୍ରଶାସନ ପକ୍ଷରୁ ୩ଜଣ ମିଲରଙ୍କୁ ଧାନକିଣାରୁ ଅନ୍ତର କରି ବାହାର ରାଜ୍ୟର ୨୩ ମିଲରଙ୍କୁ ଭଦ୍ରକରୁ ଧାନ ଉଠାଇବାକୁ ଅନୁମତି ଦେବା ପରେ ଅବସ୍ଥା ସୁଧୁରିଥିଲା। ଏବେ ଜିଲ୍ଲାରେ ବାହାର ରାଜ୍ୟର ମିଲରଙ୍କୁ ମିଶାଇ ମୋଟ ୪୧ ମିଲର ମଣ୍ଡିରୁ ଧାନ ଉଠାଉଛନ୍ତି।

ସୂଚନାନୁଯାୟୀ, ଜିଲ୍ଲାରେ ୧୦୫ ସେବା ସମବାୟ ସମିତି ଓ ୪୫ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଶାଇ ମୋଟ ୧୫୦ମଣ୍ଡିରେ ଧାନକିଣାରେ ନିୟୋଜିତ ହୋଇଛନ୍ତି। ଜିଲ୍ଲାରେ ପଞ୍ଜିକୃତ ୮୦ହଜାର ୫୩୩ ଜଣ ଚାଷୀଙ୍କ ମଧ୍ୟରୁ ଫେବୃଆରୀ ୨୩ ତାରିଖ ସୁଦ୍ଧା ୫୧, ୨୦୦ଜଣ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରି କରିଛନ୍ତି। ଏତକ ଚାଷୀଙ୍କ ।ରୁ ପ୍ରଶାସନ ଅଦ୍ୟାବଧି ୨୧ ଲକ୍ଷ ୭୭ଜାର ୯୦୦କ୍ୱିଣ୍ଟାଲ ଧାନ କ୍ରୟ କରିଛି। ମିଲରମାନେ ମଣ୍ଡିରୁ କ୍ରୟଧାନରୁ ୨୦ ଲକ୍ଷ ୫୦ ହଜାର ୯୬୨କ୍ୱିଣ୍ଟାଲ ଧାନ ଉଠାଇ ସାରିଥିବା ବେଳେ ପାଖାପାଖି ୧ଲକ୍ଷ ୨୬ହଜାର ୯୩୮ କ୍ୱିଣ୍ଟାଲ ଧାନ ଏବେ ସୁଦ୍ଧା ମଣ୍ଡିରେ ପଡ଼ି ରହିଛି। ତେବେ ଧାନ ବିକିଥିବା ଚାଷୀଙ୍କ ମଧ୍ୟରୁ ୩୮ ହଜାର ୨୬୨ଜଣ ଚାଷୀଙ୍କୁ ସେମାନଙ୍କ ବିକ୍ରି ମୂଲ୍ୟ(ଏମଏସ୍‌ପି) ପଇଠ କରାଯାଇଥିବା ବେଳେ ୧୨ ହଜାରରୁ ଅଧିକ ଚାଷୀଙ୍କୁ ବିକ୍ରି ମୂଲ୍ୟ ମିଳିନାହିଁ।

ଜିଲ୍ଲାରୁ ଏଥରକ ସରକାରୀ ଭାବେ ୩୪ ଲକ୍ଷ ୧୧ହଜାର ୪୪୧ କ୍ୱିଣ୍ଟାଲ ଧାନ କ୍ରୟ ଲାଗି ଲକ୍ଷ୍ୟ ରଖାଯାଇଛି। ସରକାରୀ ଭାବେ ଧାର୍ଯ୍ୟ ଏହି ଲକ୍ଷ୍ୟକୁ ପ୍ରଶାସନ ପକ୍ଷରୁ ବିଭିନ୍ନ ମଣ୍ଡିକୁ ଟାର୍ଗେଟ ବଣ୍ଟନ କରାଯାଇଥାଏ। ବିଭାଗୀୟ ତଥ୍ୟ ଅନୁସାରେ, ଧାର୍ଯ୍ୟ ଲକ୍ଷ୍ୟରୁ ୨୮ଲକ୍ଷ ୯୫ହଜାର ୯୮୭କ୍ୱିଣ୍ଟାଲ ଧାନ କିଣାପାଇଁ ବିଭିନ୍ନ ମଣ୍ଡିକୁ ଟାର୍ଗେଟ ବଣ୍ଟନ ସରିଛି। ପ୍ରଶାସନ ହାତରେ ଆଉ ମାତ୍ର ଅବଶିଷ୍ଟ ଧାନ ଟାର୍ଗେଟକୁ ୨୯ ହଜାରରୁ ଅଧିକ ଚାଷୀ ଧାନ ବିକିବା ଲାଗି ଅପେକ୍ଷାରେ ଅଛନ୍ତି। ତେବେ ଆଗକୁ ସେହିସବୁ ଚାଷୀଙ୍କଠାରୁ ଧାନ କିଣିବାକୁ ହେଲେ ଭଦ୍ରକ ଜିଲ୍ଲା ଲାଗି ଆହୁରି ଅଧିକ ଧାନକିଣା ଟାର୍ଗେଟର ଆବଶ୍ୟକତା ରହିଥିବା ଜଣାଯାଇଛି।

**ପିଛା ଛାଡୁନି ବର୍ଷାଝଡ଼ି**

## ମଣ୍ଡିରେ ପଡ଼ି ରହିଛି କୁଇଣ୍ଟାଲ କୁଇଣ୍ଟାଲ ଧାନ



ବାରିକପୁର, ୨୩।୨(ସମିସ): ଗତ ଏକ ସପ୍ତାହ ହେବ ଉପକୂଳ ଓଡ଼ିଶାରେ ବର୍ଷାଝଡି ଲାଗି ରହିଛି। ଯାହାକୁ ନେଇ ଚାଷୀମାନେ ଏବେ ଘୋର ଚିନ୍ତାରେ କାଳାତିପାତ କରୁଛନ୍ତି। ବିଶେଷ କରି ସରକାରୀ ମଣ୍ଡିରେ ଖରିଫ୍ ଧାନ ବିକ୍ରି ପାଇଁ ପ୍ରସ୍ତୁତ ରହିଥିବା ଚାଷୀଙ୍କ ପିଛା ଛାଡୁନାହିଁ ଅଦିନିଆ ବର୍ଷାଝଡି। ଦୈନିକ ଅପରାହ୍ନ ବେଳକୁ ଆକାଶରେ ମାଡି ଆସୁଛି କଳାବାଦଲ। ଏହା ପରେ ଆରମ୍ଭ ହେଉଛି ବର୍ଷା ପବନ। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଥିବା ସରକାରୀ ଧାନ ମଣ୍ଡିର ଅବସ୍ଥା ଶୋଚନୀୟ ହୋଇଯାଇଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ଜାରି ହୋଇଥିବା ସୂଚନା ଅନୁଯାୟୀ ଯଦିଓ ମଣ୍ଡିରୁ ମିଲର ମାନେ କିଛି ଧାନ ନେଇଛନ୍ତି ତଥାପି ଏବେବି ସୁଦ୍ଧା କୁଇଣ୍ଟାଲ କୁଇଣ୍ଟାଲ ଶସ୍ୟ ମଣ୍ଡିରେ ରହିଛି। ବାଲି ପୋଖରୀ ସମବାୟ ସମିତି ମଣ୍ଡିଠାରେ ୭୫୮.୧୪ କୁଇଣ୍ଟାଲ ଧାନ ଗଚ୍ଛିତ ଥିବା ବେଳେ, ଜଳମଣ୍ଡୁଆଠାରେ ୧୯୧୪.୭୭, ମାଳଦା ଠାରେ ୫୬.୨୬, ରହଣିଆଠାରେ ୧୪.୦୪ କୁଇଣ୍ଟାଲ ଶସ୍ୟ ରହିଛି। ସେହିଭଳି ସିରିଡ଼ି ସାଇ ଏସଏଚଜିଠାରେ ୩୪୮.୨୭, ଶକ୍ତିସ୍ୱରୂପା ଏସଏଚଜିଠାରେ ୧୩୭୩.୮୨, ଓମ୍ ବାବାମଣୀ ଏସଏଚଜିଠାରେ ୨୬.୬୬, ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀଠାରେ ୭୦୦.୯୯, ବଡ଼ମ୍ବା ଏସଏଚଜିଠାରେ ୫୩୧.୨୦ କୁଇଣ୍ଟାଲ ଧାନ ଗଚ୍ଛିତ ଅଛି। ମୋଟ ୧୬ଟି ମଣ୍ଡିରୁ ୭ ଗୋଟିରେ ଧାନ ଗଚ୍ଛିତ ନଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ତେଣୁ ଯେଉଁ ମଣ୍ଡିଗୁଡ଼ିକରେ ଧାନ ରହିଛି ସେଗୁଡ଼ିକୁ ମିଲର କର୍ତ୍ତୃପକ୍ଷ ସ୍ଥାନାନ୍ତରିତ କରୁନଥିବା ହେତୁ ବର୍ଷା ହେବା ଯୋଗୁଁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପଟେ ଯୋଗାଣ ବିଭାଗ ଅଧିକାରୀମାନେ କେବଳ ମଣ୍ଡି ପରିଦର୍ଶନ କରି ଫେରୁଥିବା ବେଳେ ଧାନ ସ୍ଥାନାନ୍ତର ପାଇଁ ସେଭଳି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହେଉଛି। ତେଣୁ ଏହା ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

● ଶାଳୀକୁ ଦୁର୍ବ୍ୟବହାର ଓ ମାଡ଼ ଘଟଣା

## ଭିଣୋଇ କୋର୍ଟ ଚାଲାଣ

ଧାମନଗର, ୨୩।୨(ସମିସ): ଧାମନଗର ସହରାଞ୍ଚଳରେ ଥିବା ସ୍ମାର୍ଟବଜାର ବ୍ୟବସାୟ କେନ୍ଦ୍ରରେ ଶାଳୀ କାର୍ଯ୍ୟ କରୁଥିବା ସମୟରେ ଭିଣୋଇ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଦୋକାନ ଭିତରେ ପଶି ଦୁର୍ବ୍ୟବହାର ସହିତ ମାଡ଼ ମାରିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଯୁବତୀ ସୁଚିତ୍ରା ଦାସଙ୍କ ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତ ଭିଣୋଇ ପୂର୍ଣ୍ଣଚନ୍ଦ୍ର ମହାନ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ସୁଚିତ୍ରା ଦାସ ଦୀର୍ଘ ଦିନ ହେବ ଉକ୍ତ ସ୍ମାର୍ଟ ବଜାରରେ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଦିନ ନିଜ ଦାୟିତ୍ୱ ସରି ସନ୍ଧ୍ୟା ପରେ ଭିଣୋଇ ସାଙ୍ଗରେ ଘରକୁ ଯାଆନ୍ତି। ହେଲେ ଶନିବାର ସନ୍ଧ୍ୟାରେ ଘରକୁ ନେବା ପାଇଁ ଭିଣୋଇ ଡାକିଥିଲେ କିନ୍ତୁ ଶାଳୀ ସୁଚିତ୍ରା ଘରକୁ ନଯିବା ପାଇଁ ମନାକରିବାରୁ ଭିଣୋଇ ପୂର୍ଣ୍ଣଚନ୍ଦ୍ର ତାକୁ ଦୁର୍ବ୍ୟବହାର ସହ ମାଡ଼ ମାରି ହାତ ଧରି ଘରକୁ ନେବା ପାଇଁ ଚେଷ୍ଟା କରିଥିଲେ। ଜୋର ପାଟିତୁଣ୍ଡ ହେବାରୁ ସୁଚିତ୍ରା ବାଧ ହୋଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଭିଣୋଇକୁ ଧରି ଥାନାରେ ଅଟକ ରଖିଥିଲା। ସୁଚିତ୍ରାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଏହି ଘଟଣାରେ ପୂର୍ଣ୍ଣଚନ୍ଦ୍ରଙ୍କ ସମ୍ପର୍କୀୟ ଭାଇ ଭିନ୍ନକ୍ଷମ ବ୍ୟକ୍ତି ରାଜେନ୍ଦ୍ର ମହାନ୍ତି ଥାନା ଭିତରେ ତାଙ୍କ ଭାଇଙ୍କୁ ଅଟକ ରଖିବା ପ୍ରସଂଗରେ ପୁଲିସକୁ ଦୁର୍ବ୍ୟବହାର କରିବା ସହ ଗାଳି କରିବା ଅଭିଯୋଗରେ ପୁଲିସ ଏକ ମାମଲା ରୁଜୁ କରି ରାଜେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଥିବା ଭାରପ୍ରାପ୍ତ ଅଧିକାରୀ ରାଜେଶ ସେଠୀଙ୍କଠାରୁ ସୂଚନା ମିଳିଛି।

## ୪ ଓ ୫ରେ ଠାକୁର ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ

ଭଣ୍ଡାରିପୋଖରୀ, ୨୩।୨(ସମିସ): ଭଣ୍ଡାରିପୋଖରୀ ସାରସ୍ୱତ ସଂଘ ଆବାହକତ୍ୱରେ ଦକ୍ଷି ବାଡ଼ ଆଶ୍ରମରେ ଆସନ୍ତା ୪ ଓ ୫ ତାରିଖରେ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ। ଆସାମ ବଙ୍ଗୀୟ ସାରସ୍ୱତ ମଠ ପ୍ରତିଷ୍ଠାତା ସଦଗୁରୁ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ପ୍ରବର୍ତ୍ତିତ ସପ୍ତବିଧାନ ଅନୁସାରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାଦ୍ୱୟ ନେଇ ଏକ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ। କୋକିଳାମୁଖର ପୂଜ୍ୟ ମହନ୍ତ ଶ୍ରୀମତ୍ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ମହାରାଜା, ଓଡ଼ିଶାର ବିଭିନ୍ନ ସାରସ୍ୱତ ଆଶ୍ରମର ଅଧ୍ୟକ୍ଷ ସାଧୁସନ୍ଥ ଯୋଗଦେବେ ବୋଲି ଜିଲ୍ଲା ସମ୍ମିଳନୀ କମିଟି ସମ୍ପାଦକ ପର୍ଶୁରାମ ଓଝା ଓ ଦକ୍ଷିଣ ବାଡ଼ କାର୍ଯ୍ୟନିର୍ବାହୀ ସମ୍ପାଦକ ଜ୍ୟୋତି ରଞ୍ଜନ ନାୟକ ଏ ସମ୍ପର୍କିତ ସୂଚନା ଦେଇଛନ୍ତି।

## ଆମେରିକାରେ ଭାରତୀୟଙ୍କ ଉପରେ ନିଷ୍ଠୁର ଆକ୍ରମଣର ପ୍ରତିବାଦ



ଭଦ୍ରକ, ୨୩।୨(ସମିସ): ଯୁକ୍ତରାଷ୍ଟ୍ର ଆମେରିକାରେ ଅବସ୍ଥାପିତ ପ୍ରବାସୀ ଭାରତୀୟଙ୍କ ଉପରେ ଟ୍ରମ୍ପ ପ୍ରଶାସନର ଆକ୍ରମଣ, ପ୍ରବାସୀ ଭାରତୀୟଙ୍କ ଗୋଡ଼ହାତ ଓ ଅଣ୍ଟାରେ ବେଡି ପକାଇ ଚଲାଇ ଚଲାଇ ଆମେରିକା ସେନାବାହିନୀ ନିଷ୍ଠୁର ବ୍ୟବହାର କରି ଯୁଦ୍ଧ ବିମାନରେ ଭାରତରେ ଆଣି ଛାଡିବା ଘଟଣାକୁ ବିରୋଧ କରି ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ କଚେରି ବଜାରରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମ ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢ଼ୀ, ମହିଳା ନେତ୍ରୀ ସୁରଜିତା ନାୟକ, ଭଦ୍ରକ ଆଞ୍ଚଳିକ କମିଟି ସମ୍ପାଦକ ରାଧାନାଥ ଦାସ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ମଳୟ ଭୋଇ, ବିଷ୍ଣୁ ଦାଶ, ଜୟନୁଲ ଆବେଦିନ, କାଳନ୍ଦୀ ପାତ୍ର, ଗୌରାଙ୍ଗ ଯେନା, ଗୟାଧର ସାହୁ, ଅଶୋକ ବେହେରା, ଫକୀର ସ୍ୱାଇଁ, ବାମଦେବ ମିଶ୍ର, ଯୁବନେତା ପ୍ରତାପ ସେଠୀ, ବିପ୍ଳବ ଯେନା, ସେକ୍ କମର, କାଲୁ ଖାନ୍, ସେକ୍ ସତାର ପ୍ରମୁଖ ଯୁକ୍ତରାଷ୍ଟ୍ର ଆମେରିକାର ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ। ଏହି ସଭା ମାଧ୍ୟମରେ ଚାଷୀ ଓ ଶ୍ରମିକ ବିରୋଧୀ କେନ୍ଦ୍ର ଓ ରାଜ୍ୟ ବଜେଟ୍‌କୁ ସଂଶୋଧନ କରିବାକୁ ସିପିଆଇଏମ ନେତୃବୃନ୍ଦ ନିବେଦନ କରିଥିଲେ।

## ଜଳ ନିଷ୍କାସନରେ ସମସ୍ୟା; ଭଙ୍ଗା ପ୍ରକଳ୍ପର ମରାମତି ଦାବି

ଭଣ୍ଡାରିପୋଖରୀ, ୨୩।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଅନ୍ତର୍ଗତ ଉତ୍ତରବାଡ଼ ଗ୍ରାମ ବଣସାହି ହାଇଲେବୁଲ କେନାଲ ସାଏଫୁନଠାରୁ ୫ ଶହ ମିଟର ଦୂରରେ ଥିବା ଭଗ୍ନ ଜଳବିଭାଜିକା ପ୍ରକଳ୍ପ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। ମଞ୍ଜୁରୀରୋଡ ଅଞ୍ଚଳରୁ ଉଦବୃତ୍ତ ବର୍ଷାଜଳ ପ୍ରାକୃତିକ ଭାବେ ବଣସାହି ସାଇଫୁନ ନେଇ 'ଘ'ନାଳରେ ମିଶି ନିଷ୍କାସିତ ହୋଇଥାଏ। ମାତ୍ର ସୁନାହାର ଗ୍ରାମ ବାଲିଛତ୍ରୀ ଖେଳପଡ଼ିଆ ନିକଟ ପୋଖରୀ ପାର୍ଶ୍ୱରେ ଥିବା ସମ୍ପୃକ୍ତ ଭଗ୍ନ ଜଳବିଭାଜିକା ପ୍ରକଳ୍ପ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। ଫଳରେ ବଣସାହି ଗ୍ରାମବାସୀଙ୍କ ଶହ ଶହ ଏକର ଚାଷ ଜମି ବର୍ଷାଜଳରେ ବୁଡି ରହି ଫସଲ ହାନୀର କାରଣ ପାଲଟିଛି। ଆଖୁଆପଦା ଡ୍ରେନେଜ ବିଭାଗ ଯନ୍ତ୍ରୀଙ୍କୁ ଏଥିନେଇ ବହୁବାର ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ପ୍ରତିକାର ହୋଇପାରୁ ନାହିଁ। ଗ୍ରାମର ମମତା ପାତ୍ର, ରବୀନ୍ଦ୍ର ପାତ୍ର, ଜିତେନ୍ଦ୍ର ପାତ୍ର, ବାଇଧର ପାତ୍ର, ପ୍ରଭାକର ପାତ୍ର, ମନିଷା ସେନାପତି, ଅର୍ଜ୍ଜୁନ ଚରଣ ଦାସ, ଦିନବନ୍ଧୁ ବାରିକ, ବିନୋଦ ବାରିକ, ବାମଦେବ ସେଠୀ, ବିଦ୍ୟାଧର ବାରିକ, ବାଇଧର ପରିଡ଼ା, ଅମରେଶ ବେହେରା ପ୍ରମୁଖ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ସମ୍ପୃକ୍ତ ଭଗ୍ନ ଜଳବିଭାଜିକା ପ୍ରକଳ୍ପର ମରାମତି ଅଥବା



ଉଚ୍ଛେଦ କରି ଜଳ ନିଷ୍କାସନ ସୁଗମ କରିବାକୁ ଗୁହାରୀ କରିଥିବା ଜଣାଯାଇଛି। ଚଳିତ ଗ୍ରୀଷ୍ମଋତୁରେ ଏହାର ପ୍ରତିକାର କରିବାକୁ ଜିଲ୍ଲାପାଳ ଆଖୁଆପଦା ଡ୍ରେନେଜ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ମାଝୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ମୁନି ସମାଜର ବାର୍ଷିକ ସତ୍‌ସଙ୍ଗ

● ଯୋଗ ଦ୍ୱାରା ଆତ୍ମଜ୍ଞାନର ବୃଦ୍ଧି, ରୋଗରୁ ମୁକ୍ତି



ଭଦ୍ରକ, ୨୩।୨(ସମିସ): ଭଦ୍ରକ ସାମରାଇପୁରସ୍ଥିତ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ବାର୍ଷିକ ସତ୍‌ସଙ୍ଗ ଯୋଗାଶ୍ରମ ପରିସରରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ପ୍ରତିଷ୍ଠାତା ମୁନିଶ୍ୱର ଅନାମ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମୁଖ୍ୟଅତିଥି ଭାବେ ମୁନିସମାଜର କେନ୍ଦ୍ରୀୟ ସଭାପତି ବିଶ୍ୱମାଧୁରୀ ଦେବୀ, ମୁଖ୍ୟବକ୍ତା ଭାବେ ଯୋଗ ଶିକ୍ଷକ ଶିବପ୍ରସାଦ ପଣ୍ଡା, ପ୍ରବଚକ ଭାବେ ଯୋଗାଚାର୍ଯ୍ୟ ଦୁର୍ଗାଶଙ୍କର ଦାସ ଯୋଗ ଦେଇଥିଲେ। ଆତ୍ମଜ୍ଞାନ ସବୁଠାରୁ ସର୍ବଶ୍ରେଷ୍ଠ ଜ୍ଞାନ। ଯୋଗ ଦ୍ୱାରା ଆତ୍ମଜ୍ଞାନ ଓ ମନୋବଳ ଦୃଢ଼ ହୋଇଥାଏ। ଆଜିର ରୋଗାକ୍ରାନ୍ତ ସମାଜରେ ନିୟମିତ ଭାବେ ଯୋଗ ବ୍ୟାୟାମ କଲେ ରୋଗରୁ ମୁକ୍ତି ମିଳିବ ବୋଲି ପ୍ରବଚନ ପ୍ରଦାନ କରିଥିଲେ। ଉପସଭାପତି ଯୋଗାଚାର୍ଯ୍ୟ ଲୋକନାଥ ସାହୁ, ସହସମ୍ପାଦକ ଡ. ସତ୍ୟବ୍ରତ ସାହୁ ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ। ଏହି ସତ୍‌ସଙ୍ଗରେ ଆଶ୍ରମର ସମସ୍ତ କର୍ମକର୍ତ୍ତା, ସଦସ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ଆଶ୍ରମରୁ ଯୋଗୀ, ଯୋଗାଚାର୍ଯ୍ୟମାନେ ଯୋଗ ଦେଇଥିଲେ।

## ବିଦୁଷ ଭାରତୀ ସମ୍ମାନ-୨୦୨୫ ପ୍ରଦାନ

ବନ୍ତ/ଆଗରପଡ଼ା, ୨୩।୨(ସମିସ): ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଉତ୍କଳ ଭାରତୀ ବିଦୁଷ ସଭାର ବାର୍ଷିକ ଉତ୍ସବରେ ଓଡ଼ିଶାରେ ବିଭିନ୍ନ ଜିଲ୍ଲାର ସାହିତ୍ୟ ସ୍ରଷ୍ଟା ଯୋଗ ଦାନ ପୂର୍ବକ ଭାଷା ସାହିତ୍ୟ ବିକାଶ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଲେଖକମାନଙ୍କ ରଚିତ ପୁସ୍ତକକୁ ସମୀକ୍ଷା କରାଯାଇ ସମ୍ମାନିତ କରାଯାଇଥିଲା।




ବନ୍ତ ବ୍ଲକ ରାମକୃଷ୍ଣପୁର ଗାଁର ସୁସାହିତ୍ୟିକ ମନୋରଞ୍ଜନ ମହାନ୍ତିଙ୍କୁ ବିଦୁଷ ଭାରତୀ ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଛି। ମାନପତ୍ର ଉପଢୌକନ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସୌମ୍ୟରଞ୍ଜନ ପଟ୍ଟନାୟକଙ୍କଠାରୁ ମାନପତ୍ର ଗ୍ରହଣ କରିଥିଲେ ମନୋରଞ୍ଜନ ମହାନ୍ତି।

# ଶ୍ରୀରାମ ନବମୀ ମହୋତ୍ସବ-୨୦୨୫ ପ୍ରସ୍ତୁତି




ଭଦ୍ରକ, ୨୩।୨(ସମିସ)

ଭଦ୍ରକର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପରିଚୟ ବହନ କରୁଥିବା ଶ୍ରୀରାମ ନବମୀ ମହୋତ୍ସବ ଆସନ୍ତା ଅପ୍ରେଲ ମାସ ୬ ତାରିଖରେ ମହାସମାରୋହରେ ପାଳିତ ହେବାକୁ ଯାଉଛି। ଓଡ଼ିଶା ପ୍ରସିଦ୍ଧ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଚଳିତ ବର୍ଷ ଦିବ୍ୟ, ଭବ୍ୟ, ସରସ, ସୁନ୍ଦର ଏବଂ ଚିତ୍ତାକର୍ଷକ ଭାବରେ ଅନୁଷ୍ଠିତ ହେବ ବୋଲି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ନବମୀ ମହୋତ୍ସବର ସମସ୍ତ କାର୍ଯ୍ୟକ୍ରମର ବିବରଣୀ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମଗୁଡ଼ିକ ଯଥାକ୍ରମେ ଆସନ୍ତା ମାର୍ଚ୍ଚ ମାସ ୨୩ ତାରିଖରେ ମାତୃଭୂମି ପାଇଁ ଗଣଦୌଡ଼, ୩୦ ମାର୍ଚ୍ଚରେ ରାଷ୍ଟ୍ରୀୟ ନବବର୍ଷ ପାଳନ ସହ ଗୋ-ପୂଜନ ଓ ସାଧୁସନ୍ଥ ପୂଜନ, ୩୧ରେ ବାଲ୍ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା, ୪ ଅପ୍ରେଲରେ ମହିଳା କଳସ ଶୋଭାଯାତ୍ରା, ଆଜ୍ଞାମାଳ ଯାତ୍ରା, ୩ ଦିନ ବ୍ୟାପି ଶ୍ରୀରାମ ନବମୀଯଜ୍ଞ ଆରମ୍ଭ। ୫ ଅପ୍ରେଲରେ ୧୦୮ ହନୁମାନ ଚାଳିଶା ପାଠ କରାଯିବ। ମାର୍ଚ୍ଚ ୩୦ ତାରିଖରୁ ଅପ୍ରେଲ ୬ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ଗାନ୍ଧୀ ପଡ଼ିଆରେ ମୀନାବଜାର ଏବଂ ସନ୍ଧ୍ୟାରେ ରାଜ୍ୟର ପ୍ରସିଦ୍ଧି ଅର୍ଜନ କରିଥିବା ସାଂସ୍କୃତିକ ଅନୁଷ୍ଠାନକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ବରିଷ୍ଠ ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର, ଉଚ୍ଚଶିକ୍ଷା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସମିତି ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ପୂର୍ବତନ ସହ କୋଷାଧ୍ୟକ୍ଷ ତଥା ବରିଷ୍ଠ ସଦସ୍ୟ ଭଗବାନ ପଣ୍ଡା ଶ୍ରୀରାମ ନବମୀ ମହୋତ୍ସବରର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମିତିର କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, କହ୍ନେଇ ଦାସ, ସମ୍ପାଦକ ସ୍ୱାଧୀନସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର, ତୁଷାରକାନ୍ତ ଦାସ, ସହ କୋଷାଧ୍ୟକ୍ଷ ଶିବ ଶଙ୍କର ଦାସ, ଅନ୍ୟତମ ଉପଦେଷ୍ଟା ରଘୁନାଥ ସାହୁ, ବଦ୍ରୀ ନାରାୟଣ ଧଳ, ପ୍ରଦୀପ୍ତ ବିଶ୍ୱାଳ, ଡ. ଦେବରାଜ ପାତ୍ରଙ୍କ ସମେତ ବହୁ ବରିଷ୍ଠ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

● ଅଶୋକ ଦାସ ସ୍ମାରକୀ ଫୁଟ୍‌ବଲ

## ମଣିନାଥପୁର ଗୋପବନ୍ଧୁ ଯୁବକ ସଂଘ ଚାମ୍ପିଅନ୍




ଭଣ୍ଡାରିପୋଖରୀ, ୨୩।୨(ସମିସ): ଅଶୋକ ଦାସ ମୋମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଯାଜପୁର ନବଯୁଗ ଯୁବକ ସଂଘ କୁରୁଳି ଆନୁକୂଲ୍ୟରେ ଶନିବାର ଓ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ କଟକ ଫୁଟବଲ ଦଳ ସହ ଗୋପବନ୍ଧୁ ଯୁବକ ସଂଘ ଫୁଟବଲ ଦଳର କଡ଼ା ମୁକାବିଲା ହୋଇଥିଲା। ଶେଷରେ କଟକ ଦଳକୁ ୨-୦ ଗୋଲ ବ୍ୟବଧାନରେ ହରାଇ ମଣିନାଥପୁର ଗୋପବନ୍ଧୁ ଯୁବକ ସଂଘ ଚାମ୍ପିଅନ ହୋଇଥିଲା। ଗୋପବନ୍ଧୁ ଯୁବକ ସଂଘ ସଭାପତି ଗଜେନ୍ଦ୍ର ଦାସ ଓ ଫୁଟବଲ ଦଳ ଅଧିନାୟକ ସୁରଥ ଦାସ ଏବଂ ସାଥୀ ଖେଳାଳିମାନେ ମୁଖ୍ୟଅତିଥି ଯାଜପୁର ବିଧାୟିକା ସୁଜାତା ସାହୁଙ୍କଠାରୁ ଚାମ୍ପିଅନ ଟ୍ରଫି ଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୭୮  • ପାଉଣ୍ଡ ୧୦୯.୫୪
- ୟୁରୋ ୯୧.୨୯  • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୦,୬୨୦ (ନୂଆଦିଲ୍ଲୀ)
- ରୁପା : ୧୦,୩୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ 75,311.00 → ୭୫,୩୧୧.୦୦
- ନିଫ୍ଟି ୨୨,୭୯୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### କ୍ରିପ୍ଟୋ ଦୁନିଆର ବଡ଼ ଚୋରି

# ହ୍ୟାକର୍ ନେଇଗଲେ ୧୩ ହଜାର କୋଟିର ଇଥେରିୟମ୍

ନୂଆଦିଲ୍ଲୀ,୨୩।୨(ଏଜେନ୍ସି)




**ବାଏବିଟ୍ ଏକ୍ସଚେଞ୍ଜରେ ପଶି ଚୋରି**

**ଗତବର୍ଷ ୱାଜିରଏକ୍ସରେ ହୋଇଥିଲା ବଡ଼ ସାଇବର ଆକ୍ରମଣ**

କ୍ରିପ୍ଟୋ ଦୁନିଆରେ ହୋଇଛି ଏକ ବଡ଼ ଚୋରି। କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ବାଏବିଟ୍‌ରୁ ୧.୫ ବିଲିୟନ ଡଲାର (ପ୍ରାୟ ୧୩ ହଜାର କୋଟି ଟଙ୍କା) ମୂଲ୍ୟର ଡିଜିଟାଲ୍ ମୁଦ୍ରା ଚୋରି ହୋଇଯାଇଛି। ଏହା ଇତିହାସର ସବୁଠାରୁ ବଡ଼ କ୍ରିପ୍ଟୋ ଚୋରି ମଧ୍ୟରୁ ଗୋଟିଏ। ପୂର୍ବରୁ ଭାରତୀୟ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ୱାଜିରଏକ୍ସରୁ ମଧ୍ୟ ୨୦୦୦ କୋଟି ଟଙ୍କା ଚୋରି ହୋଇଥିଲା। କମ୍ପାନୀର ସିଇଓ ବେନ୍ ଝାଓ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ଏହି ଚୋରି ବିଷୟରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଜଣେ ହ୍ୟାକର ବାଏବିଟ୍‌ର ଏକ ଅଫଲାଇନ୍ ଇଥେରିୟମ୍ ୱାଲେଟ୍ ନିଜ କବ୍‌ଜାକୁ ନେଇଛି।

ବିଟ୍ କଏନ୍ ପରେ ଇଥେରିୟମ୍ ହେଉଛି ବିଶ୍ୱର ଦ୍ୱିତୀୟ ସବୁଠାରୁ ମହଙ୍ଗା କ୍ରିପ୍ଟୋକରେନ୍ସି। ବେନ୍ ଝାଓ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ବାଇବିଟ୍‌ର ହଟ୍ ୱାଲେଟ୍, ୱାର୍ମ ୱାଲେଟ୍ ଏବଂ ଅନ୍ୟ ସମସ୍ତ ଅଫଲାଇନ୍ ୱାଲେଟ୍ ବର୍ତ୍ତମାନ ସୁରକ୍ଷିତ। ଟଙ୍କା ଉଠାଣ କାମ ମଧ୍ୟ ସ୍ୱାଭାବିକ ଭାବରେ ଚାଲିଛି। ବାଇବିଟ୍ ହେଉଛି ଏକ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ଯାହାର ସାରା ବିଶ୍ୱରେ ୬୦ ନିୟୁତରୁ ଅଧିକ ବ୍ୟବହାରକାରୀ ରହିଛନ୍ତି। ଏହି ଚୋରି ପରେ, ବାଇବିଟ୍ ବ୍ୟବହାରକାରୀମାନେ ଭୟଭୀତ ହୋଇଯାଇଛନ୍ତି। ସେମାନେ ଅନୁଭବ କରୁଛନ୍ତି ଯେ କମ୍ପାନୀ ଏବେ ଦେବାଳିଆ ହୋଇଯାଇପାରେ। ତେଣୁ ଲୋକମାନେ ଶୀଘ୍ର ସେମାନଙ୍କର ଟଙ୍କା ଉଠାଇବା ଆରମ୍ଭ କରିଦେଇଛନ୍ତି। ତଥାପି, ଝାଓ କହିଛନ୍ତି, ବାଇବିଟ୍ ଦେବାଳିଆ ହେବ ନାହିଁ। ଏହି ଟଙ୍କା ଫେରସ୍ତ ହେବ କି ନାହିଁ। ଗ୍ରାହକଙ୍କ ଟଙ୍କା ସୁରକ୍ଷିତ ଅଛି। ଆମେ ଏହି କ୍ଷତିର କ୍ଷତିପୂରଣ ଦେଇପାରିବୁ।

ଏକ ରିପୋର୍ଟ ଅନୁଯାୟୀ, ଏଲିପ୍ଟିକର ବିଶ୍ଳେଷକମାନେ ଏହି ଆକ୍ରମଣକୁ ଉତ୍ତର କୋରିଆର ଲାଜାରୁସ୍ ଗ୍ରୁପ୍ ସହିତ ଯୋଡ଼ିଛନ୍ତି। ଏହା ଏକ ସରକାରୀ ହ୍ୟାକିଂ ଗୋଷ୍ଠୀ ଯାହା କ୍ରିପ୍ଟୋକରେନ୍ସି ଶିଳ୍ପରୁ କୋଟି କୋଟି ଡଲାର ଚୋରି କରିବା ପାଇଁ କୁଖ୍ୟାତ। ଗତ ବର୍ଷ ଜୁଲାଇରେ ଭାରତୀୟ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ୱାଜିରଏକ୍ସ ଉପରେ ସବୁଠାରୁ ବଡ଼ ସାଇବର ଆକ୍ରମଣ ହୋଇଥିଲା। ଏଥିରେ ୨୩୫ ନିୟୁତ ଡଲାର (ପ୍ରାୟ ଦୁଇ ହଜାର କୋଟି ଟଙ୍କା) କ୍ଷତି ହୋଇଥିଲା। ଏହି ଆକ୍ରମଣ ଉତ୍ତର କୋରିଆର ହ୍ୟାକରମାନଙ୍କ ଦ୍ୱାରା ମଧ୍ୟ ଚିହ୍ନଟ ହୋଇଥିଲା। ସେହି ସମୟରେ, ୱାଜିରଏକ୍ସ ର ସହ-ପ୍ରତିଷ୍ଠାତା ନିଶ୍ଚଳ ଶେଟ୍ଟୀ କହିଥିଲେ, ଆମେ ନିଶ୍ଚିତ ଯେ ଏହା (ଉତ୍ତର କୋରିଆର) ଲାଜାରସ୍ ଗ୍ରୁପ୍ ଦ୍ୱାରା କରାଯାଇଥାଇପାରେ।

### ଡିଜିସିଏର ପ୍ରସ୍ତୁତି; ଡ୍ୟୁଟି ମାନଦଣ୍ଡରେ ହେବ ସଂଶୋଧନ

# ପାଇଲଟ୍‌ଙ୍କୁ ମିଳିବ ଆରାମ; ବଢ଼ିବ ବିଶ୍ରାମ ଅବଧି

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ସାରା ଦେଶର ପାଇଲଟମାନଙ୍କ ପାଇଁ ଖୁସି ଖବର। ପ୍ରତି ସପ୍ତାହରେ ସେମାନଙ୍କୁ ମିଳୁଥିବା ବିରତିସମୟ ବର୍ତ୍ତମାନର ୩୬ ଘଣ୍ଟାରୁ ୪୮ ଘଣ୍ଟାକୁ ବୃଦ୍ଧି କରାଯିବ। ଏ ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଦିଲ୍ଲୀ ହାଇକୋର୍ଟକୁ ଜଣାଇଛନ୍ତି ଯେ ବିମାନ କମ୍ପାନୀଗୁଡ଼ିକ ଜୁଲାଇ ପହିଲାରୁ ପର୍ଯ୍ୟାୟ କ୍ରମେ ପାଇଲଟମାନଙ୍କ ପାଇଁ ଡ୍ୟୁଟି ଏବଂ ବିଶ୍ରାମ ଘଣ୍ଟାର ସଂଶୋଧିତ ମାନଦଣ୍ଡ କାର୍ଯ୍ୟକାରୀ କରିବେ। ଦିଲ୍ଲୀ ହାଇକୋର୍ଟରେ ଦାଖଲ ହୋଇଥିବା ଏକ ସତ୍ୟପାଠରେ କୁହାଯାଇଛି ଯେ ପାଇଲଟମାନଙ୍କ ସାପ୍ତାହିକ ବିଶ୍ରାମ ଅବଧିକୁ ବର୍ତ୍ତମାନର ୩୬ ଘଣ୍ଟାରୁ ୪୮ ଘଣ୍ଟାକୁ ବୃଦ୍ଧି କରାଯିବ। ଡିଜିସିଏ ଦିଲ୍ଲୀ ହାଇକୋର୍ଟକୁ ଜଣାଇଛି ଯେ ବିମାନ କମ୍ପାନୀଗୁଡ଼ିକ ଜୁଲାଇ ପହିଲାରୁ ପର୍ଯ୍ୟାୟକ୍ରମେ ପାଇଲଟମାନଙ୍କ ପାଇଁ ଡ୍ୟୁଟି ଏବଂ ବିଶ୍ରାମ ଘଣ୍ଟାର ସଂଶୋଧିତ ମାନଦଣ୍ଡ କାର୍ଯ୍ୟକାରୀ କରିବେ।

ଡିଜିସିଏ ଜଷ୍ଟିସ୍ ତାରା ଭିତାସ୍ତା ଗଞ୍ଜୁଙ୍କୁ ମଧ୍ୟ ଜଣାଇଛି ଯେ ଅବଶିଷ୍ଟ ସଂଶୋଧିତ ନିୟମଗୁଡ଼ିକ ନଭେମ୍ବର ପହିଲାରୁ ଲାଗୁ ହେବ। ଏଥିରେ ଅନ୍ୟାନ୍ୟ ଦିଗଗୁଡ଼ିକ ମଧ୍ୟରେ ବିମାନ କମ୍ପାନୀଗୁଡ଼ିକ ନିଶ୍ଚିତ କରିବେ ଯେ ସଂଶୋଧିତ ନିୟମ ଅନୁଯାୟୀ ଗୋଟିଏ ସାପ୍ତାହିକ ବିଶ୍ରାମ ଅବଧିର ଶେଷ ଏବଂ ପରବର୍ତ୍ତୀ ସମୟର ଆରମ୍ଭ ମଧ୍ୟରେ ୧୬୮ ଘଣ୍ଟାରୁ ଅଧିକ ବ୍ୟବଧାନ ରହିବନାହିଁ। ଡିଜିସିଏର ସଂଶୋଧନ ସିଭିଲ ଏଭିଏସନ୍ ଆବଶ୍ୟକତା ଫ୍ଲାଇଟ୍ ଡ୍ୟୁଟି ସମୟ ସୀମା ସହିତ ଜଡିତ ଏବଂ ପାଇଲଟ୍ ଥକ୍କାପଣ ନେଇ ଚିନ୍ତା ମଧ୍ୟରେ ପାଇଲଟ୍‌ଙ୍କ ପାଇଁ ଅଧିକ ବିଶ୍ରାମ ସମୟ ପ୍ରଦାନ କରିବାକୁ ଚାହୁଁଛି। ପ୍ରାରମ୍ଭରେ ଏହାକୁ ୨୦୨୪ ଜୁନ୍ ପହିଲାରୁ କାର୍ଯ୍ୟକାରୀ କରାଯିବାର ଥିଲା।

# ଭୂଇଁପୁରରେ ଆପାରେଲ୍ ପାର୍କ ନିର୍ମାଣ କରିବ ଏମ୍‌ଏଏସ୍



ଭୁବନେଶ୍ୱର,୨୩।୨(ସମିସ)

ଦକ୍ଷିଣ ଏସିଆର ସର୍ବବୃହତ ପୋଷାକ ନିର୍ମାତା ଖୋର୍ଦ୍ଧା ଜିଲାର ଭୂଇଁପୁରଠାରେ ଏହାର ପ୍ରଥମ ୟୁନିଟ୍ ଏମ୍‌ଏଏସ୍ ଆପାରେଲ୍ (ପୋଷାକ) ପାର୍କ ନିର୍ମାଣ କାର୍ଯ୍ୟ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ ପକ୍ଷରୁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ବୟନ ଓ ପୋଷାକ କ୍ଷେତ୍ରକୁ ଧ୍ୟାନରେ ରଖି ଓଡ଼ିଶାକୁ ପୁଞ୍ଜିନିବେଶ ଆଣିବା, ରାଜ୍ୟର ଶିଳ୍ପ ଅଭିବୃଦ୍ଧିରେ ଉନ୍ନତି ଆଣିବା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାରଙ୍କ ଅଭିଯାନ ପାଇଁ ଏହି ସମ୍ପ୍ରସାରଣ ହୋଇଛି। ଶିଳାନ୍ୟାସ ସମାରୋହରେ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସମେତ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ) ଏବଂ ଇଣ୍ଡଷ୍ଟ୍ରିଆଲ ପ୍ରମୋସନ୍ ଆଣ୍ଡ ଇନଭେଷ୍ଟମେଣ୍ଟ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍ (ଇପିକଲ) ଯୋଗ ଦେଇଥିଲେ।

ପ୍ରଥମ ଯୋଜନାବଦ୍ଧ ୟୁନିଟ୍‌ରୁ ଏମ୍‌ଏଏସ୍ ୨୦୨୬ରେ ପୋଷାକ ଉତ୍ପାଦନ ଆରମ୍ଭ କରିବାକୁ ଆଶା ରଖାଯାଇଛି। ଏମ୍‌ଏଏସ୍‌ର ରହିଥିବା ଶିଳ୍ପ ଦକ୍ଷତା ଉପଯୋଗ କରି ଭାରତର ଘରୋଇ ପୋଷାକ ଆବଶ୍ୟକତା ପୂରଣ କରିବା ଏବଂ ଅନ୍ତର୍ଜାତୀୟ ରପ୍ତାନିକୁ ସମର୍ଥନ କରିବା ପାଇଁ ଏମ୍‌ଏଏସ୍‌ର ପ୍ରତିବଦ୍ଧତାକୁ ଏହା ସୁଦୃଢ଼ କରିବ। ଏହି ସହଯୋଗିତା ସମ୍ପର୍କରେ ଏମ୍‌ଏଏସ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଲ୍ଲିକ ଅହମ୍ମଦିନ କହିଛନ୍ତି ଯେ, ଏହି ଅଞ୍ଚଳରେ ଏକ ସୁଦୃଢ଼ ପୋଷାକ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ ଆମେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିବାରୁ ଓଡ଼ିଶା ସରକାରଙ୍କ ସହ ସହଯୋଗିତା କରିଛୁ। ବୟନଶିଳ୍ପ କ୍ଷେତ୍ରକୁ ସୁଦୃଢ଼ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ତଥା ଏହି ଅଞ୍ଚଳର ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଓ ଦୀର୍ଘମିଆଦୀ ବିକାଶରେ ଯୋଗଦାନ କରିବାକୁ ଆମେ ଆଶା ରଖୁଛୁ।

# ଟ୍ରେନ୍‌ରୁ ତକିଆ, କମ୍ବଳ ଚୋରି କଲେ ୫ ବର୍ଷ ଜେଲ୍

ନୂଆଦିଲ୍ଲୀ,୨୩।୨(ଏଜେନ୍ସି)



ଟ୍ରେନରୁ ତକିଆ କିମ୍ବା କମ୍ବଳ ଚୋରି କରିବା ମହଙ୍ଗା ପଡ଼ିପାରେ। ଚୋରି କରୁଥିବା ଯାତ୍ରୀମାନଙ୍କୁ ଜରିମାନା ଏବଂ ଜେଲ ମଧ୍ୟ ହୋଇପାରେ। ଏହି ଖବର ସେହି ଲୋକଙ୍କ ପାଇଁ ଯେଉଁମାନେ ଟ୍ରେନରେ ଯାତ୍ରା କରିବା ସମୟରେ ଲୋଭର ବଶବର୍ତ୍ତୀ ହୋଇ ଏସି କୋଚ୍‌ରେ ଉପଲବ୍ଧ କମ୍ବଳ, ବେଡ୍‌ସିଟ୍, ତକିଆ ଇତ୍ୟାଦି ଚୋରି କରି ନିଜ ସହିତ ନେଇଯାଆନ୍ତି।

ଦୀର୍ଘ ଯାତ୍ରା ପାଇଁ ଭାରତୀୟ ରେଳକୁ ସବୁଠାରୁ ମିତବ୍ୟୟୀ ଏବଂ ଆରାମଦାୟକ ବିକଳ୍ପ ଭାବରେ ବିବେଚନା କରାଯାଏ। ବିଶେଷକରି ଏସି କୋଚରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ରେଳବାଇ ପକ୍ଷରୁ ବେଡ୍‌ରୋଲ୍ କିଟ୍ ଯୋଗାଇ ଦିଆଯାଇଥାଏ, ଯେଉଁଥିରେ ବେଡ୍‌ସିଟ୍, କମ୍ବଳ, ତକିଆ ଏବଂ ତକିଆ କଭର ଭଳି ସୁବିଧା ଅନ୍ତର୍ଭୁକ୍ତ। କିନ୍ତୁ ଯାତ୍ରୀମାନଙ୍କ ଦ୍ୱାରା ଏହି ଜିନିଷଗୁଡ଼ିକ ଚୋରି ହେବାର ଅନେକ ଘଟଣା ଘଟିଛି, ଯାହା ଦ୍ୱାରା ରେଳବାଇକୁ ବହୁତ କ୍ଷତି ହୋଇଛି।

ରେଳବାଇ ତଥ୍ୟ ଅନୁଯାୟୀ, ୨୦୧୭-୧୮ ବର୍ଷରେ ପଶ୍ଚିମ ରେଳବାଇରୁ ବହୁ ସଂଖ୍ୟକ ବେଡରୋଲ୍ ଚୋରି ହୋଇଥିଲା। ରିପୋର୍ଟ ଅନୁଯାୟୀ, ୧.୯୫ ଲକ୍ଷ ତଉଲିଆ, ୮୧,୭୩୬ ବେଡସିଟ୍, ୫,୦୩୮ ତକିଆ, ୫୫,୫୭୩ ତକିଆ କଭର, ୭,୦୪୩ କମ୍ବଳ ଇତ୍ୟାଦି ଯାତ୍ରୀମାନେ ବୋହି ନେଉଛନ୍ତି, ଯାହା କେବଳ ରେଳବାଇର ଆର୍ଥିକ କ୍ଷତି କରୁଛି ନାହିଁ ବରଂ ଅନ୍ୟ ଯାତ୍ରୀମାନଙ୍କୁ ମଧ୍ୟ ଅସୁବିଧାର ସମ୍ମୁଖୀନ କରାଉଛି। ତେବେ ରେଳବାଇ ସମ୍ପତ୍ତି ଚୋରି କରିବା ଏକ ଦଣ୍ଡନୀୟ ଅପରାଧ। ରେଳ ସମ୍ପତ୍ତି ଆଇନ, ୧୯୬୬ ଅନୁଯାୟୀ ଯଦି କୌଣସି ଯାତ୍ରୀ ରେଳ ସାମଗ୍ରୀ ଚୋରି କରୁଥିବା ଧରାପଡ଼ନ୍ତି, ତେବେ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଆଇନ ଅନୁଯାୟୀ, ଚୋରି କରି ପ୍ରଥମ ଥର ଧରାପଡ଼ିଲେ ଗୋଟିଏ ବର୍ଷ ଜେଲଦଣ୍ଡ କିମ୍ବା ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଯଦି ଯାତ୍ରୀ ପୁନର୍ବାର ଚୋରି କରୁଥିବା ଧରାପଡ଼ନ୍ତି କିମ୍ବା ମାମଲା ଗମ୍ଭୀର ହୁଏ, ତେବେ ତାଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ଭାରି ଜରିମାନା ହୋଇପାରେ। ଭାରତୀୟ ରେଳବାଇ ନିୟମ ଅନୁଯାୟୀ, ଯାତ୍ରା ପରେ ବେଡରୋଲ ଫେରାଇବା ବାଧ୍ୟତାମୂଳକ। ଯାତ୍ରା ଶେଷ ହେବା ପରେ ସିଟ୍ ଉପରେ କମ୍ବଳ, ଚାଦର, ତକିଆ ଇତ୍ୟାଦି ଛାଡିବାକୁ କିମ୍ବା କୋଚ୍ ପରିଚାରିକାଙ୍କୁ ହସ୍ତାନ୍ତର କରିବାକୁ ରେଳବାଇ ଯାତ୍ରୀମାନଙ୍କୁ ଅନୁରୋଧ କରେ। ଏହି ଜିନିଷଗୁଡ଼ିକର ଚୋରି କେବଳ ରେଳବାଇର କ୍ଷତି କରେ ନାହିଁ ବରଂ ଅନ୍ୟ ଯାତ୍ରୀମାନଙ୍କୁ ମଧ୍ୟ ଏହି ସୁବିଧାର ଅଭାବରୁ କଷ୍ଟ ସହିବାକୁ ପଡ଼େ।

**• ଟ୍ରମ୍ପଙ୍କ ଶୁଳ୍କ ପ୍ରସଙ୍ଗରେ ନୀତି ଆୟୋଗ ସିଇଓଙ୍କ ବୟାନ**

# ଦେଶର ଭଲ ପାଇଁ ନିଜ ଉତ୍ପାଦ ଉପରୁ ଶୁଳ୍କ କମ୍ କରୁ ଭାରତ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ମାଡ଼କୁ ନେଇ ଚାରିଆଡ଼େ ଚର୍ଚ୍ଚା ହେଉଥିବାବେଳେ ନୀତି ଆୟୋଗ ସିଇଓ ବିଭିଆର୍ ସୁବ୍ରମଣ୍ୟମ ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି। ଶୁଳ୍କ କୌଣସି ଦେଶକୁ ସୁରକ୍ଷା ଦିଏନାହିଁ ବୋଲି ସେ କହିଛନ୍ତି। ଭାରତ ମଧ୍ୟ ନିଜ ଦେଶର ଭଲ ପାଇଁ ନିଜ ଉତ୍ପାଦ ଉପରେ ଶୁଳ୍କ କମ୍ କରିବା, ଉଚିତ୍ ବୋଲି ସେ କହିଛନ୍ତି। ଶୁକ୍ରବାର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସୁବ୍ରମଣ୍ୟମ କହିଛନ୍ତି ଯେ ଯଦି ଭାରତ ଏକ ବିକଶିତ ଦେଶ ହେବାକୁ ଚାହେଁ, ତେବେ ବିଶ୍ୱ ପାଇଁ ଖୋଲା ରହିବାକୁ ଏହାର ଶ୍ରେଷ୍ଠ ପାଞ୍ଚଟି ପ୍ରାଥମିକତା ମଧ୍ୟରେ ସାମିଲ କରିବାକୁ ପଡିବ। ସେହିପରି ଶୁଳ୍କ ହ୍ରାସ କରିବା ପାଇଁ, ଭାରତକୁ ୟୁରୋପିୟନ ୟୁନିୟନ, ୟୁକେ ଏବଂ ଅନ୍ୟାନ୍ୟ ପ୍ରମୁଖ ଅର୍ଥନୀତି ସହିତ ବାଣିଜ୍ୟ ଚୁକ୍ତିନାମା ସମାପ୍ତ କରିବାକୁ ପଡିବ ବୋଲି ସୁବ୍ରମଣ୍ୟମ ପରାମର୍ଶ ଦେଇଛନ୍ତି। ଭାରତକୁ ବିଶ୍ୱ ଯୋଗାଣ ଶୃଙ୍ଖଳର ଏକ ଅଂଶ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ କଟକଣା ମୁକ୍ତ ସହଯୋଗର ଆବଶ୍ୟକତା ରହିଛି। କାରଣ ବିଦେଶୀ କମ୍ପାନୀମାନଙ୍କର ଭାରତ ଉପରେ ଆଗ୍ରହ ରହିଛି। ସେମାନେ ଭାରତ ଆସୁଛନ୍ତି ହେଲେ ଦେଖଇ ଚାହିଁ ପୁଣି ଅନ୍ୟ ଦେଶକୁ ଫେରି ଯାଉଛନ୍ତି। ତେଣୁ ସପ୍ଲାଏ ଚେନ୍ ସୁଧାର ଆଣିବାକୁ ସହଯୋଗର ନିତ୍ୟାନ୍ତ ଆବଶ୍ୟକାତ ରହିଛି ବୋଲି ସେ ଗୁରୁତ୍ୱ ଦେଇଥିଲେ।

# ପ୍ରତି ଘଣ୍ଟାରେ ୬.୬୩ କୋଟି ଟିକସ ଦେଇଛନ୍ତି ଆଦାନୀ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ଆଦାନୀ ଗ୍ରୁପ୍ ଟିକସ ପୈଠ ପ୍ରସଙ୍ଗରେ ଏକ ବଡ଼ ଇତିହାସ ସୃଷ୍ଟି କରିଛି। ଆଦାନୀ ଗ୍ରୁପ୍ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆର୍ଥିକବର୍ଷ ୨୦୨୩-୨୪ରେ ୫୮ ହଜାର କୋଟି ଟଙ୍କାରୁ ଅଧିକ ଟିକସ ସରକାରଙ୍କୁ ଦେଇଛି। ଏହାର ଅର୍ଥ ଆଦାନୀ ସମୂହ ପ୍ରତି ଘଣ୍ଟାରେ ୬.୬୩ କୋଟି ଟଙ୍କାର ଟିକସ ପୈଠ କରିଛି। ଉଲ୍ଲେଖଯୋଗ୍ୟ, ଆଦାନୀ ଗ୍ରୁପର କମ୍ପାନୀଗୁଡ଼ିକ ୨୦୨୨-୨୩ ଆର୍ଥିକବର୍ଷରେ ୪୬,୬୧୦ କୋଟି ଟଙ୍କାର ଟିକସ ପୈଠ କରିଥିଲେ। ଅର୍ଥାତ୍ ୨୦୨୩-୨୪ରେ, ଆଦାନୀ ଗ୍ରୁପ୍ ପ୍ରତି ଘଣ୍ଟାରେ ୫.୩୨ କୋଟି ଟଙ୍କା ଟିକସ ପରିଶୋଧ କରିଥିଲା। ଆଦାନୀ ଗ୍ରୁପ୍ କହିଛି ଯେ ଏହା ପୂର୍ବ ଆର୍ଥିକବର୍ଷ ତୁଳନାରେ ଅଧିକ ଟିକସ ଦେଇଛି। ୨୦୨୨-୨୩ ଆର୍ଥିକବର୍ଷରେ ୪୬,୬୧୦ କୋଟି ଟଙ୍କାର ଟିକସ ପୈଠ କରାଯାଇଥିଲା । ୨୦୨୩-୨୪ରେ ଏହି ରାଶି ୫୮,୧୦୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ପ୍ରାୟ ୨୫% ଅଧିକ।

# କ୍ରମ୍ପଟନ୍ 'ଟେକ୍‌ୱିଥ୍‌ହାଟ୍'ର ଅନାବରଣ

**ମୁମ୍ବଇ,୨୩।୨(ଏଜେନ୍ସି):** କ୍ରମ୍ପଟନ ଗ୍ରୀଭସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ ଲିମିଟେଡ଼ ପକ୍ଷରୁ ଏହାର 'ଟେକୱିଥହାଟ'ର ଅନାବରଣ କରାଯାଇଛି। 'ଟେକୱିଥହାଟ' କ୍ରମ୍ପଟନର ମିଶନ କୁ ସ୍ମାର୍ଟ ପ୍ରସ୍ତୁତ କରିବାରେ ପ୍ରତିନିଧିତ୍ୱ କରିବା ସହିତ ଦାୟିତ୍ୱ ସମ୍ପନ୍ନ ତା ଏବଂ ଉଚ୍ଚ ଦକ୍ଷତାର ସମାଧାନକୁ ନିଜେ ପ୍ରସ୍ତୁତ କରିବା ସହିତ ଗ୍ରାହକଙ୍କ ଆବଶ୍ୟକତାକୁ ମେଣ୍ଟାଇ ପାରିଛି। ଏହା ଦ୍ୱାରା ପ୍ରସ୍ତୁତ ଫ୍ୟାନ ଯାହାକି ଉଚ୍ଚ ଦକ୍ଷତା ସମ୍ପନ୍ନତାକୁ ପ୍ରଦାନ କରିବା ସହିତ ଶକ୍ତି ସଞ୍ଚୟ କ୍ଷେତ୍ରରେ ବିକଶିତକୁ ସୁନିଶ୍ଚିତ କରିପାରିଛି। ସେହିପରି ପମ୍ପ କ୍ଷେତ୍ରରେ ଏହା ନିରବଚ୍ଛିନ୍ନ ଭାବରେ ପାଣିର ଗତିକୁ ବିଶ୍ୱସନୀୟତା ର ସହିତ ଆଗେଇ ନେବା ସହିତ ସର୍ବୋପରି ପ୍ରସ୍ତୁତ ସମସ୍ତ ଉତ୍ପାଦନକୁ ନେଇଏହା ଗ୍ରାହକଙ୍କ ହୃଦୟ ଉପରେ ବିଜୟ ଲାଭ କରିପାରିଛି। ମୁମ୍ବାଇଠାରେ ଏହାର ନୂଆ କର୍ପୋରେଟ ଅଫିସରେ ଏକ କାର୍ଯ୍ୟକ୍ରମରେ କମ୍ପାନୀର ନେତୃମଣ୍ଡଳୀଙ୍କ ଦ୍ୱାରା ଏହି 'ଟେକୱିଥହାଟ'ର ଅନାବରଣ କରାଯାଇଛି। ଏକ ଦୃଢ଼ ଅନନେଷ୍ଟ ପିଢ଼ି ଜ୍ଞାନ କୌଶଳକୁ ଦୃଢ ଭାବରେ ଆଲୋକପାତ କରି ତଥା ଉପାର୍ଜନ କ୍ଷମତାର ନବୀକରଣ ତାକୁ ସାଙ୍ଗରେ ନେଇ ଏହି ବ୍ରାଣ୍ଡ ବୈଦ୍ୟୁତିକ ଗ୍ରାହକମାନଙ୍କର ଭବିଷ୍ୟତକୁ ପ୍ରସ୍ତୁତ କରିବା ସହିତଏହାର ଅଧୁନତମ ଉତ୍ପାଦର ଧାରାକୁ ଅଧିକ ସ୍ଥାୟୀ କରିପାରିଛି।

# ରିଅଲମି ପି୩ ପ୍ରୋ ଏବଂ ପି୩ଏକ୍ସ ୫ଜି ଉନ୍ମୋଚିତ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ଭାରତୀୟ ଯୁବପିଢିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ରିଅଲ୍‌ମି ପି୩ ସିରିଜ ୫ଜିର ଉନ୍ମୋଚନ କରାଯାଇଛି ,ଯାହାକୁ ଭାରତ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି। କାର୍ଯ୍ୟଦକ୍ଷତା, ସ୍ଥାୟିତ୍ୱ ଓ ଷ୍ଟାଇଲ୍ ଉପରେ ଗୁରୁତ୍ୱ ସହିତ ଏହି ସ୍ମାର୍ଟଫୋନଗୁଡିକ ମିଡ୍-ରେଞ୍ଜ ସେଗମେଣ୍ଟରେ ନୂଆ ବେଞ୍ଚମାର୍କ ସ୍ଥାପନ କରିଛି ଏବଂ ଏହାର ଉପଭୋକ୍ତାଙ୍କ ପାଇଁ ସେଗମେଣ୍ଟ ପ୍ରଥମ ଉଦ୍ଭାବନ ଆଣିବା ପାଇଁ ରିଅଲମିର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ରିଅଲ୍‌ମି ପି୩ ପ୍ରୋ ୫ଜି ସେଗମେଂଟର ପ୍ରଥମ ସ୍ନାପଡ୍ରାଗନ ୭ଏସ୍ ଜେନ ୩ ଚିପ୍‌ସେଟ ଓ ଉଜ୍ୱଳ ଅଭିନବ ଗ୍ଲୋ-ଇନ-ଦ-ଡାର୍କ ଡିଜାଇନ ସହ ଆସୁଛି। ଏଥିରେ ୮୦ୱାଟ ଅଲଟ୍ରା- ଫାଷ୍ଟ ଚାର୍ଜିଙ୍ଗ ସହ ସେଗ୍‌ମେଣ୍ଟ-ଅଗ୍ରଣୀ ୬୦୦୦ ଏମଏଏଚ ଟାଇଟାନ ବ୍ୟାଟେରୀ ରହିଛି। ସେହିପରି ରିଅଲମି ପି୩ଏକ୍ସ ୫ଜି ଏହାର ସେଗମେଂଟ ପ୍ରଥମ ଷ୍ଟେଲାର ଆଇସଫିଲ୍ଡ ଡିଜାଇନ ଓ ପ୍ରିମିୟମ ଟେକ୍ସଚରଡ଼ ବ୍ୟାକ ସହ ସ୍ୱତନ୍ତ୍ର ଭାବେ ଉଭା ହୋଇଛି। ରିଅଲ୍‌ମି ପି୩ ପ୍ରୋ ୫ଜି ୩ଟି ଆକର୍ଷଣୀୟ ରଙ୍ଗ ଯଥା ନେବୁଲା ଗ୍ଲୋ, ଗ୍ୟାଲାକ୍ସି ପର୍ପଲ ଓ ସାଟର୍ଣ୍ଣ ବ୍ରାଉନରେ ଉପଲବ୍ଧ ହେଉଥିବା ବେଳେ ୨୧,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ୮ଜିବି+୧୨୮ଜିବି, ୮ଜିବି+୨୫୬ଜିବି ଓ ୧୨ଜିବି+୨୫୬ଜିବିର ଷ୍ଟୋରେଜ ବିକଳ୍ପରେ ଆସୁଛି। ରିଅଲ୍‌ମି ପି୩ଏକ୍ସ ୫ଜି ୩ଟି ଆକର୍ଷଣୀୟ ରଙ୍ଗ ଯଥା ମିଡନାଇଟ ବ୍ଲୁ, ଲୁନାର ସିଲଭର ଓ ଷ୍ଟେଲାର ପିଙ୍କରେ ଉପଲବ୍ଧ ହେଉଥିବା ବେଳେ ଏହା ୧୨,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ୬ଜିବି+୧୨୮ଜିବି ଓ ୮ଜିବି+୧୨୮ଜିବି ଭାରିଆଣ୍ଟରେ ଆସୁଛି।



# ପୁଞ୍ଜିବଜାରରେ ଟ୍ରେଣ୍ଡ କରୁଛି 'ସେଲ୍ ଇଣ୍ଡିଆ ,ବାଏ ଚାଇନା'

ନୂଆଦିଲ୍ଲୀ,୨୩।୨(ଏଜେନ୍ସି)

**୨୦୨୫ରେ ୧ ଲକ୍ଷ କୋଟି ଉଠାଇନେଲେଣି ବିଦେଶୀ ନିବେଶକ**



ଚଳିତ ମାସରେ ଏ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଭାରତୀୟ ଇକ୍ୱିଟି ବଜାରରୁ ୨୩,୭୧୦ କୋଟି ଟଙ୍କାରୁ ଅଧିକ ପାଣ୍ଠି ପ୍ରତ୍ୟାହାର କରିଛନ୍ତି, ଯାହା ଦ୍ୱାରା ବିଦେଶୀ ନିବେଶକଙ୍କ ଦ୍ୱାରା ୨୦୨୫ରେ ମୋଟ ପାଣ୍ଠି ପ୍ରତ୍ୟାହାର ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ବିଶ୍ୱ ବାଣିଜ୍ୟ ଉତ୍ତେଜନା ବୃଦ୍ଧି ପାଇବା ଯୋଗୁଁ ବଜାର କାରବାରରେ ଏହି ହ୍ରାସ ଦେଖାଯାଉଛି। ବର୍ତ୍ତମାନ ପୁଞ୍ଜି ବଜାରରେ 'ସେଲ୍ ଇଣ୍ଡିଆ ,ବାଏ ଚାଇନା' ଟ୍ରେଣ୍ଡ କରୁଛି। ଟ୍ରମ୍ପଙ୍କ ନିର୍ବାଚନ ବିଜୟ ପରେ ଆମେରିକା ବଜାରରେ ବିପୁଳ ପୁଞ୍ଜି ପ୍ରବାହ ଦେଖାଦେଇଛି। କିନ୍ତୁ ସମ୍ପ୍ରତି ଚୀନ୍ ବିଦେଶୀ ନିବେଶ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଉଭା ହୋଇଛି। ଜିଓଜିତ ଫାଇନାନ୍ସିଆଲ୍ ସର୍ଭିସେସର ବିଜୟ କୁମାରଙ୍କ କହିବାନୁଯାୟୀ, ଚୀନ୍ ରାଷ୍ଟ୍ରପତିଙ୍କ ନୂତନ ପ୍ରୟାସ ଏବଂ ସେଠାକାର ଶୀର୍ଷ ଶିଳ୍ପପତିଙ୍କ ସହ ଆଲୋଚନା ଚୀନ୍‌ରେ ଆର୍ଥିକ ସଂସ୍କାରର ଆଶା ସୃଷ୍ଟି କରିଛି।

ଡିପୋଜିଟୋରୀ ତଥ୍ୟ ଅନୁଯାୟୀ, ଫେବୃଆରୀ ୨୧ ସୁଦ୍ଧା ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମାନେ ଭାରତୀୟ ଇକ୍ୱିଟି ବଜାରରୁ ୨୩,୭୧୦ କୋଟି ଟଙ୍କା ପ୍ରତ୍ୟାହାର କରିନେଇଛନ୍ତି। ଜାନୁଆରୀ ପୂର୍ବରୁ, ସେମାନେ ୭୮,୦୨୭ କୋଟି ଟଙ୍କା ନିଟ୍ ଉଠାଣ କରିଥିଲେ। ଏହି ଦୁଇଟିକୁ ମିଶାଇ, ୨୦୨୫ରେ ଏ ପର୍ଯ୍ୟନ୍ତ ସେମାନେ ମୋଟ ୧,୦୧,୭୩୭ କୋଟି ଟଙ୍କା ଉଠାଇ ନେଇଛନ୍ତି। ଏହି ଭାରୀ ବିକ୍ରି ବଟାର ପ୍ରଭାବରେ ନିଫ୍ଟି ବର୍ଷ ଆରମ୍ଭରୁ ୪% ନକାରାତ୍ମକ ରିଟର୍ଣ୍ଣ ଦେଇଛି। ଭବିଷ୍ୟତର ପରିସ୍ଥିତି ଉପରେ ମତ ରଖି, ଜିଓଜିତ ଫାଇନାନ୍ସିଆଲ୍ ସର୍ଭିସେସର ମୁଖ୍ୟ ନିବେଶ ରଣନୀତିଜ୍ଞ ଭି.କେ. ବିଜୟ କୁମାର କହିଛନ୍ତି ଯେ ଭାରତରେ ଆର୍ଥିକ ଅଭିବୃଦ୍ଧି ଏବଂ କର୍ପୋରେଟ୍ ରୋଜଗାରରେ ଉନ୍ନତି ଆସିଲେ ବିଦେଶୀ ପୋର୍ଟଫୋଲିଓ ନିବେଶ (ଏଫ୍‌ପିଆଇ) ଫେରି ଆସିବ। ତାଙ୍କ ମତରେ, ଆଗାମୀ ଦୁଇରୁ ତିନି ମାସ ମଧ୍ୟରେ ଏହାର ସଙ୍କେତ ଦେଖାଯାଇପାରିବ। ଏ ସମ୍ପର୍କରେ ମର୍ଣ୍ଣିଂଷ୍ଟାର ଇନଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ଆସୋସିଏଟ୍ ଡାଇରେକ୍ଟର-ମ୍ୟାନେଜର (ଗବେଷଣା) ହିମାଂଶୁ ଶ୍ରୀବାସ୍ତବଙ୍କ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଷ୍ଟିଲ୍ ଏବଂ ଆଲୁମିନିୟମ ଆମଦାନୀ ଉପରେ ନୂତନ ଶୁଳ୍କ ଏବଂ ଅନେକ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରିବା ଖବର ବଜାରରେ ଚିନ୍ତା ବୃଦ୍ଧି କରିଛି। ଏହା ପୁଣି ଥରେ ବିଶ୍ୱ ବାଣିଜ୍ୟ ଯୁଦ୍ଧର ଭୟକୁ ଘନୀଭୂତ କରିଛି, ଯାହା ଫଳରେ ବିଦେଶୀ ନିବେଶକମାନେ ଉଦୀୟମାନ ବଜାର, ବିଶେଷକରି ଭାରତରେ ସେମାନଙ୍କର ନିବେଶ ଉପରେ ପୁନଃବିଚାର କରିବା ଆରମ୍ଭ କରିଛନ୍ତି। ଭାରତରେ ଦୁର୍ବଳ କର୍ପୋରେଟ୍ ଆୟ ଏବଂ ଟଙ୍କାର ନିରନ୍ତର ହ୍ରାସ, ଯାହା ବହୁ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି, ଭାରତୀୟ ସମ୍ପତ୍ତିକୁ କମ୍ ଆକର୍ଷଣୀୟ କରିଛି। ସାମଗ୍ରିକ ଭାବେ ବିଦେଶୀ ନିବେଶକମାନେ ସତର୍କ ରହିଥିଲେ କାରଣ ସେମାନେ ୨୦୨୪ରେ ଭାରତୀୟ ଇକ୍ୱିଟିରେ ମାତ୍ର ୪୨୭ କୋଟି ଟଙ୍କା ନିବେଶ କରିଥିଲେ। ଏହା ୨୦୨୩ର ବିପରୀତ।

## ରାଜପଥ ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି

# ଗଢ଼ିବା ଭାଙ୍ଗିବାରେ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା

ବାରିକପୁର, ୨୩।୨(ସମିସ)



ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ଅପରିପକ୍ୱ ଅଧିକାରୀଙ୍କ ଯୋଗୁଁ ନିର୍ମାଣ କାର୍ଯ୍ୟ ନାମରେ କୋଟି କୋଟି ଟଙ୍କା ପାଣିରେ ପଡୁଛି। ଯାହାର ନିଛକ ଉଦାହରଣ ହେଉଛି ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ପ୍ରଣାଳୀ। ଯାନବାହନ ପରିବହନ ବହୁଳ ଉକ୍ତ ଜାତୀୟ ରାଜପଥର ସୀମା ଚଣ୍ଡିଖୋଲଠାରୁ ଭଦ୍ରକ ଯାଏଁ ରହିଛି। ଏହାର ଦୈର୍ଘ୍ୟ ପ୍ରାୟ ୭୨କିଲୋମିଟର ହେବ। କିଛି ବର୍ଷ ପୂର୍ବରୁ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ହୋଇ ଏହା ୬ ଲାଇନ ବିଶିଷ୍ଟ ହୋଇଛି। ନିର୍ମାଣ କାର୍ଯ୍ୟର କିଛି ଦିନ ପରେ ରାସ୍ତା ଅନେକ ସ୍ଥାନ ଦବି ଯାଇଥିବା ବେଳେ ସେଥିରେ ଯାନବାହନ ଚଳାଚଳ କରିବା ବିପଦପୂର୍ଣ୍ଣ ହେଉଛି। ଏପରିକି କେତେକ ନବନିର୍ମିତ ଉଚ୍ଚକ୍ଷମତା ସମ୍ପନ୍ନ ପୋଲ ମଧ୍ୟ କିଛି ମାତ୍ରାରେ ଦବିଥିବା ଦେଖାଯାଇଛି। ରାସ୍ତାର ଛତାବର, ବାରିକପୁର, ପୁରିପଡା, ଯଶୋଟିକିରି, ପାଳଦା ବାଙ୍କ, ଦରଡା ପ୍ରମୁଖ ସ୍ଥାନରେ ନିର୍ମିତ ଓଭରବ୍ରିଜ ସ୍ଥାନଗୁଡିକରେ ନାଳି ସୃଷ୍ଟି ହୋଇଥିବା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ମାନ ଘଟୁଛି। ଯଦିଓ କିଛି ସ୍ଥାନରେ ମରାମତି କାର୍ଯ୍ୟ ଚାଲିଛି ତଥାପି ଅନେକ ସ୍ଥାନ ଏବେବି ସୁଦ୍ଧା ବିପଦସଙ୍କୁଳ ଅବସ୍ଥାରେ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କିଛି ନିର୍ମାଣ କାର୍ଯ୍ୟ ତ୍ରୁଟିପୂର୍ଣ୍ଣ ଥିବା ହେତୁ ସେଗୁଡିକୁ ଏବେ ଭଙ୍ଗା ଯାଉଛି। ରାସ୍ତା କାମ ଆରମ୍ଭରୁ ନିର୍ମାଣକାରୀ ସଂସ୍ଥାର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ହେଉ କିମ୍ବା ରାଜପଥ ପ୍ରାଧିକରଣ ସଂସ୍ଥାର ଅପରିପକ୍ୱ ଅଧିକାରୀଙ୍କ ଭୁଲ ନିଷ୍ପତ୍ତି ହେଉ ଯେଉଁଥିପାଇଁ ନିର୍ମାଣ କାର୍ଯ୍ୟର ଦୁଇ ତିନି ବର୍ଷ ପରେ ସେଗୁଡ଼ିକ ପୁଣି ଭଙ୍ଗା ଯାଉଛି। ଏପଟେ ନୂତନ କାମ ସରିବା ପରେ ପରେ ମଧ୍ୟ ମରାମତି ନାଆଁରେ ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଛି। ଏଥିପାଇଁ ଅଯଥାରେ ସରକାରଙ୍କର କୋଟି କୋଟି ଟଙ୍କା ପାଣିରେ ପଡୁଥିବା ବୃଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏଥିପାଇଁ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ଆଞ୍ଚଳିକ କ୍ଷେତ୍ରଅଧିକାରୀ ଅନେକାଂଶରେ ଦାୟୀ ବୋଲି ମତପ୍ରକାଶ ପାଇଛି। ଏହା ଉପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଚାଲିଛି ଚୋରା ଚାଲାଣ; ବନ ବିଭାଗ ନିରବଦ୍ରଷ୍ଟା



ଅସୁରାଳି, ୨୩।୨(ସମିସ): ପ୍ରତିଦିନ ବନ ବିଭାଗର ନାକ ତଳେ ଚୋରା କାଠର ଚାଲିଛି କାରବାର। ମାତ୍ର ବନ ବିଭାଗ ଦେଖିକରି ଅଣଦେଖା, ଜାଣିକରି ଅଜଣା। ପ୍ରତିଦିନ ପିକଅପ ଭ୍ୟାନ, ଟ୍ରକରେ ମୂଲ୍ୟବାନ ଚୋରା କାଠ ଝାଟିଆ ସାହି-ମଙ୍ଗଳ ପୁର ଦେଇ ଚାଲାଣ ହେଉଥିବାବେଳେ ବନ ବିଭାଗ ଅଧିକାରୀ ସମ୍ପୂର୍ଣ୍ଣ ନିରବ। ଚୋରା କାଠ ବୋଝେଇ ଗାଡ଼ିର କାଗଜପତ୍ର ସଠିକ୍ ଭାବେ ଯାଞ୍ଚ କରାଯାଉ ନଥିବା ଯୋଗୁଁ ଖୁଲମ୍ ଖୋଲା ଚୋରା କାଠ କାରବାର ଚାଲିଛି। ପୁଣି ବେଆଇନ କାଠ ଚାଲାଣ ଗାଡ଼ି ଧରିଲେ ମଧ୍ୟ ବେପାରୀମାନେ ବନ ବିଭାଗ ଅଧିକାରୀଙ୍କ ସହ ମୂଳଚାଲ କରି ଗାଡ଼ିକୁ ଛାଡ଼ି ଦେଉଛନ୍ତି। ବାରମ୍ବାର ସାଧାରଣ ଜନତା ଏନେଇ ଅଭିଯୋଗ କରିଥିଲେ ମଧ୍ୟ ବନ ବିଭାଗ ଅଧିକାରୀ ଚେଇଁ ଶୋଇଛନ୍ତି। ଏ ପ୍ରସଙ୍ଗରେ ଚାନ୍ଦବାଲି ଡିଏଫ୍‌ଓ ସୌଭାଗ୍ୟ ସାହୁ କହିଲେ, ଖୁବ୍ ଶୀଘ୍ର ଏକ ସ୍କ୍ୱାଡ କରି ଚୋରା କାରବାର ଓ ଚାଲାଣ ଉପରେ ରୋକ ଲଗାଯିବ।

## ଉଚ୍ଚପଦା-କାକୁଡି ଗଡ଼ିଆ ରାସ୍ତାର ଦୁରବସ୍ଥା



ଅସୁରାଳି, ୨୩।୨(ସମିସ): ଧାମନଗର ବ୍ଲକ ଉଚ୍ଚପଦା ଛକଠାରୁ ଗଡ଼ିଆଳି ପଞ୍ଚାୟତ କାକୁଡି ଗଡ଼ିଆର ଦୂରତା ପ୍ରାୟ ୩ କିଲୋମିଟର। ଏହି ରାସ୍ତାର ଉନ୍ନତିକରଣ ପ୍ରତି ଧ୍ୟାନ ଦିଆ ନଯିବା ଫଳରେ ଅଳ୍ପ ଦିନ ଭିତରେ ରାସ୍ତା ଫାଟି ଆଁ ହୋଇଗଲାଣି। ସେଇ ରାସ୍ତା ଦେଇ ବିଭିନ୍ନ ସମୟରେ ଟ୍ରାକ୍ଟର, ଟ୍ରକ୍, ଧାନ ଗାଡ଼ି, ବିଭନ୍ନ ଭାରୀଯାନ ଯାତାୟାତ କରିବା ଦ୍ୱାରା ରାସ୍ତା ନଷ୍ଟ ହୋଇଗଲାଣି। ଏହି ଅଞ୍ଚଳର ସାଧାରଣ ଲୋକ, ଛାତ୍ରଛାତ୍ରୀ, ବ୍ୟବସାୟୀ, କୃଷିଜୀବୀ ଜନସାଧାରଣ ଏଇ ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତା ସାରା ଗର୍ତ୍ତ ହୋଇ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ଜଳାଶୟର ଭ୍ରମ ସୃଷ୍ଟି କରୁଛି। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଦୁଇ ଚକିଆ ଯାନ ଯାତାୟାତ କରୁଥିବା ବେଳେ କିଛି ନା କିଛି ଦୁର୍ଘଟଣା ହେଉଛି। ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଜେଇଙ୍କଠାରୁ ଆରମ୍ଭ କରି ବିଡିଓ ଓ ଜିଲ୍ଲା ଅଧିକାରୀଙ୍କୁ ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଅବଗତ କରିଥିଲେ ବି ପ୍ରଶାସନ ନିରବଦ୍ରଷ୍ଟା ସାଜିଲା ଓ ଯାହାର ପରିଣାମ ଏବେ ସାଧାରଣ ଜନତା ଭୋଗୁଛନ୍ତି। ରକ୍ଷଣାବେକ୍ଷଣ ପାଇଁ ବ୍ୟୟ ବରାଦ ଥିଲେ ବି ଠିକାଦାରଙ୍କ ଦେଖା ଦର୍ଶନ ମିଳୁନାହିଁ ଓ ରାସ୍ତାର ବର୍ତମାନ ସ୍ଥିତିରେ ଗାଡି ଘୋଡ଼ା ତ ଦୂରର କଥା ପାଦରେ ଚାଲିଯିବା ସମ୍ଭବ ନୁହେଁ। କୌଣସି ଜରୁରିକାଳୀନ ଗାଡ଼ି ଯାତାୟାତ କରି ପାରୁନାହିଁ। ତୁରନ୍ତ ପ୍ରଶାସନ ଏହି ରାସ୍ତାର ମରାମତି ନ କଲେ ବାଧ ହୋଇ ଲୋକେ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସହିତ ରାସ୍ତା ଅବରୋଧ କରିବେ ବୋଲି ଏହି ରାସ୍ତାଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଦୈନିକ ସେଇ ରାସ୍ତା ଦେଇ ଶହ ଶହ ଛାତ୍ରଛାତ୍ରୀ ଅସୁରାଳି ଆଞ୍ଚଳିକ ମହାବିଦ୍ୟାଳୟ, ମା' ଶାରଦା ଦେବୀ ମହାବିଦ୍ୟାଳୟ, ଭଦ୍ରକ ଇଂଜିନିୟରିଂ କଲେଜକୁ ଯାଇଥାନ୍ତି। ୭/୮ ଟି ପଂଚାୟତ ସଂଯୋଗ କରୁଥିବା ବେଳେ ଭଦ୍ରକ-ଆରଡି ରାସ୍ତାକୁ ଯୋଗ କରୁଥିବାରୁ ଏହାର ପ୍ରାଧାନ୍ୟ ବହୁତ ରହିଛି। ତୁରନ୍ତ ରାସ୍ତା ମରାମତି ଉପରେ ଦୃଷ୍ଟି ଦିଆ ନ ଗଲେ ସ୍ଥାନୀୟ ଅଂଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପୂର୍ତ୍ତ ବିଭାଗର କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଟେଣ୍ଡର ପାଇଁ ଯାଇଛି, ପାସ ହେଲେ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

## ଆଗକୁ ପଞ୍ଚାୟତ ନିର୍ବାଚନ; ବିଜେଡିର ଜୋନ୍‌ସ୍ତରୀୟ କର୍ମଶାଳା






ଧାମନଗର,୨୩।୨(ସମିସ): ଆଗାମୀ ୨୦୨୭ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ଦଳକୁ ଆହୁରି ଅଧିକ ସଂଗଠିତ କରି ପୁଣି ଥରେ ପଞ୍ଚାୟତସମିତି ଦଖଲ ପାଇଁ ବିଜୁ ଜନତା ଦଳର ଜୋନସ୍ତରୀୟ କର୍ମଶାଳା ଆରମ୍ଭ ହୋଇଛି। ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତସ୍ଥିତ ଗୋବିନ ପଡିଆଠାରେ ବିଜୁ ଜନତା ଦଳର ୧୦ନଂ ଜୋନସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇ ଆମେ ବର୍ତ୍ତମାନ କର୍ମୀଙ୍କଠାରୁ ସୁବିଧା ଅସୁବିଧା ଶୁଣିବା ତାଙ୍କ ସମସ୍ୟାକୁ ସମାଧାନ କରିବା ସହ ଦଳକୁ ମଜବୁତ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ପୁଣି ଥରେ ପଞ୍ଚାୟତସମିତି ଦଖଲ କରିବା ସେ ସମ୍ପର୍କରେ ଶ୍ରୀ ଦାସ ସୂଚନା ଦେଇଥିଲେ।

ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ,ସ୍ଥାନୀୟ ସରପଂଚ ଦୀପାଞ୍ଜଳି ନାୟକ,ସମିତି ସଭ୍ୟା ବିଣାପାଣୀ ପଣ୍ଡା, ସରପଞ୍ଚ ଅଜୟ ମଲ୍ଲିକ, ନରେନ୍ଦ୍ର ନାରାୟଣ ନାୟକ, ସୀତାକାନ୍ତ ମିଶ୍ର, ସରିତା ମହାନ୍ତି, ମମତା ଆଚାର୍ଯ୍ୟ, କସ୍ତୁରୀ ବିଶ୍ୱାଳ, ଜ୍ଞାନରଞ୍ଜନ ମହାକୁଡ, ସୂର୍ଯ୍ୟକାନ୍ତ ନାୟକ, ସୁବାସ ମହାକୁଡ, ସମିତିସଭ୍ୟା ବୈଦେହି ବେହେରାଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ସଭ୍ୟା ଯୋଗ ଦେଇଥଲେ। ଉକ୍ତ ଜୋନର ସମସ୍ତ ପଞ୍ଚାୟତ ସଭାପତି ଏବଂ ବରିଷ୍ଠ ବିଜେଡି ନେତା ପ୍ରତାପ ସାମଲ, ଶରତଚନ୍ଦ୍ର ମାଝି, ସେକ ଜାଫର ଅଲ୍ଲୀ, ଭାନୁପ୍ରକାଶ ପଲେଇ, ସୋନିଆ ମଲିକ, ସେକ ମୁକ୍ତାକ, ଛାମୁଆ ନେତା ଓ କର୍ମୀ ପ୍ରମୁଖ ଏହି ଜୋନ ସ୍ତରୀୟ କର୍ମଶାଳାରେ ଯୋଗ ଦେଇଥିଲେ। ବ୍ଲକ ଯୁବ ବିଜେଡି ସଭାପତି ଭାରତ ବିଜୟ ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଯୁବନେତା ପ୍ରକାଶ କେଶ, କାହ୍ନା ନାୟକ, ଚଗଲା ଘୋଷ, ତାପସ ରଞ୍ଜନ ସାହୁ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ଦଳୀୟ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ମୁକ୍ତିକାନ୍ତ ମଣ୍ଡଳ ଓ ରାଜେନ୍ଦ୍ର ଦାସଙ୍କ ବ୍ୟାନରେ ଫଟୋ ନଥିବା ଏବଂ ମଞ୍ଚରେ ଅନୁପସ୍ଥିତିକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଥିଲା।

**● କଇଁସିରା ଗ୍ରାମରାସ୍ତାରେ ପକ୍କାଗୃହ ନିର୍ମାଣ**

## ଅଭିଯୋଗକାରୀଙ୍କୁ ଧମକଚମକ




ଭଣ୍ଡାରିପୋଖରୀ,୨୩।୨(ସମିସ): ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ କଇଁସିରା ଗ୍ରାମର ସର୍ବସାଧାରଣ ରାସ୍ତା ପ୍ଲଟ ନଂ ୫୮୯ ଓ ତତ୍‌ସଂଲଗ୍ନ ସରକାରୀ ପ୍ଲଟ ନଂ ୫୮୨କୁ ଅବରୋଧ କରି ଗ୍ରାମର ବିକାଶ ସାହୁ ପକ୍କାଗୃହ ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ମାନସ କୁମାର ବେହେରା ଏ ସମ୍ପର୍କରେ ଅଭିଯୋଗ କରିବା ପରେ ତହସିଲ ପକ୍ଷରୁ ଗତବର୍ଷ ମାପଚୁପ କରାଯାଇ ଜବରଦଖଲ ଚିହ୍ନଟ କରାଯାଇଥିଲା। ତାରଜାଲି ଦ୍ୱାରା ଜବରଦଖଲ କରାଯାଇଥିବା ପ୍ଲଟ ନଂ ୫୮୨ର କିଛଇ ଅଂଶକୁ ଅବରୋଧ ମୁକ୍ତ କରାଯାଇଥିଲା ଓ କିଛି ଅଂଶ ଜବରଦଖଲରେ ରହିଯାଇଛି। ଅନ୍ୟପକ୍ଷରେ ପକ୍କା ଗୃହ ନିର୍ମାଣ କରି ଅବରୋଧ ହୋଇଥିବା ପ୍ଲଟ ନଂ ୫୮୯ର ଗ୍ରାମରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇ ନଥିଲା। ପ୍ରଶାସନର କୋହଳ ମନୋବୃତ୍ତି ଦେଖି ଅବରୋଧକାରୀ ବିକାଶ ସାହୁ ଅଭିଯୋଗକାରୀ ମାନସ ବେହେରାଙ୍କୁ ଧମକଚମକ ଦେଉଥିବା ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ହୋଇଛି। ସଂପୃକ୍ତ ଗ୍ରାମରାସ୍ତାକୁ ଜବରଦଖଲମୁକ୍ତ କରିବାକୁ ଜିଲ୍ଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

### ପଳସା ସରସ୍ୱତୀ ଶିଶୁମନ୍ଦିର

ବନ୍ତ/ଆଗରପଡ଼ା, ୨୩।୨(ସମିସ): ବନ୍ତବ୍ଲକ ଛୟାଳସିଂ ପଞ୍ଚାୟତ ପଳସାସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୧୬ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରର ସଭାପତି ତଥା ଶିକ୍ଷାବିତ୍ ହଳଧର ବାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ ଖଗେଶ୍ୱର ପଣ୍ଡା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଶିକ୍ଷାବିତ ଅନିଲ ନାୟକ, ମୁଖ୍ୟବକ୍ତା ଶିକ୍ଷକ ଶ୍ରୀକାନ୍ତ ପଣ୍ଡା, ସମ୍ମାନିତ ଅତିଥି ଶିକ୍ଷାବିତ ଅଲେଖଚନ୍ଦ୍ର ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରିଜାଶଙ୍କର



ଲେଙ୍କା, ଅଭୟ ପ୍ରଧାନ, ସତ୍ୟନାରାୟଣ କର, ସନ୍ତୋଷ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶିଶୁମନ୍ଦିର ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ଆଚାର୍ଯ୍ୟ ରମେଶଚନ୍ଦ୍ର ପାଢ଼ୀ ମଞ୍ଚ ସଞ୍ଚାଳନ କରିଥିଲେ। ସମ୍ପାଦକ ରବୀନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ ଓ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ଜେନା ଶିଶୁମନ୍ଦିରର ବାର୍ଷିକ ବିବରଣୀ ପଠନ କରିଥିଲେ। ବାର୍ଷିକ କ୍ରୀଡ଼ାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ଶତପଥୀ, ଜୟସ୍ମିତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ମୁଣ୍ଡଳୀ ପ୍ରାଥମିକ ବିଦ୍ୟାଳୟ

ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟରଅନ୍ତର୍ଗତ ମୁଣ୍ଡଳୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶ୍ୱେତପଦ୍ମା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଡ଼ାଏଟ୍ ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ମୁଖ୍ୟବକ୍ତା ବଉଳା କଲେଜ ଅଧ୍ୟାପକ ଫକୀର ଚରଣ ଶଂଖୁଆ ଓ ସମ୍ମାନିତ ଅତିଥି ସରପଞ୍ଚ ପ୍ରକାଶଚନ୍ଦ୍ର ବିଶ୍ୱାଳ, ଏବିଇଓ ହରେକୃଷ୍ଣ ଆପଟ, ସିଆରସିସି ନିରଜଂନ ଖିଲାର, ଶ୍ରୀରାମପୁର ପ୍ରାଥମିକ




ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଫୁଲ୍ଲଚନ୍ଦ୍ର ଜେନା, ଅବସରପ୍ରା।ପ୍ତ ପ୍ରଧାଶିକ୍ଷକ ଗୋବିନ୍ଦଚନ୍ଦ୍ର ରାଉତ, ଜଗବନ୍ଧୁ ରାଉତ, ଆନନ୍ଦଚନ୍ଦ୍ର ରାଉତ, ବିନୋଦ ବିହାରୀ ରାଉତ, ପଦ୍ମାବତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଗୋପାଳକୃଷ୍ଣ ପୁହାଣ ଓ ଶିକ୍ଷୟିତ୍ରୀ ମାନସୀ ବିଶ୍ୱାଳଙ୍କ ସମେତ କ୍ଲଷ୍ଟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଭିନ୍ନ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### କୌଶଲ୍ୟା ସରକାରୀ ଉ.ପ୍ରା ବିଦ୍ୟାଳୟ

ବନ୍ତ ବ୍ଲକ ରାମପୁର ପଞ୍ଚାୟତ କୌଶଲ୍ୟା ସରକାରୀ ଉ.ପ୍ରା ବିଦ୍ୟାଳୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ



ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଶ୍ୱନାଥ ଦୀକ୍ଷିତ, ମୁଖ୍ୟବକ୍ତା ପ୍ରାକ୍ତନ ଅତିରିକ୍ତ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଶିକ୍ଷାବିତ୍ ସୋମନାଥ ସୂତାର, ପ୍ରଧାନଶିକ୍ଷକ ଶରତ ନାୟକ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ ମଲ୍ଲିକ, ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁଧୀର ରାଉତ, ଶିକ୍ଷକ ଅନିରୁଦ୍ଧ ମଙ୍ଗଳ, ସମିତିସଭ୍ୟ ମୁନି ମୁଣ୍ଡା, ପରିଚାଳନା କମିଟି ସଭାପତି ବିଜେନ୍ଦ୍ର ବେହୁରିଆ ଯୋଗ ଦେଇଥିଲେ। ଶିକ୍ଷକ ନରେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମନୋରଞ୍ଜନ ମଲ୍ଲିକ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ ଓ କଳା ଶିକ୍ଷକ ଅଶୋକ ପହି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

### ଜାହାଙ୍ଗୀର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ଧାମନଗର/ଦୋବଲ: ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ଏହି ଦଶମ ବାର୍ଷିକ ଉତ୍ସବର ପୂର୍ବତନ ପ୍ରଧାନଶିକ୍ଷକ ଗୌରାଙ୍ଗ




ଚରଣ ବାରିକ ସଭାପତିତ୍ୱ କରିଥିଲା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ମୁଖ୍ୟବକ୍ତା ପୂର୍ବତନ ଶିକ୍ଷକ ବାବାଜୀ ଚରଣ ପଣ୍ଡା, ସମ୍ମାନିତ ଅତିଥି ପ୍ରେସ କ୍ଲବ୍ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଘଡ଼ାଇ, ବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ସଞ୍ଜୟ ମହାପାତ୍ର ଓ ପୂର୍ବତନ ସରପଞ୍ଚ ଅଭୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଅଜିତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସ୍କୁଲର ପ୍ରତିଷ୍ଠାତା ବିରଜା ପ୍ରସନ୍ନ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୁଶ୍ରୀ

ସକାଳ
THE SAKALA
www.sakalaepaper.com

## ଫେସ୍ ଅଏଲ୍‌ରୁ ଉଜ୍ଜ୍ୱଳ ତ୍ୱଚା



**ଉଜ୍ଜ୍ୱଳ ତଥା ଚମକଯୁକ୍ତ ତ୍ୱଚା ପାଇଁ ମହିଳାମାନେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ଉପଚାର କରିଥାନ୍ତି । କିନ୍ତୁ ଚାହିଁଲେ କେବଳ ଫେସିଆଲ୍ ଅଏଲ୍ ଲଗାଇ ମୁହଁର ଉଜ୍ଜ୍ୱଳତା ବଢ଼ାଇପାରିବେ । ଜାଣିବା ସେ ବିଷୟରେ...**

**ଆର୍ଗନ୍ –** ଏହି ତେଲରେ ଭିଟାମିନ୍ – ଇ, ଓ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଥାଏ । ତେଣୁ ଏହା ତ୍ୱଚାକୁ ପୋଷଣ ଦେବା ସହ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ ।

**ଜୋଜୋବା –** ହାତରେ ତିନି ଚାରି ବୁନ୍ଦା ଜୋଜୋବା ତେଲ ନେଇ ତ୍ୱଚାରେ ଲଗାଇ ଭଲରେ ମସାଜ୍ କରନ୍ତୁ । ଏହା ତ୍ୱଚାରେ ଥିବା ଲୋମଛିଦ୍ରକୁ ବନ୍ଦ କରିବାରେ ସହାୟକ ହୋଇଥାଏ । ଏଥି ସହ ତ୍ୱଚାକୁ ନରମ ରଖି ତ୍ୱଚାରେ ଚମକ ବୃଦ୍ଧି କରିଥାଏ ।

**ଗୋଲାପ –** ଗୋଲାପ ତେଲରେ ଭରପୂର ମାତ୍ରାରେ ଭିଟାମିନ୍ ସି ରହିଥାଏ । ଏହା ତ୍ୱଚାର ଦାଗ ସମସ୍ୟାକୁ ଦୂର କରି ଚମକ ଆଣିଥାଏ ।

**ଆଭାକାଡୋ –** ଏହି ତେଲରେ ଭିଟାମିନ- ଏ, ଡି, ଇ ଅଧିକ ମାତ୍ରାରେ ରହିଥାଏ । ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ପୋଷଣ ଦେଇଥାଏ । ରାତିରେ ଶୋଇବା ପୂର୍ବରୁ ମୁହଁରେ ହାଲୁକା ମସାଜ୍ କରି ଲଗାନ୍ତୁ । ଏଥିରୁ ଚମକଯୁକ୍ତ ତ୍ୱଚା ମିଳିଥାଏ ।

## ଆଚାରରୁ ଆୟ

**ସାଧାରଣତଃ ମହିଳାମାନଙ୍କ ଦ୍ୱାରା ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ବିଷୟରେ କହିଲେ ବଡ଼ି, ପାମ୍ପଡ଼ ଓ ଆଚାର ହିଁ ଆଖି ସାମ୍ନାକୁ ଆସିଥାଏ । କାରଣ ଏହି ଜିନିଷର କଞ୍ଚାମାଲ ସହଜରେ ମିଳିପାରୁଥିବା ବେଳେ ଏହାର ବିକ୍ରିବଟାରେ ମଧ୍ୟ ବିଶେଷ ଅସୁବିଧା ହୋଇ ନଥାଏ । ସେଥିପାଇଁ ଏହାକୁ ବହୁ ସ୍ୱୟଂସହାୟକ ଗୋଷ୍ଠୀ ଆପଣାଇଥାନ୍ତି । ସେମିତି ଏକ ଗୋଷ୍ଠୀ ହେଲେ ଉତ୍ତରପ୍ରଦେଶ ଲଖିମପୁର ଖେରି ଜିଲ୍ଲା ମହେଶପୁର ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ । ଏହି ଗୋଷ୍ଠୀର ମହିଳାମାନେ ଭଲିକି ଭଲି ଆଚାର ପ୍ରସ୍ତୁତ କରି ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିପାରୁଛନ୍ତି । ଏହାଦ୍ୱାରା ମହିଳାମାନେ ସାମାଜିକସ୍ତରରେ ସଶକ୍ତ ହେବା ସହ ଆତ୍ମନିର୍ଭର ହୋଇପାରିଛନ୍ତି ।**





ରବିତା କୁଶବାହା ନାମ୍ନୀ ମହିଳାଙ୍କ କହିବାନୁଯାୟୀ, ସେ ଗତ ଦୁଇ ବର୍ଷ ଧରି ଏହି ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇଛନ୍ତି । ସେ ଗୋଷ୍ଠୀର ଥିବା ଅନ୍ୟ ମହିଳାଙ୍କ ସହ ମିଳିତ ହୋଇ ଏହି ଆଚାର ପ୍ରସ୍ତୁତ କରନ୍ତି । ଏହି ଗୋଷ୍ଠୀରେ ସମୁଦାୟ ୧୦ ଜଣ ମହିଳା ରହିଛନ୍ତି । ଏଥିରେ ମହିଳାମାନେ ମିଳିତ ହୋଇ ଆଚାର ତିଆରି କରିବାରେ ପରସ୍ପରକୁ ସାହାଯ୍ୟ କରିଥାନ୍ତି । ବର୍ତ୍ତମାନ ସମୟରେ ମହିଳାମାନେ ମୋଟ ୧୦ ପ୍ରକାରର ଆଚାର ତିଆରି କରୁଛନ୍ତି । କିଲୋ ପିଛା ଏହାକୁ ୨୦୦ ଟଙ୍କାରେ ବିକ୍ରି କରାଯାଇଥାଏ । ଏହି ଆଚାରକୁ ଏକ ପ୍ଲାଷ୍ଟିକ୍ ଡବାରେ ଭର୍ତ୍ତି କରି ଦୁର୍ଗା ସ୍ୱାଦିଷ୍ଟ ଆଚାର ନାମରେ ଏକ ଷ୍ଟିକର୍ ଲଗାଇ ବଜାରରେ ବିକ୍ରି କରାଯାଇଥାଏ । ବଜାରରେ ଏହାର ଚାହିଦା ମଧ୍ୟ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି । ଏହାଦ୍ୱାରା ବେଶ ଦୁଇ ପଇସା ରୋଜଗାର ମଧ୍ୟ ହୋଇପାରୁଛି । ଗୋଷ୍ଠୀ ମହିଳାମାନେ ମିଳିତ ହୋଇ କଞ୍ଚାଲଙ୍କା, ଲାଲ୍ ଲଙ୍କା, ଗାଜର, ଲେମ୍ବୁ, ଆମ୍ବ, କୋବି, ପଣସ ସାଙ୍ଗକୁ ମିକ୍ସ ଆଚାର ମଧ୍ୟ ପ୍ରସ୍ତୁତ କରିଥାନ୍ତି । ଏହା ଦ୍ୱାରା ମହିଳାମାନେ ଘରର ନିତିଦିନିଆ ଖର୍ଚ୍ଚରେ ପରିବାରକୁ ସାହାଯ୍ୟ କରିଥାନ୍ତି ।

ଅବଶ୍ୟ ଏହି ଆଚାର ପ୍ରସ୍ତୁତି ପ୍ରକ୍ରିୟାଟି ସଠିକ୍ ଭାଗମାପ ଅନୁସାରେ କରାଯାଏ । ଏଥିରେ ଏପଟସେପଟ ହେଲେ ଆଚାର ସ୍ୱାଦହୀନ ହେବାର ସମ୍ଭାବନା ରହିଥାଏ । ତେବେ ଆଚାର ଅନୁଯାୟୀ, ଭିନ୍ନ ଭିନ୍ନ ପ୍ରକ୍ରିୟା ରହିଛି । କାର୍ଯ୍ୟକୁ ସହଜ, ସରଳ କରିବା ପାଇଁ ମହିଳାମାନେ କାମଗୁଡ଼ିକୁ ପରସ୍ପର ମଧ୍ୟରେ ବାଣ୍ଟି ଦେଇଥାନ୍ତି । କିଛି ମହିଳା ଲେମ୍ବୁ, ଆମ୍ବ, ଗାଜର, ପଣସ ଆଦିରେ ଲୁଣ ଦେଇ ତାକୁ ଜୁଆଇ ଶୁଖାଇବା କାର୍ଯ୍ୟ କରିଥାନ୍ତି । ଅନ୍ୟ ମହିଳାମାନେ ଆଚାର ପାଇଁ ଆବଶ୍ୟକୀୟ ମସଲା ପ୍ରସ୍ତୁତ କରିଥାନ୍ତି ।

ମହିଳାଙ୍କ କହିବାନୁଯାୟୀ, ଅନ୍ୟ ବ୍ୟବସାୟ ତୁଳନାରେ ଏହି ଆଚାର ବ୍ୟବସାୟ ଖୁବ୍ ଭଲ । ଏଥି ପାଇଁ କଞ୍ଚାମାଲ ସହଜରେ ମିଳିଥାଏ । ଏଥିପାଇଁ ଅତ୍ୟାଧୁନିକ ଉପକରଣ ତଥା କୌଣସି ବଡ଼ କୋଠରିର ଆବଶ୍ୟକତା ପଡ଼େ ନାହିଁ । ସ୍ୱଳ୍ପପୁଞ୍ଜି ଖଟାଇବାକୁ ପଡ଼ିଥାଏ । ଏହାକୁ ସବୁ ମହିଳାମାନେ ମଧ୍ୟ ତିଆରି କରିପାରିବେ । ଅଳ୍ପ ବହୁତେ ସମସ୍ତେ ଆଚାର ପ୍ରସ୍ତୁତି ଜାଣିଥାନ୍ତି । ତେଣୁ କିଛିଟା ଉପାୟକୁ ଆପଣାଇ ଏହି ଆଚାର ତିଆରି କରି ରୋଜଗାର କରିପାରିବେ ।

## ସ୍ପ୍ରିଙ୍ଗ୍ ଆଉଟ୍‌ଫିଟ୍

**ସାଧାରଣତଃ ଫେଶନ ଟ୍ରେଣ୍ଡ ଅନୁସାରେ ନିଜକୁ ଅପଡେଟ୍ ରଖିବାକୁ ସମସ୍ତେ ପସନ୍ଦ କରନ୍ତି । ଏବେ ବସନ୍ତ ଋତୁ ଆରମ୍ଭ ହୋଇଛି । ତେଣୁ ଋତୁ ଅନୁଯାୟୀ ଫେଶନ୍‌ରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଏହି ଋତୁରେ ହାଲୁକା ରଙ୍ଗର ଆଉଟ୍‌ଫିଟ୍ ପିନ୍ଧିଲେ ଏହା ଶରୀରରକୁ ଖୁବ୍ ସୁନ୍ଦର ମାନିଥାଏ ।**





**ଫ୍ଲୋରାଲ୍ ପ୍ରିଣ୍ଟ ସରାରା –** ଋତୁ ଅନୁଯାୟୀ ନିଜକୁ ସୁନ୍ଦର ଦେଖାଇବାକୁ ଚାହୁଁଥିଲେ, ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ପିନ୍ଧିପାରିବେ । ଫୁଲରେ ଚିତ୍ରିତ ଏହି ଡ୍ରେସ୍ ପିନ୍ଧିବା ଦ୍ୱାରା ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ଏଥି ସହ ଲମ୍ବା ଅନାରକଲି ଓ ସରାରା ସୁଟ୍ ମଧ୍ୟ ପିନ୍ଧିପାରିବେ ।

**ମ୍ୟାକ୍ସି ଡ୍ରେସ୍ –** ଏ ପ୍ରକାର ଡ୍ରେସ୍ ଶରୀରକୁ ଖୁବ୍ ଆରାମଦାୟକ ଲାଗିଥାଏ । ଏଥି ସହ ସୁନ୍ଦର ମଧ୍ୟ ଦେଖାଯାଏ । ସାଙ୍ଗସାଥୀଙ୍କ ସହ ଆଉଟିଙ୍ଗ୍‌ରେ ଯିବାକୁ ଚାହୁଁଥିଲେ, ଏହି ଡ୍ରେସ ପିନ୍ଧିପାରିବେ । ଏଥିରୁ ଏକ କୁଲ ଲୁକ୍ ପାଇବାକୁ ଚାହୁଁଥିଲେ ଡେନିମ୍ ଜ୍ୟାକେଟ୍ ପିନ୍ଧିପାରିବେ ।

**ଅନାରକଲି ଗାଉନ୍ –** ହାଲୁକା ରଙ୍ଗର ଆଉଟ୍‌ଫିଟ୍ ଏହି ଋତୁକୁ ଖୁବ୍ ସୁନ୍ଦର ମାନିଥାଏ । ଚାହିଁଲେ, ଗୋଲାପି ଓ ହାଲୁକା ହଳଦୀ ରଙ୍ଗର ଅନାରକଲି ପିନ୍ଧିପାରିବେ । ଏହା ସାଙ୍ଗକୁ ଲମ୍ବା କାନଫୁଲ ପିନ୍ଧିପାରିବେ ।



**ପ୍ଲାଜୋ କ୍ରପ୍ ଟପ୍ସ –** ଆରାମ ସାଙ୍ଗକୁ ନିଜକୁ ଏକ ଷ୍ଟାଇଲିଶ୍ ଲୁକ୍ ଦେବାକୁ ଚାହୁଁଥିଲେ, ଧଳା ପ୍ଲାଜୋ ସାଙ୍ଗକୁ କଟନ୍ ଫ୍ଲୋରାଲ୍ ଟପ୍ସ ପିନ୍ଧିପାରିବେ । ଏଥି ସହ ନିଜ ପସନ୍ଦ ମୁତାବକ ରଙ୍ଗ ମଧ୍ୟ ଚୟନ କରିପାରିବେ ।

ଏ ପ୍ରକାର ଆଉଟ୍ ଫିଟ୍ ସହ ଷ୍ଟ୍ରେପି ହିଲ୍ସ ଏବଂ ଷ୍ଟେଟ୍‌ମେଣ୍ଟ ଜୁଏଲାରୀ ବେଶୀ ସୁନ୍ଦର ମାନିଥାଏ ।

## ସଫା କରନ୍ତୁ ସୋଫା

**ସୋଫା ଘରର ସୁନ୍ଦରତା ବଢ଼ାଇବା ସହ ଏକ ଗୁରୁତ୍ୱପୂର୍ଣ୍ଣ ଆସବାବପତ୍ର ଭାବେ ଜଣାଯାଏ । ଯାହାକୁ ପ୍ରାୟ ସମସ୍ତେ ବ୍ୟବହାର କରିଥାନ୍ତି । କିନ୍ତୁ ନିୟମିତ ବ୍ୟବହାର କରିବା ଯୋଗୁ ଏଥିରେ ଧୂଳି, ମଳି ଜମିଯାଏ । ତେଣୁ ଏହାକୁ ନିୟମିତ ବ୍ୟବଧାନରେ ସଫା କରିବା ଆବଶ୍ୟକ ।**



- ସୋଫାରେ ଜମିଥିବା ଧୂଳି ମଳି ତଥା ଦାଗକୁ ସଫା କରିବା ପାଇଁ ଭାକ୍ୟୁମ୍ କ୍ଲିନର୍ ବ୍ୟବହାର କରିପାରିବେ । ନଚେତ୍ ଶୁଖିଲା ବ୍ରଶ୍‌ରେ ଘଷି ସଫା କରିପାରିବେ ।
- ଗୋଟିଏ ପାତ୍ରରେ ଅଳ୍ପ ନଖ ଉଷୁମ ଗରମ ପାଣି ନେଇ ସେଥିରେ ତିନି ଚାମଚ ଡିସ୍‌ୱାସ୍ ଜେଲ୍ ମିଶାନ୍ତୁ । ଏହାକୁ ଭଲରେ ମିଶ୍ରଣ କରି ଗୋଟିଏ ସ୍ପ୍ରେ' ବୋତଲରେ ରଖନ୍ତୁ । ଖଣ୍ଡେ ସୂତା କପଡ଼ା କିମ୍ବା ସ୍ପଞ୍ଜ୍‌ରେ ଏହି ମିଶ୍ରଣକୁ ସ୍ପ୍ରେ' କରି ଦାଗ ଥିବା ସ୍ଥାନରେ ଘଷନ୍ତୁ । ଏହା ଦ୍ୱାରା ସୋଫା ପରିଷ୍କାର ହୋଇଥାଏ ।
- ସେହିପରି ଚାହିଁଲେ ଲେମ୍ବୁରସରେ ମଧ୍ୟ ସୋଫା ସଫା କରିପାରିବେ ।

## ମୋ ହାଣ୍ଡିଶାଳରୁ...

## ହନି ଚିଲି ପଟାଟୋ

### ଆବଶ୍ୟକ ସାମଗ୍ରୀ

ମଧ୍ୟମ ଆକାରର ଆଳୁ – ଚାରି /ପାଞ୍ଚଟି, କନ୍‌ଫ୍ଲୋର୍- ଏକ କପ୍, ମଇଦା- ଏକ କପ୍, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, କଟା ପିଆଜ – ଏକ କପ୍, କଟା କ୍ୟାପ୍‌ସିକମ୍ – ଏକ କପ୍, କଟା ଅଦା ରସୁଣ – ଅଧା କପ୍, ଟମାଟୋ ସସ୍ – ଦୁଇ ଚାମଚ, ସୋୟା ସସ୍ – ଦୁଇ ଚାମଚ, ଗ୍ରୀନ୍ ଚିଲି ସସ୍ – ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ପିଆଜ ଶଣ୍ଢା – ଅଳ୍ପ, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଆଳୁକୁ ଲମ୍ବରେ କାଟି ଧୋଇ ରଖନ୍ତୁ । ଏହା ପରେ ଚୁଲାରେ କଡ଼େଇ ବସାଇ ପାଣି ଫୁଟାନ୍ତୁ । ପାଣି ଫୁଟିଲା ପରେ ସେଥିରେ କଟା ଆଳୁକୁ ପକାଇ ପାଞ୍ଚ / ସାତ ମିନିଟ୍ ସିଝାନ୍ତୁ । ସେହି ପାଣିରେ ଅଳ୍ପ ଲୁଣ ସାଙ୍ଗକୁ ଏକ ଚାମଚ ଭିନେଗାର ଦିଅନ୍ତୁ । ପାଞ୍ଚ / ସାତ ମିନିଟ୍ ପରେ ଆଳୁକୁ କାଢ଼ି ଦିଅନ୍ତୁ । ଗୋଟିଏ ପାତ୍ର ନେଇ , ସେଥିରେ କନ୍‌ଫ୍ଲୋର, ମଇଦା, ଗୋଲମରିଚ ଗୁଣ୍ଡ ଓ ଲୁଣ ମିଶାଇ ଗୋଳାନ୍ତୁ । ସେଥିରେ ସିଝା ଆଳୁ ଦେଇ ଭଲରେ ଗୋଳାଇ ଦିଅନ୍ତୁ । ଆଉ ଏକ ଚୁଲାରେ କଡ଼େଇ ବସାଇ ଛାଣିବା ପାଇଁ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ଗୋଳାଇ ରଖିଥିବା ଆଳୁକୁ ଦେଇ ଛାଣନ୍ତୁ । ଆଳୁ ସୁନେଲି ରଙ୍ଗ ହୋଇଯିବା ପରେ କାଢ଼ି ଦିଅନ୍ତୁ । ପରେ ଚୁଲାରେ ଆଉ ଏକ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ଏହାପରେ କଟା ଅଦା ରସୁଣ , ପିଆଜ , କ୍ୟାପ୍‌ସିକମ୍ ଦେଇ ଭାଜନ୍ତୁ । ସାମାନ୍ୟ ଭାଜି ହୋଇଯିବା ପରେ ସେଥିରେ ଟମାଟୋ ସସ୍, ଚିଲି ସସ୍, ସୋୟା ସସ୍, ଲୁଣ , ଲଙ୍କାଗୁଣ୍ଡ ପକାଇ ପିଠାଖଡ଼ିକାରେ ଏପାଖସେପାଖ କରି ଦିଅନ୍ତୁ । ଏହାପରେ ଅଧାକପ୍ ପାଣି ଦେଇ ମସଲା ଫୁଟାନ୍ତୁ । ଏଥି ସହ ଛାଣି ରଖିଥିବା ଆଳୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ ପିଆଜ ଶଣ୍ଢା ପକାଇ ପରଷନ୍ତୁ 'ହନି ଚିଲି ପଟାଟୋ' ।



## ହେୟାର ପରଫ୍ୟୁମ



**ଅନେକ ସମୟରେ କେଶରେ ଧୂଳି, ଝାଳ ତଥା ହିଟିଙ୍ଗ୍ ମେସିନ୍ ବ୍ୟବହାର କାରଣରୁ କେଶରୁ ଦୁର୍ଗନ୍ଧ ବାହାରିଥାଏ । ହର୍ବାଲ୍ ସାମ୍ପୁରେ କେଶ ସଫା କଲେ ମଧ୍ୟ ଏହି ସମସ୍ୟା ଦୂର ହୁଏ ନାହିଁ । ଏପରି ସ୍ଥଳେ କେଶରେ ହେୟାର୍ ପର୍‌ଫ୍ୟୁମ୍ ଲଗାଇ କେଶ ଦୁର୍ଗନ୍ଧ ଦୂର କରିପାରିବେ । ଏଥି ସହ କେଶର ଚମକ ମଧ୍ୟ ବୃଦ୍ଧି ପାଏ ।**

- ହେୟାର୍ ପର୍‌ଫ୍ୟୁମ୍ କେଶକୁ ନରମ କରିବା ସହ ମଏଶ୍ଚରାଇଜ୍ କରିଥାଏ ।
- କେଶକୁ ପୋଷଣ ଦେବା ସହ କେଶର ତେଲିଆପଣ ଦୂର କରିଥାଏ ।
- ସେହିପରି ଏହା କେଶରୁ ଝାଳ ଓ ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥି ସହ କେଶକୁ ସୁସ୍ଥ ରଖିଥାଏ ।
- ଏହା ଶୁଷ୍କ ଏବଂ କୁଞ୍ଚୁକୁଞ୍ଚିଆ କେଶକୁ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ ।
- ଦୀର୍ଘ ସମୟ ଧରି ହେୟାର୍ ପରଫ୍ୟୁମ୍ ବ୍ୟବହାର କଲେ ଏହା କେଶକୁ କ୍ଷତି ପହଞ୍ଚାଇଥାଏ ।

## ଫୁଟ୍ କ୍ରିମ୍

**ସାଧାରଣତଃ ସମସ୍ତେ ତ୍ୱଚାର ଯତ୍ନ ନିଅନ୍ତି । ଏଥିପ୍ରତି ବେଶ୍ ସଚେତନ ମଧ୍ୟ ଥାଆନ୍ତି । କିନ୍ତୁ ପାଦପ୍ରତି ଏତେଟା ଧ୍ୟାନ ରଖି ନଥାନ୍ତି । ତେବେ ପାଦର ଯତ୍ନ ନ ନେଲେ ଏହା ଫାଟିଥାଏ । ଏଥି ସହ ଶୁଷ୍କ ମଧ୍ୟ ହୋଇଯାଏ । ଅବଶ୍ୟ କେହି କେହି ବଜାରରେ ମିଳୁଥିବା କ୍ରିମ୍ କିଣି ତାହାକୁ ପାଦରେ ଲଗାଇଥାନ୍ତି । ହେଲେ ଘରେ ଥିବା ସାମଗ୍ରୀକୁ ଉପଯୋଗ କରି ମଧ୍ୟ ଫୁଟ୍ କ୍ରିମ୍ ପ୍ରସ୍ତୁତ କରିପାରିବେ । ଜାଣିବା ସେ ବିଷୟରେ...**

- ଅଁଳା, ଅଲିଭ୍ ଅଏଲ୍ ଏବଂ ମହୁ ମିଶାଇ ଫୁଟ୍ କ୍ରିମ୍ ପ୍ରସ୍ତୁତ କରିପାରିବେ । ଏଥିପାଇଁ ଗୋଟିଏ ପାତ୍ରରେ ଦୁଇ ଚାମଚ ଅଳାଁ ପାଉଡରଅ ନେଇ ସେଥିରେ ଅଲିଭ୍ ତେଲ ମିଶାଇ କିଛି ସମୟ ଘୋଡ଼ାଇ ରଖନ୍ତୁ । ଏହାପରେ ମହୁ, ହଳଦୀ ଓ ଗ୍ଲିସେରିନ୍ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଶୋଇବା ପୂର୍ବରୁ ଏହାକୁ ପାଦରେ ପତଳା କରି ଲଗାନ୍ତୁ ।
- ପ୍ରାକୃତିକ ଉପାୟରେ ପାଦକୁ କୋମଳ ରଖିବାକୁ ଚାହୁଁଥିଲେ, ଅଳାଁ, ଅଲିଭ୍ ଅଏଲ୍ ସହ କ୍ଷୀର ମିଶାଇ କ୍ରିମ୍ ପ୍ରସ୍ତୁତ କରିପାରିବେ । ଏଥିପାଇଁ ଅଳାଁ ପାଉଡରରେ ଅଲିଭ୍ ଅଏଲ ମିଶାଇ ଭଲ ଭାବେ ଗୋଳାନ୍ତୁ । ଏହାକୁ କିଛି ସମୟ ରଖି ସେଥିରେ କ୍ଷୀର ଦେଇ କ୍ରିମ୍ ପ୍ରସ୍ତୁତ କରନ୍ତୁ । ଏହାକୁ ପାଦରେ ଲଗାଇ କିଛି ସମୟ ପରେ ଧୋଇ ଦିଅନ୍ତୁ । ହୋଇଥାଏ ।



## ଜାତୀୟ ବରିଷ୍ଠ ପୁରୁଷ କବାଡ଼ି

# ରେଲୱେକୁ ହରାଇ ସର୍ଭିସେସ୍ ଚାମ୍ପିଅନ

**କଟକ,୨୩।୨(ସମିସ):** ଏକ ରୋମାଞ୍ଚକ ମୁକାବିଲାରେ ରେଲୱେକୁ ହରାଇ ସର୍ଭିସେସ ଏଠାରେ ଚାଲିଥିବା ୭୧ତମ ଜାତୀୟ ବରିଷ୍ଠ ପୁରୁଷ କବାଡ଼ି ଚାମ୍ପିଅନସିପ୍‌ର ଟାଇଟଲ ହାସଲ କରିଛି। ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ରବିବାର ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଉଭୟ ରେଲୱେ ଏବଂ ସର୍ଭିସେସ ନିର୍ଦ୍ଧାରିତ ସମୟରେ ୩୦ ପଏଣ୍ଟ ଲେଖାଏ ସଂଗ୍ରହ କରିଥିଲେ। ଫଳାଫଳ ନିର୍ଦ୍ଧାରଣ ନିମନ୍ତେ ଅତିରିକ୍ତ ୫ମିନିଟ ଲେଖାଏ ସମୟ ଦିଆଯାଇଥିଲା। ଏଥିରେ ସର୍ଭିସେସ ୬ ପଏଣ୍ଟ ହାତେଇଥିବା ବେଳେ ରେଲୱେ ୩ ପଏଣ୍ଟ ସଂଗ୍ରହ କରି ରନର୍ସଅପ ହୋଇଛି।

ପ୍ରକାଶଯୋଗ୍ୟ, ଭାରତୀୟ ଆର୍ମେଚର କବାଡ଼ି ଫେଡେରେସନ ଦିଗ୍‌ଦର୍ଶନରେ ଓଡ଼ିଶା କବାଡ଼ି ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ୪ ଦିନ ଧରି ଏହି ପ୍ରତିଯୋଗିତା ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଖେଳାଯାଉଥିଲା। ଏଥିରେ ୩୦ଟି ରାଜ୍ୟ ସମେତ ୪ଟି ବିଭାଗୀୟ ଦଳ ଭାଗ ନେଇଥିଲେ। ପ୍ରୋ-କବାଡ଼ି ଲିଗ୍‌ର ତାରକାଙ୍କୁ ମିଶାଇ ୫୦ରୁ ଅଧିକ ଚର୍ଚ୍ଚିତ ଖେଳାଳିଙ୍କୁ ଦେଖିବାକୁ ମିଳିଥିଲେ।



## ଓଡ଼ିଶା କ୍ରିକେଟ ଆସୋସିଏସନ

# ପଙ୍କଜ ଲୋଚନ ନୂଆ ସଭାପତି



**କଟକ,୨୩।୨(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି ପଙ୍କଜ ଲୋଚନ ମହାନ୍ତି। ରବିବାର ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅବସରରେ ନିର୍ବାଚନ ଅଧିକାରୀ ଏମ.ଏଲ. ମଜୁମଦାର ଶ୍ରୀ ମହାନ୍ତିଙ୍କୁ ନିଦ୍ୱର୍ନ୍ଦରେ ସଭାପତି ଭାବେ ନିର୍ବାଚିତ ବୋଲି ଘୋଷଣା କରିଥିଲେ। ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ସମେତ ଓସିଏର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ପଙ୍କଜ ଲୋଚନ ଦ୍ୱିତୀୟଥର ନିମନ୍ତେ ଓସିଏର ସଭାପତି ହୋଇଛନ୍ତି।

ପ୍ରକାଶଯୋଗ୍ୟ, ଗତ ଡିସେମ୍ବର୨୯ରେ ପ୍ରଣବ ପ୍ରକାଶ ଦାସ ବ୍ୟକ୍ତିଗତ କାରଣ ଦର୍ଶାଇ ସଭାପତି ପଦରୁ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ପଙ୍କଜ ଲୋଚନଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଗତ ୧୩ ତାରିଖରୁ ଓସିଏର ସଭାପତି ପଦ ନିମନ୍ତେ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପଙ୍କଜ ଲୋଚନଙ୍କ ବ୍ୟତୀତ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ କରିନଥିଲେ। ପଙ୍କଜ ଲୋଚନ ସଭାପତି ହେବା ସହିତ ଓସିଏର ଉପସଭାପତି ପଦ ଏବେ ଫାଙ୍କା ହୋଇଛି।

# କିଲିମାଞ୍ଜୋର ହାଫ୍ ମାରାଥନରେ ଦୌଡ଼ିଲେ ସୌଭାଗ୍ୟ



**ଭୁବନେଶ୍ୱର, ୨୩।୨ (ସମିସ):** ଓଡ଼ିଆ ଦମ୍ପତି ସୌଭାଗ୍ୟ କୁମାର ରଥ ଓ ସାଗରିକା ମିଶ୍ର ସୋମବାରଠାରୁ ଆଫ୍ରିକା ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ କିଲିମାଞ୍ଜୋର ଚଢ଼ିବା ଆରମ୍ଭ କରିବେ। ପୂର୍ବ ଆଫ୍ରିକୀୟ ଦେଶ ତାଞ୍ଜାନିଆରେ ଅବସ୍ଥିତ ମାଉଣ୍ଟ କିଲିମାଞ୍ଜୋରର ଉଚ୍ଚତା ୧୯,୩୪୧ ଫୁଟ୍ ରହିଛି। ସମୁଦ୍ର ପତନରୁ ଏହା ୫,୮୯୫ ମିଟର ଉଚ୍ଚରେ ଅବସ୍ଥିତ। ଯଦି ସୌଭାଗ୍ୟ ଓ ସାଗରିକା ସଫଳତାର ସହ ଏହି ଗିରିଶୃଙ୍ଗକୁ ଚଢ଼ନ୍ତି ତେବେ ପ୍ରଥମ ଓଡ଼ିଆ ଦମ୍ପତି ଭାବେ କୀର୍ତ୍ତିମାନ ସ୍ଥାପନ କରିବେ। ତେବେ ଏଥିପୂର୍ବରୁ ସୌଭାଗ୍ୟ ରବିବାର କିଲିମାଞ୍ଜୋର ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ (୨୧.୧ କିମି)ରେ ଅଂଶଗ୍ରହଣ କରିଥିଲେ। ସେ ଏହି ଦୂରତାକୁ ୨ ଘଣ୍ଟା ୨୪ ମିନିଟ୍ ୨୨ ସେକେଣ୍ଡରେ ଫିନିଶ କରି ୧୫୪୭ତମ ସ୍ଥାନରେ ରହିଥିଲେ। ସଫଳତାର ସହ ମାରାଥନ ଶେଷ କରିଥିବାରୁ ସୌଭାଗ୍ୟଙ୍କୁ ଅଂଶଗ୍ରହଣକାରୀ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ସୌଭାଗ୍ୟ ବର୍ତ୍ତମାନ ସମ୍ବଲପୁରସ୍ଥିତ ଆକାଶବାଣୀରେ କାର୍ଯ୍ୟରତ। ସେହିଭଳି ସାଗରିକା ରେଙ୍ଗାଲି ବ୍ଲକରେ ପ୍ରାଣୀ ଚିକିତ୍ସକ ରହିଛନ୍ତି।

## ■ ତମାଣ୍ଡୋ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

# ଆଇକନିକ୍ ଇଲେଭେନର ସହଜ ବିଜୟ



**ଭୁବନେଶ୍ୱର, ୨୩।୨ (ସମିସ):** ତମାଣ୍ଡୋ ପ୍ରିମିୟର ଲିଗ୍ (ଟିପିଏଲ) କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୭ମ ସଂସ୍କରଣ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜଟଣୀ ବିଧାୟକ ବିଭୁତି ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ କ୍ୟାପଟେନ ମନ୍ମଥ ରାଉତରାୟ, ସମ୍ମାନିତ ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା ଉପସ୍ଥିତ ରହିଥିଲେ। ପ୍ରଥମ ଦିବସରେ ଟେମ୍ପଲ ସିଟି ଷ୍ଟାରସ୍ ଓ ଆଇକନିକ ଇଲେଭେନ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଆଇକନିକ୍ ଇଲେଭେନ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୩ ରନ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ (୫୦ ରନ) ଓ ବୈଭଶ ଶ' (୬୪) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପ୍ରତିପକ୍ଷ ବୋଲର ବିଶ୍ୱଜିତ୍ ମଲ୍ଲିକଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଟେମ୍ପଲ ସିଟି ୧୩.୩ ଓଭରରେ ମାତ୍ର ୭୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଆଇକନିକ ଦଳର ସ୍ୱରୂପ ଭୂୟାଁ ୪ ଓ ପିଙ୍କୁନ ମଲ୍ଲିକ ୩ଟି ୱିକେଟ୍ ନେଇଥିଲେ। ସ୍ୱରୂପ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଜ୍ୟୋସ୍ନାମୟୀ ବଡ଼ଜେନା ଅତିଥିଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ଏମ୍‌ଏମ୍‌ସିସି ସମ୍ବଲପୁର ଓ କନିକା ୱାରିୟର୍ସ (କେନ୍ଦ୍ରାପଡ଼ା) ମଧ୍ୟରେ ମ୍ୟାଚ୍ ଖେଳାଯିବ। ଦୁର୍ଗାଦତ୍ତ ଦାସ ଓ ଧୀରଜ କୁମାର ସିଂ ମ୍ୟାଚ୍ ପରିଚାଳନା କରିଥିଲେ।

## ମାର୍ଚ୍ଚ ୧୦ରୁ ଭିଜି ଟ୍ରଫି

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ ୪

**ଭୁବନେଶ୍ୱର, ୨୩।୨ (ସମିସ):** କିଟ୍ ଓ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ଏଠାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ (ପୁରୁଷ) ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ରବୀନ୍ଦ୍ର ଭାରତୀୟ ବିଶ୍ୱବିଦ୍ୟାଳୟ (କୋଲକାତା) ୯ ରନରେ ପାଟାଳିପୁତ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ସେହିଭଳି ଚାମ୍ପିଅନ ଓ ରନର୍ସଅପ୍ ସମେତ ଗ୍ରୁପ୍‌ରୁ ଲିଗ୍ ଷ୍ଟେଜ୍‌କୁ ପ୍ରବେଶ କରିଥିବା ଏଲ୍‌ଏନ୍ ମିଥିଳା ବିଶ୍ୱବିଦ୍ୟାଳୟ, ବିନୋଭାଭାବେ ବିଶ୍ୱବିଦ୍ୟାଳୟ ଆଗାମୀ ସର୍ବଭାରତୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହାବାଦ୍ ଏହି ପ୍ରତିଯୋଗିତାରୁ ଆଗାମୀ ଭିଜି ଟ୍ରଫି ଲାଗି ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଦଳ ଚୟନ କରାଯାଇଛି। ଏଥିରେ ଓଡ଼ିଶାର ୪ଜଣ ଖେଳାଳି ସୂଦର୍ଶନ ସ୍ୱାଇଁ, ମୋରାଜୁ ପ୍ରଶାନ୍ତ (ଉଭୟ କିଟ୍), ଶୁଭମ ଶତ୍ରୁଜିତ୍ (ଉତ୍କଳ) ଓ ଅମିତ୍ ସୁନା (ସମ୍ବଲପୁର ବିଶ୍ୱବିଦ୍ୟାଳୟ) ସ୍ଥାନ ପାଇଛନ୍ତି। ବିସିସିଆଇ ଆନୁକୂଲ୍ୟରେ ମାର୍ଚ୍ଚ ୧୦ରୁ ଅଗରତାଲାରେ ଭିଜି ଟ୍ରଫି ଆରମ୍ଭ ହେବ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଚୟନ ହୋଇଥିବା ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଲାଗି ସମସ୍ତ ସହାୟତା ପ୍ରଦାନ କରାଯାଇଥିଲା।

# ରବୀନ୍ଦ୍ର ଜିତିଲେ ସଦାନନ୍ଦ ସ୍ୱାଇଁ ରାଜ୍ୟ ଓପନ୍ ଚେସ୍



**ଭୁବନେଶ୍ୱର, ୨୩।୨ (ସମିସ):** ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ୪ର୍ଥ ସଦାନନ୍ଦ ସ୍ୱାଇଁ ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। କେଶୁରାସ୍ଥିତ ରୟାଲ୍ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ୫ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତାରେ କଟକର ରବୀନ୍ଦ୍ର କୁମାର ଓଝା ୪.୫ ପଏଣ୍ଟ ରଖି ଚାମ୍ପିଅନ ହୋଇଛନ୍ତି। ସେହିଭଳି କଟକର ଅନ୍ୟତମ ପ୍ରତିଯୋଗୀ ପ୍ରତ୍ୟୁଷ ମହାପାତ୍ର ରନର୍ସଅପ୍ ହୋଇଛନ୍ତି। ବିଭିନ୍ନ ବୟସବର୍ଗରେ କିର୍ତ୍ତିଶ କୁମାର ସାହୁ (୭ ବର୍ଷରୁ କମ୍), ରେୟାଂଶ ମହାନ୍ତି (୯ ବର୍ଷରୁ କମ୍), ଆରିଶ ନନ୍ଦ ଗୋସ୍ୱାମୀ (୧୧ ବର୍ଷରୁ କମ୍), ପ୍ରୀତମ ହୋତା (୧୩ ବର୍ଷରୁ କମ୍) ଏବଂ ବାଳିକାରେ ସାଇଶା ସାହୁ ଚାମ୍ପିଅନ ହୋଇଛନ୍ତି।

ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସପାଲ୍ ସର୍ବେଶ୍ୱର ସାମଲ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଚେସ୍ ଖେଳାଳି ସଂଘମିତ୍ରା ସିଂ, ପ୍ରଜ୍ଞା ପରମିତା ସାହୁ ଓ ଓଡ଼ିଶା ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇଥିଲେ।

## ନିଖିଳ ଓଡ଼ିଶା ଆଇନଜୀବୀ କ୍ରିକେଟ

# ହାଇକୋର୍ଟ ଓକିଲ ସଂଘକୁ ଟାଇଟଲ୍



**ଭୁବନେଶ୍ୱର, ୨୩।୨(ସମିସ):** ହାଇକୋର୍ଟ ଓକିଲ ସଂଘ ୨୪ ରନ୍‌ରେ ଗତ ଦୁଇବର୍ଷର ଟାଇଟଲ ବିଜେତା ଭୁବନେଶ୍ୱର ଓକିଲ ସଂଘକୁ ପରାସ୍ତ କରି ଚଳିତବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହାଇକୋର୍ଟ ବାର ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୬ ରନ୍ କରିଥିଲା। ଦଳ ପକ୍ଷରୁ ପାର୍ଥସାରଥୀ ଆଚାର୍ଯ୍ୟ ୫୭ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଅଭିଳାସ ଦାସ ୩ଟି, ପ୍ରିୟମ ମଲିକ ୨ଟି ୱିକେଟ ପାଇଥିଲେ। ଜବାବରେ ଭୁବନେଶ୍ୱର ଓକିଲ ସଂଘ ୬ ୱିକେଟରେ ୧୬୨ ରନ୍ କରିଥିଲା। ପ୍ରିୟବ୍ରତ ପ୍ରିୟରଞ୍ଜନ ସାହୁଙ୍କ ୪୦ ଓ ରାକେଶ କୁମାର ଜେନାଙ୍କ ୩୯ ରନ୍ ଦଳକୁ ଜିତାଇବାରେ ପର୍ଯ୍ୟାପ୍ତ ହୋଇ ନ ଥିଲା। ହାଇକୋର୍ଟ ଓକିଲ ସଂଘର ଅଧିନାୟକ ଏସ୍‌ଏସ୍ ରୟ ଓ ଶୁଭଙ୍କର ବୋଷ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଅଭିଳାଷ ଦାସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଖେଳଶେଷରେ ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଭୁବନେଶ୍ୱର ଓକିଲ ସଂଘ ସଭାପତି କୁନ୍ଦନ ରଥ ଓ ସମ୍ପାଦକ ଦୀପକ କୁମାର ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ସେକ୍ରେଟାରିଏଟ୍ କପ୍ କ୍ରିକେଟ

# ଇଡ୍‌କୋ, ଜ୍ୟୋତି ଗ୍ରୁପ୍ ବିଜୟୀ

**ଭୁବନେଶ୍ୱର, ୨୩।୨(ସମିସ):** ସେକ୍ରେଟାରିଏଟ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଇଡ୍‌କୋ ଓ ଜ୍ୟୋତି ଗ୍ରୁପ୍ ବିଜୟୀ ହୋଇଛନ୍ତି। ସ୍ଥାନୀୟ ହାଇଟେକ୍ କଲେଜ ଗ୍ରାଉଣ୍ଡରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚ୍‌ରେ ଇଡ୍‌କୋ ୪ ୱିକେଟରେ ଆଇସିଆଇସିଆଇ ଗ୍ରୁପ୍‌କୁ ଓ ଜ୍ୟୋତି ଗ୍ରୁପ୍ ୯୭ ରନ୍‌ରେ ଡିସିବି ବ୍ୟାଙ୍କ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ୧୬ ରନ୍ ଦେଇ ୪ଟି ୱିକେଟ ନେଇଥିବା ଜ୍ୟୋତି ଗ୍ରୁପ୍‌ର ରଣଜିତ ପାଇକରାୟଙ୍କୁ ଏବଂ ୩୪ ବଲ୍‌ରୁ ୩୬ ରନ୍ କରିବା ସହ ୩ଟି ୱିକେଟ ନେଇଥିବା ଇଡ୍‌କୋର ମାନସ ଦାସ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ପ୍ରଥମ ମ୍ୟାଚ୍‌ରେ ଆଇସିସିଆଇ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୧୨୧ ରନ୍ କରିଥିଲା। ଦଳ ପକ୍ଷରୁ ସିଦ୍ଧାର୍ଥ ଓ ପିଣ୍ଟୁ ଶର୍ମା ୧୯ ରନ୍ ଲେଖାଏଁ କରିଥିଲେ। ପ୍ରତିପକ୍ଷ ଦଳର ମାନସ ଦାସ ଓ ବିକ୍ରମ ଜେନା ୩ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଇଡ୍‌କୋ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳପକ୍ଷରୁ ମାନସ ଦାସଙ୍କ ୩୬ ରନ୍ ବ୍ୟତୀତ ସାଗର ସ୍ୱାଇଁ ୨୩ ଓ ଅଭିଜିତ ବାରିକ ୨୧ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ରୁଦ୍ର ପଟ୍ଟନାୟକ ଓ କୁମାର ୨ଟି ଲେଖାଏଁ ୱିକେଟ ପାଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜ୍ୟୋତି ଗ୍ରୁପ୍ ୮ ୱିକେଟରେ ୧୭୨ ରନ୍ କରିଥିଲା। ଦଳ ପକ୍ଷରୁ ରାକେଶ ବେହେରା ସର୍ବାଧିକ ୭୦, ଜଟେଶ୍ୱର ସାହୁ, ସନ୍ଦୀପ ସେଠୀ ୨୬ ରନ୍ ଲେଖାଏଁ କରିଥିଲେ। ପ୍ରତିପକ୍ଷ ଦଳର ବିଷ୍ଣୁ ବେହେରା, ଦିବ୍ୟରଞ୍ଜନ ରାଉତ ଓ ସୌମ୍ୟ ଦାସ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଡିସିବି ବ୍ୟାଙ୍କ ୧୩.୩ ଓଭରରେ ମାତ୍ର ୭୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦୁଇଜଣ ଖେଳାଳି ଡବଲ ଫିଗର ଛୁଇଁଥିଲାବେଳେ ମନୋରଞ୍ଜନ ବିଶ୍ୱାଳ ୧୮ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ରଣଜିତ ପାଇକରାୟ ୪ଟି, ଓମ୍, ଅଧିନାୟକ ବିକ୍ରମ ସ୍ୱାଇଁ ଓ ରାଜେଶ କୁମାର ମହାନ୍ତି ୨ଟି ଲେଖାଏଁ ୱିକେଟ ନେଇଥିଲେ।

## ଜାତୀୟ ଶକ୍ତିଉତ୍ତୋଳନ ଉଦ୍‌ଯାପିତ

# ରାଜସ୍ମିତାଙ୍କ କୀର୍ତ୍ତିମାନ; ଓଡ଼ିଶା ମହିଳା ଚାମ୍ପିଅନ

**ଭୁବନେଶ୍ୱର, ୨୩।୨ (ସମିସ):** ପଞ୍ଜାବର ଲଭଲୀ ୟୁନିଭର୍ସିଟିଠାରେ ଚାଲିଥିବା ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ପାୱାରଲିଫ୍ଟିଂ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ଶେଷ ଦିବସରେ ଓଡ଼ିଶାର ରାଜସ୍ମିତା ସାହୁ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ସ୍କ୍ୱାଟରେ ୧୭୬ କିଗ୍ରା ଉଠାଇ ପ୍ରଥମ ସ୍ଥାନରେ ରହିବା ସହ ଏହି କୀର୍ତ୍ତିମାନ ସ୍ଥାପନ କରିଥିଲେ। ସେହିଭଳି ଅନୀତା ବେହେରା ବେଞ୍ଚ ପ୍ରେସରେ ୯୦ କିଗ୍ରା ଉତ୍ତୋଳନ କରି ୨ୟ ସ୍ଥାନରେ ରହିଛନ୍ତି। ପୂର୍ବରୁ ଅନୁପମା ସ୍ୱାଇଁ (୫୨ କିଗ୍ରା) ଓ ଦିବ୍ୟଲେଖା ମିଶ୍ର (୭୬ କିଗ୍ରା) ବରିଷ୍ଠ ମହିଳା ବର୍ଗରେ ଓଭରଅଲ୍ କାଂସ୍ୟ ପଦକ ହାସଲ କରିଥିଲେ। ଏଥିସହ ଓଡ଼ିଶା ମହିଳା ଏହି ପ୍ରତିଯୋଗିତାରେ ଟିମ୍ ଚାମ୍ପିଅନ ହୋଇଛି। ଏହି ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ପାୱାରଲିଫ୍ଟିଂ ସଂଘ ପକ୍ଷରୁ ୧୬ ଜଣିଆ ପୁରୁଷ ଓ ମହିଳା ପଞ୍ଜାବ ଗସ୍ତ କରିଥିଲେ।



# ସୁଟିଂ ବିଶ୍ୱକପ୍: ଭାରତୀୟ ଦଳରେ ଓଡ଼ିଶା ଝିଅ ଶ୍ରୀୟଙ୍କା

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):** ଆର୍ଜେଣ୍ଟିନା ଓ ପେରୁରେ ଚଳିତବର୍ଷ ହେବାକୁ ଥିବା ପ୍ରଥମ ଦୁଇଟି ଆଇଏସ୍‌ଏସ୍‌ଏଫ୍ ସୁଟିଂ ବିଶ୍ୱକପ୍‌ରେ ଭାରତର ନେତୃତ୍ୱ ନେବେ ମନୁ ଭାକର। ସେ ଉଭୟ ବିଶ୍ୱକପ୍‌ରେ ଭାଗନେବେ ଓ ଭାରତୀୟ ସୁଟରଙ୍କ ମନୋବଳ ବଢ଼ାଇବେ। ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଆଇଏ) ପକ୍ଷରୁ ଘୋଷଣା କରାଯାଇଥିବା ଏହି ଦଳରେ ଅଲିମ୍ପିକ୍ ପଦକ ବିଜେତା ମନୁଙ୍କୁ ସାମିଲ କରାଯାଇଥିଲେ ମଧ୍ୟ ଅନ୍ୟ ପଦକ ବିଜେତା ସରବଜିତ ସିଂ ଓ ସ୍ୱପ୍ନିଳ କୁଶାଲେଙ୍କୁ ସ୍ଥାନ ମିଳିନାହିଁ। ଓଡ଼ିଶାର ଏକମାତ୍ର ଅନ୍ତର୍ଜାତୀୟ ସୁଟର ଶ୍ରୀୟଙ୍କା ଷଡଙ୍ଗୀଙ୍କୁ ଉଭୟ ବିଶ୍ୱକପ୍ ଲାଗି ମନୋନୀତ କରାଯାଇଛି। ଦୀର୍ଘ ଦିନ ପରେ ଏସିଆନ୍ ସ୍ୱର୍ଣ୍ଣପଦକ ବିଜେତା, ଅଲିମ୍ପିକ୍ ଫାଇନାଲିଷ୍ଟ ଓ ବିଶ୍ୱକପ୍‌ରେ ଏକାଧିକ ସ୍ୱର୍ଣ୍ଣପଦକ ଜିତିଥିବା ସୌରଭ ଚୌଧୁରୀଙ୍କୁ ଏୟାର ପିସ୍ତଲ ଇଭେଣ୍ଟରେ ସ୍ଥାନ ମିଳିଛି। ସୁଟିଂରେ ବିଶ୍ୱକପ୍ ଗୋଟିଏ ବର୍ଷରେ ୪ଥର ଆୟୋଜିତ ହୋଇଥାଏ। ଏହା ମଧ୍ୟରୁ ଆର୍ଜେଣ୍ଟିନାରେ ହେବାକୁ ଥିବା ବିଶ୍ୱକପ୍‌ରେ ରାଇଫଲ, ପିସ୍ତଲ ଓ ସଟ୍‌ଗନ୍ ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହେବ। ଏହା ବୁଏନର ଆଇରିସ୍‌ରେ ଏପ୍ରିଲ ୧ରୁ ୧୧ ତାରିଖଯାଏ ଅନୁଷ୍ଠିତ ହେବ। ସେହିପରି ପେରୁର ରାଜଧାନୀ ଲିମା ସହରରେ ଏପ୍ରିଲ ୧୩ରୁ ୨୨ ତାରିଖ ଯାଏ ସମାନ ଇଭେଣ୍ଟରେ ଦ୍ୱିତୀୟ ବିଶ୍ୱକପ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।



## ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନର ଶୋଚନୀୟ ପରାଜୟ

# ଶତକ ସହ ଭାରତକୁ ଜିତାଇଲେ କୋହଲି



**ଦୁବାଇ,୨୩।୨(ଏଜେନ୍ସି):** ବଡ଼ ମ୍ୟାଚରେ ବଡ଼ ଖେଳାଳିଙ୍କ ବଡ଼ ଖେଳ ପ୍ରଦର୍ଶନ। ଏଠାରେ ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମହାମୁକାବିଲାରେ ବିରାଟ କୋହଲିଙ୍କ ଦମ୍‌ଦାର ଶତକ ବଳରେ ବିଜୟୀ ହୋଇଛି ଭାରତ। ଏହି ବିଜୟ ଫଳରେ ଭାରତ ସେମିଫାଇନାଲର ଦ୍ୱାରଦେଶରେ ପହଞ୍ଚିଥିଲାବେଳେ ପାକିସ୍ତାନ ବିଦା ହେବାର ରାସ୍ତା ପରିଷ୍କାର ହୋଇଛି। ଏହି ମ୍ୟାଚ୍‌ରେ ବିରାଟ ବିଜୟ ସୂଚକ ଚୌକା ମାରି ଭାରତକୁ ବିଜୟୀ କରିବା ସହ ୫୧ତମ ଶତକ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଏହା ପୂର୍ବରୁ ସେ ଦ୍ରୁତତମ ଖେଳାଳିଭାବେ ମଧ୍ୟ ଦିନିକିଆ କ୍ରିକେଟରେ ୧୪,୦୦୦ ରନ୍ ପୂରଣ କରିଥିଲେ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୪୧ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଭାରତ କୋହଲିଙ୍କ ଅପରାଜିତ ୧୦୦ ରନ୍ ବଳରେ ଭାରତ ୭.୩ ଓଭର ବା ୪୫ଟି ବଲ୍ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲେ। ସେ ଦ୍ୱିତୀୟ ୱିକେଟ ପାର୍ଟନରସିପ୍‌ରେ ଶୁବମନ ଗିଲ୍‌ଙ୍କ ସହ ୭୫ ବଲ୍‌ରୁ ୬୯ ରନ୍ ଓ ତୃତୀୟ ୱିକେଟରେ ଶ୍ରେୟସ ଆୟରଙ୍କ ସହ ୧୨୮ ବଲ୍‌ରୁ ୧୧୪ ରନ୍ ଉଠାଇ ଭାରତର ବିଜୟ ରାସ୍ତା ପରିଷ୍କାର କରିଥିଲେ। ଭାରତ ମ୍ୟାଚ୍ ଜିତିବା ଆଗରୁ ଗିଲ୍ ୫୨ ବଲ୍‌ରେ ୭ ଚୌକା ସହ ୪୬ ଓ ଆୟର ୬୭ବଲ୍‌ରୁ ୫ ଚୌକା ଓ ୧ଛକା ସହ ୫୬ ରନ୍ କରିଥିଲେ। ପାଳି ଆରମ୍ଭ କରିଥିବା ରୋହିତ ଶର୍ମା ୧୫ ବଲ୍‌ରୁ ଦ୍ରୁତ ୨୦ ରନ୍ କରି ବେଶି ସମୟ ତିଷ୍ଠି ନ ଥିଲେ। ୧୧୧ ବଲ୍ ଖେଳି ୭ ଚୌକା ସହ ଅପରାଜିତ ୧୦୦ ରନ୍ କରିଥିବା କୋହଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ତାହାର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୬ ୱିକେଟରେ ପରାସ୍ତ କରିଥିଲା। ଏବେ ଦଳ ତାହାର ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ସହ ମାର୍ଚ୍ଚ ୨ରେ ଖେଳିବ। ଆସନ୍ତାକାଲି ଏହି ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ମୁକାବିଲାରେ ନ୍ୟୁଜିଲାଣ୍ଡକୁ ଭେଟିବ ବାଂଲାଦେଶ। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିଜୟୀ ହେଲେ ଭାରତ ସହ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

### ● ସଚିନଙ୍କୁ ପଛରେ ପକାଇଲେ କୋହଲି

## ୧୪,୦୦୦ ରନ କରିବାରେ ଦ୍ରୁତତମ

ଭାରତୀୟବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ତାଙ୍କ ଉଜ୍ଜ୍ୱଳମୟ କ୍ୟାରିଅରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଅନ୍ତର୍ଜାତୀୟ ଦିନିକିଆରେ ସେ ବିଶ୍ୱର ଦ୍ରୁତତମ ବ୍ୟାଟର ଭାବେ ୧୪,୦୦୦ ପୂରଣ କରିଛନ୍ତି। ଏହି କ୍ରମରେ ସେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ଦୀର୍ଘ ୧୯ ବର୍ଷର ବିଶ୍ୱରେକର୍ଡକୁ ପଛରେ ପକାଇଛନ୍ତି। ପାକିସ୍ତାନ ବିପକ୍ଷ ମୁକାବିଲାରେ ସେ ୧୫ତମ ରନ କରିବା ପରେ ଏହି ରେକର୍ଡର ଅଧିକାରୀ ହୋଇଥିଲେ। କୋହଲି ଏହି ମ୍ୟାଚ୍‌ରେ ଅପରାଜିତ ୧୦୦ ରନର ଶତକୀୟ ପାଳି ଖେଳି କ୍ୟାରିଅରର ୫୧ତମ ଶତକ ଅର୍ଜନ କରିଛନ୍ତି। ୩୬ ବର୍ଷୀୟ କୋହଲି ୨୮୭ତମ ଇନିଂସ ଖେଳି ଏହି ସଫଳତା ହାସଲ କରିଛନ୍ତି। ସଚିନ ୨୦୦୬ରେ ୩୫୦ଟି ଇନିଂସ ଖେଳି ଦ୍ରୁତତମ ବ୍ୟାଟର ଭାବେ ୧୪,୦୦୦ ରନ ପୂରଣ କରିଥିଲେ। ବିଶ୍ୱର ତୃତୀୟ ବ୍ୟାଟର ଭାବେ କୋହଲି ଏହି ମାଇଲଖୁଣ୍ଟ ପାର କରିଛନ୍ତି। ସଚିନଙ୍କ ପରେ ଦ୍ୱିତୀୟ ବ୍ୟାଟର ଭାବେ ଶ୍ରୀଲଙ୍କାର କୁମାର ସାଙ୍ଗକରା ୨୦୧୫ ବିଶ୍ୱକପ୍‌ରେ ୧୪,୦୦୦ ଦିନିକିଆ ରନ ପୂରଣ କରିଥିଲେ।

## କ୍ୟାଚ୍‌ରେ ରେକର୍ଡ ଭାଙ୍ଗିଲେ

ଦିନିକିଆରେ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଭାରତର ସର୍ବଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ୧୫୭ତମ କ୍ୟାଚ୍ ଧରି ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ (୧୫୬ କ୍ୟାଚ, ୩୩୪ ମ୍ୟାଚ୍)ଙ୍କୁ ପଛରେ ପକାଇଛନ୍ତି। କୁଲଦୀପ ଯାଦବଙ୍କ ବଲ୍‌ରେ ପାକିସ୍ତାନ ଟେଲ ଏଣ୍ଡର ନସିମ ଶାହାଙ୍କ କ୍ୟାଚ୍ ଧରି ସେ ଏହି ସଫଳତା ପାଇଛନ୍ତି। ତେବେ ମୋଟ୍ ଉପରେ ଦେଖିବାକୁ ଗଲେ କୋହଲି ୨୯୯ଟି ମ୍ୟାଚ ଖେଳି ବିଶ୍ୱରେ ତୃତୀୟ ସର୍ବାଧିକ କ୍ୟାଚ୍ ଧରିଛନ୍ତି। ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନେ ୨୧୮ କ୍ୟାଚ୍ ନେଇ ପ୍ରଥମ ସ୍ଥାନରେ ରହିଛନ୍ତି।

## ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ

ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ଭଲ ଆରମ୍ଭ କରିଥିଲା। କିନ୍ତୁ ଦୁଇ ଓପନର ୪୭ ରନ୍‌ରେ ପାଭିଲିୟନ ଫେରିଥିଲେ। ପ୍ରଥମ ମ୍ୟାଚ୍ ଖେଳୁଥିବା ଇମାମ-ଉଲ-ହକ୍ ୧୦ ଓ ବାବର ଆଜମ ୨୩ ରନ୍ କରିଥିଲେ। ତୃତୀୟ ୱିକେଟରେ ଅଧିନାୟକ ମହମ୍ମଦ୍ ରିଜୱାନ ଓ ସାଉଦ ସକିଲଙ୍କ ପାର୍ଟନରସିପ୍ ପାକିସ୍ତାନ ଲାଗି ବଡ଼ ଆଶା ସୃଷ୍ଟି କରିଥିଲା। ୩୩ ଓଭର ଖେଳ ଶେଷବେଳକୁ ପାକିସ୍ତାନ ୨ ୱିକେଟରେ ୧୫୧ ରନ୍ କରି ଭଲ ସ୍ଥିତିରେ ରହିଥିଲା। କିନ୍ତୁ ୩୪ତମ ଓଭରର ଦ୍ୱିତୀୟ ବଲ୍‌ରେ ରିଜୱାନଙ୍କୁ ବୋଲ୍ଡ କରି ଅକ୍ଷର ପଟେଲ ଏହି ଯୋଡି ଭାଙ୍ଗିଦେଇଥିଲେ। ଏହି ପାର୍ଟନରସିପ୍‌ରୁ ମିଳିଥିଲା ୧୦୪ ରନ୍। କିନ୍ତୁ ଯୋଡି ଭାଙ୍ଗିବା ସହ ପାକିସ୍ତାନର ବଡ଼ ସ୍କୋର କରିବା ଆଶା ମଉଳିଯାଇଥିଲା। ରିଜ୍‌ୱାନ୍ ୭୭ ବଲ୍‌ରେ ୪୬ ଓ ଏହାର ୮ ରନ୍ ପରେ ସାଉଦ୍ ସକିଲ ୬୨ ରନ୍ କରି ଆଉଟ ହୋଇଯାଇଥିଲେ। ଏହା ପରେ ଭାରତୀୟ ସ୍ପିନର ଯେପରି ଶୃଙ୍ଖଳାର ସହ ବୋଲିଂ କରିଥିଲା ଠିକ୍ ସେହିପରି ପାକିସ୍ତାନ କ୍ରମାଗତ ୱିକେଟ ହରାଇଥିଲା। କେବଳ ଖୁସ୍‌ଦିଲ ଶାହ ୩୯ ରନ୍ କରି କିଛିଟା ଆଖିଦୃଶିଆ ବ୍ୟାଟିଂ କରିଥିଲେ। ଏହା ଫଳରେ ପାକିସ୍ତାନ ଏକ ଚ୍ୟାଲେଞ୍ଜିଂ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲା। ଆଶା ଅନୁଯାୟୀ ଭାରତୀୟ ସ୍ପିନରମାନେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ସେମାନଙ୍କ ମଧ୍ୟରୁ ବାମହାତୀ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ପେସର ହାର୍ଦ୍ଦିକ ପାଣ୍ଡ୍ୟା ୨ଟି, ହର୍ଷିତ ରାଣା, ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

## ସ୍କୋର ବୋର୍ଡ

**ପାକିସ୍ତାନ: ୨୪୧/୧୦, ୪୯.୨ ଓଭର**

ଇମାନ-ରନଆଉଟ୍-୧୦, ବାବର-କ୍ୟା. ରାହୁଲ- ବୋ. ପାଣ୍ଡ୍ୟା- ୨୩, ସକିଲ- କ୍ୟା. ଅକ୍ଷର- ବୋ. ପାଣ୍ଡ୍ୟା- ୬୨, ରିଜୱାନ- ବୋଲ୍ଡ ଅକ୍ଷର- ୪୬, ଆଘା- କ୍ୟା. ଜାଡେଜା- ବୋ. କୁଲଦୀପ୍- ୧୯, ତୟାବ- ବୋଲ୍ଡ ଜାଡେଜା- ୪, ଖୁସଦିଲ- କ୍ୟା. କୋହଲି- ବୋ. ହର୍ଷିତ- ୩୮, ଆଫ୍ରିଦୀ- ଏଲ୍‌ବି. କୁଲଦୀପ- ୦, ନସୀମ- କ୍ୟା. କୋହଲି- ବୋ. କୁଲଦୀପ୍- ୧୪, ରୌଫ୍- ରନଆଉଟ୍- ୮, ଆବ୍ରରର- ଅପରାଜିତ- ୦।

**ୱିକେଟ୍ ପତନ**: ୪୧/୧, ୪୭/୨, ୧୫୧/୩, ୧୫୯/୪, ୧୬୫/୫, ୨୦୦/୬, ୨୦୦/୭, ୨୨୨/୮, ୨୪୧/୯, ୨୪୧/୧୦।

**ବୋଲିଂ**: ସାମି: ୮-୦-୪୩-୦, ହର୍ଷିତ: ୭.୪-୦-୩୦-୧, ପାଣ୍ଡ୍ୟା: ୮-୦-୩୧-୨, ଅକ୍ଷର: ୧୦-୦-୪୯-୧, କୁଲଦୀପ୍: ୯-୦-୪୦-୩, ଜାଡେଜା: ୭-୦-୪୦-୧ ।

**ଭାରତ: ୨୪୪/୪, ୪୨.୩ ଓଭର**

ରୋହିତ- ବୋଲ୍ଡ. ଆଫ୍ରିଦୀ- ୨୦, ଗିଲ୍- ବୋଲ୍ଡ ଆବ୍ରରର୍- ୪୬, କୋହଲି- ଅପରାଜିତ- ୧୦୦, ଆୟର- କ୍ୟା. ଇମାନ- ବୋ. ଖୁସଦିଲ୍- ୫୬, ପାଣ୍ଡ୍ୟା- କ୍ୟା. ରିଜୱାନ- ବୋ. ଆଫ୍ରିଦୀ- ୮, ଅକ୍ଷର- ଅପରାଜିତ- ୩।

**ୱିକେଟ୍ ପତନ**: ୩୧/୧, ୧୦୦/୨, ୨୧୪/୩, ୨୨୩/୪।

**ବୋଲିଂ**: ଆଫ୍ରିଦୀ: ୮-୦-୭୪-୨, ନସୀମ: ୮-୦-୩୭-୦, ରୌଫ: ୭-୦-୫୨-୦, ଆବ୍ରରର: ୧୦-୦-୨୮-୧, ଖୁସଦିଲ: ୭.୩-୦-୪୩-୧, ଆଘା: ୨-୦-୧୦-୦ ।

## ୯ ହଜାର ରନ ପୂରଣ କରିବାରେ ରୋହିତ ଷଷ୍ଠ ଓପନର

ପାକିସ୍ତାନ ବିପକ୍ଷରେ ଭାରତୀୟ ଅଧିନାୟକ ତଥା ଓପନର ରୋହିତ ଶର୍ମା ୨୦ ରନକରି ଏକ ବିରଳ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ବିଶ୍ୱର ଷଷ୍ଠ ଓପନର ଭାବେ ରୋହିତ ୧୮୧ଟି ଇନିଂସ ଖେଳି ଦିନିକିଆରେ ୯,୦୦୦ ରନ ପୂରଣ କରିଛନ୍ତି। ଏହି ୬ ଓପନରଙ୍କ ମଧ୍ୟରେ ଭାରତର ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲି ସାମିଲ ରହିଛନ୍ତି। ତେବେ ରୋହିତ ଗତ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଜଣେ ବ୍ୟାଟର ଭାବେ ୧୧,୦୦୦ ପୂରଣ କରିସାରିଛନ୍ତି। ରୋହିତ, ସଚିନ, ଗାଙ୍ଗୁଲିଙ୍କ ବାଦ୍ ଦେଲେ ଶ୍ରୀଲଙ୍କାର ସନତ ଜୟସୂରିୟା, ଅଷ୍ଟ୍ରେଲିଆର ଆଡାମ ଗିଲକ୍ରାଷ୍ଟ, ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ ଓପନର ଭାବେ ପୂର୍ବରୁ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି।

## ଦୀର୍ଘତମ ଓଭରରେ ସାମିଙ୍କ ଅଲୋଡ଼ା ରେକର୍ଡ

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଏକ ଅଲୋଡା ରେକର୍ଡର ଅଧିକାରୀ ହୋଇଛନ୍ତି। ମ୍ୟାଚ୍ ପ୍ରଥମ ଓଭର ବୋଲିଂ କରିବାକୁ ଆସି ସାମି ୧୧ଟି ବଲ ପକାଇଥିଲେ। ଚାମ୍ପିଅନ୍ସ ଟ୍ରଫି ଇତିହାସରେ ଭାରତୀୟ ବୋଲର ଭାବେ ସେ ସବୁଠାରୁ ଲମ୍ବା ତଥା ଦୀର୍ଘ ଓଭର ବୋଲିଂ କରିଛନ୍ତି। ସାମି ତାଙ୍କ ପ୍ରଥମ ଓଭରରେ ୫ଟି ୱାଇଡ୍ ବଲ ପକାଇଥିଲେ। ସାମି ଏହି କ୍ରମରେ ଯଶପ୍ରୀତ ବୁମ୍‌ରାଙ୍କୁ ପଛରେ ପକାଇଛନ୍ତି। ପୂର୍ବରୁ ୨୦୧୭ ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନ ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ଗୋଟିଏ ଓଭରରେ ୯ ବଲ ପକାଇଥିଲେ। ତେବେ ଜିମ୍ବାୱେର ତିନାଶେ ପନ୍ୟାଗାରା ଗୋଟିଏ ଓଭରରେ ସର୍ବାଧିକ ୭ଟି ୱାଇଡ୍ ପକାଇ ଅଲୋଡା ରେକର୍ଡ ଅଧିକାରି ହୋଇଥିଲେ।

## ୩୦୦ ୱିକେଟ କ୍ଲବ୍‌ରେ କୁଲଦୀପ



ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ରିଷ୍ଟ ସ୍ପିନର କୁଲଦୀପ ଯାଦବ ୩ ୱିକେଟ ନେଇ ଏକ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଏହି କ୍ରମରେ ସେ ୩୦୦ ଅନ୍ତର୍ଜାତୀୟ ୱିକେଟ ଅକ୍ତିଆର କରି ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଭାରତର ତ୍ରୟୋଦଶ ବୋଲର ଭାବେ ସେ ୩୦୦ ୱିକେଟ ନେଇଛନ୍ତି। ସେ ୧୩ ଟେଷ୍ଟ ଖେଳି ୫୬, ୧୧୦ ଦିନିକିଆ ଖେଳି ୧୭୭ ଓ ୪୦ଟି ଟି-୨୦ ମ୍ୟାଚ୍ ଖେଳି ୬୯ ୱିକେଟ ଅକ୍ତିଆର କରିଛନ୍ତି। କିମ୍ବଦନ୍ତୀ ସ୍ପିନର ଅନିଲ କୁମ୍ବଲେ ୯୫୩ ଅନ୍ତର୍ଜାତୀୟ ୱିକେଟ ନେଇ ସଫଳତମ ଭାରତୀୟ ବୋଲର ବିବେଚିତ ହେଉଛନ୍ତି। କୁଲଦୀପ ମୋଟ୍ ଉପରେ ୩୦୨ଟି ୱିକେଟ ଅକ୍ତିଆର କରିଛନ୍ତି।

## ୨୦୦ ୱିକେଟ ପୂରଣ କଲେ ପାଣ୍ଡ୍ୟା

ଭାରତୀୟ ଅଭିଜ୍ଞ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତର୍ଜାତୀୟ କ୍ରିକେଟରେ ୨୦୦ ୱିକେଟ ପୂରଣ କରି ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ୮ ଓଭର ବୋଲିଂ କରି ୩୧ ରନ ଦେଇ ୨ ୱିକେଟ ନେବା ସହ ଏହି ସଫଳତା ପାଇଛନ୍ତି। ସେ ବାବର ଆଜମ ଓ ସାଉଦ ସକିଲଙ୍କ ଭଳି ମୂଲ୍ୟବାନ ୱିକେଟ ଅକ୍ତିଆର କରି ପାକିସ୍ତାନକୁ ସମସ୍ୟାରେ ପକାଇଥିଲେ। ସେ ୧୧ ଟେଷ୍ଟ ଖେଳି ୧୭, ୯୧ ଦିନିକିଆରୁ ୮୯ ଓ ୧୧୪ ଟି-୨୦ ମ୍ୟାଚ୍‌ରୁ ୯୪ଟି ୱିକେଟ ନେଇଛନ୍ତି। ୩୧ ବର୍ଷୀୟ ପାଣ୍ଡ୍ୟା ଏପର୍ଯ୍ୟନ୍ତ ଭାରତ ପାଇଁ ୨୧୬ଟି ମ୍ୟାଚ୍ ଖେଳିଛନ୍ତି।

## କ୍ରମାଗତ ଦ୍ୱାଦଶ ଟସ୍ ହାରିଲା ଭାରତ

ପାକିସ୍ତାନ ବିପକ୍ଷ ମ୍ୟାଚ୍ ଆରମ୍ଭ ତଥା ପ୍ରଥମ ବଲ୍ ପଡିବା ପୂର୍ବରୁ ଭାରତ ଅନ୍ତର୍ଜାତୀୟ ଦିନିକିଆରେ ବିରଳ ତଥା ଅଲୋଡା ରେକର୍ଡ ଅଧିକରୀ ହୋଇଛି। ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ହାରିଥିଲେ ଓ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏଥିସହ ଭାରତ କ୍ରମାଗତ ୧୨ଟି ମ୍ୟାଚ୍‌ରେ ଟସ୍ ହାରିଛି। ଦିନିକିଆ କ୍ରିକେଟ ଇତିହାସରେ ଟସ୍ ହାରିବା ପ୍ରକ୍ରିୟାରେ ଏହା ଦୀର୍ଘତମ ସାବ୍ୟସ୍ତ ହୋଇଛି। ଭାରତରେ ଅନୁଷ୍ଠିତ ୨୦୨୩ ବିଶ୍ୱକପର ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ଟସ୍ ହାରିବା ପରେ ଭାରତ ଆଉ କୌଣସି ଦିନିକିଆ ମ୍ୟାଚ୍‌ରେ ଟସ୍ ଜିତିନାହିଁ। ପୂର୍ବରୁ ନେଦରଲାଣ୍ଡସ ନାମରେ ଏହି ଅଲୋଡା ରେକର୍ଡ ଥିଲା। ୨୦୧୧ରୁ ୨୦୧୩ ମଧ୍ୟରେ ନେଦରଲାଣ୍ଡସ କ୍ରମାଗତ ୧୧ଟି ଦିନିକିଆରେ ଟସ୍ ହାରିଥିଲା।

### କ୍ରୀଡ଼ା ବିଭାଗକୁ ଓସିଏର ଉତ୍ତର

## ଆଉ ଭୁଲ୍ ହେବ ନାହିଁ

**କଟକ,୨୩।୨(ସମିସ):** ବାରବାଟୀ ଦିନିକିଆରେ ଫ୍ଲଡ ଲାଇଟ୍ ବନ୍ଦ ବିଭ୍ରାଟ ଘଟଣାକୁ ନେଇ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଫ୍ଲଡ ଲାଇଟ୍ ବନ୍ଦ ହେବା କାରଣରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଗତ ୯ ତାରିଖରେ ଖେଳାଯାଇଥିବା ମ୍ୟାଚ୍ ୩୭ମିନିଟ ବନ୍ଦ ରହିଥିଲା। କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ନୋଟିସ୍ ଜାରି କରିବା ସହ ୧୦ଦିନ ଭିତରେ ଉତ୍ତର ରଖିବାକୁ ଓସିଏକୁ ନିର୍ଦ୍ଦେଶ ଦେଇଥିଲେ। ଓସିଏ ପକ୍ଷରୁ ମଧ୍ୟ ରାଜ୍ୟ କ୍ରୀଡ଼ା ବିଭାଗକୁ ଉତ୍ତର ଦିଆଯାଇଛି। ବିକଳ୍ପ ଡିଜି ସେଟ୍ ବ୍ୟବସ୍ଥା ରହିଥିଲା। ହେଲେ ଖେଳାଳିଙ୍କ ବସ୍ ଛିଡ଼ା ରହିଥିବା ଯୋଗୁଁ ଡିଜି ସେଟ୍ ଅଣାଯାଇ ପାରୁ ନ ଥିଲା। ବସ୍ ହଟାଇ ଡିଜି ସେଟ ଆଣିବାକୁ ଚେଷ୍ଟା କରାଯିବାବେଳେ ବିଳମ୍ବ ହୋଇଥିଲା। ସତର୍କ ରହିବୁ। ଏଭଳି ଭୁଲ ଆଗକୁ ହେବ ନାହିଁ। ପ୍ରତି ଫ୍ଲଡଲାଇଟ୍ ଖୁଣ୍ଟ ନିକଟରେ ବିକଳ୍ପ ଡିଜି ବ୍ୟବସ୍ଥା କରାଯିବ ବୋଲି ଓସିଏ ପକ୍ଷରୁ କ୍ରୀଡ଼ା ବିଭାଗକୁ ପଠାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ପ୍ରକାଶଯୋଗ୍ୟ, ଗତ ୯ ତାରିଖରେ ବାରବାଟୀରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନ୍ତର୍ଜାତୀୟ ମ୍ୟାଚ୍ ସମୟରେ ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୩୦୫ ରନର ବିଜୟ ଲକ୍ଷ୍ୟକୁ ଭାରତ ପିଛା କରୁଥିବାବେଳେ ହଠାତ୍ କ୍ଲକ ଟାୱର ନିକଟସ୍ଥ ଫ୍ଲଡ ଲାଇଟ ଲିଭି ଯାଇଥିଲା। କ୍ରିଜରେ ଉପସ୍ଥିତ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଏବଂ ଓପନର ଶୁଭମାନ ଗିଲ୍ ଅସନ୍ତୋଷ ବ୍ୟକ୍ତ କରି ପଡ଼ିଆ ଛାଡ଼ିଥିଲେ। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିଲା।

## ଲିଗ୍ ସିଲ୍ଡ ବଜାୟ ରଖିଲା ମୋହନ ବାଗାନ

**କୋଲକାତା,୨୩।୨(ଏଜେନ୍ସି):** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ରବିବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୦-୧ ଗୋଲରେ ଘରୋଇ ମୋହନ ବାଗାନ ସୁପର ଜ୍ୟାଣ୍ଟସଠାରୁ ପରାସ୍ତ ହୋଇଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଶେଷ ମୁହୂର୍ତ୍ତରେ ଇଞ୍ଜୁରି ଟାଇମ୍‌ର ୩ୟ ମିନିଟ୍‌ରେ ପେଟ୍ରାଟୋସ ଡିମିଟ୍ରି ଗୋଲ ଦେଇ ମୋହନ ବାଗାନକୁ ଜିତାଇଥିଲେ। ଏହି ବିଜୟ ସହ ୨୨ ମ୍ୟାଚ୍ ଖେଳି ମୋହନ ବାଗାନ ୫୨ ପଏଣ୍ଟ ପାଇ ତାଲିକା ଶୀର୍ଷକୁ ଉଠିବା ସହ ଲିଗ୍ ସିଲ୍ଡ ହାସଲ କରିଛି ଓ ଏହାକୁ ବଜାୟ ରଖିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS